بِسْمِ اللّٰهِ الرَّحْمٰنِ الرَّحِيْمِ    نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ    وَعَلٰى عَبْدِهِ الْمَسِيْحِ الْمَوْعُوْد

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 3

ସଂଖ୍ୟା 41

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

11 ଅକ୍ଟୋବର୍ 2018    11 ଇଖା 1397 ହି.ଶ    01 ସଫର୍ 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

إِنْ تُبْدُوا الصَّدَقٰتِ فَنِعِمَّا هِيَ ۚ وَإِنْ
تُخْفُوْهَا وَتُؤْتُوْهَا الْفُقَرَآءَ فَهُوَ خَيْرٌ لَّكُمْ ؕ
وَيُكَفِّرُ عَنْكُمْ مِّنْ سَيِّاٰتِكُمْ ؕ وَاللّٰهُ بِمَا
تَعْمَلُوْنَ خَبِيْرٌ ۝ (سورۃ البقرہ:272)

**ଅନୁବାଦ** - ଯଦି ତୁମେମାନେ ପ୍ରକାଶ୍ୟରେ ଦାନ କର ତେବେ ତାହା ମଧ୍ୟ ଉତ୍କୃଷ୍ଟ (ପନ୍ଥା) ଅଟେ ଏବଂ ଯଦି ତୁମେମାନେ ତାହା ଗୋପନରେ ଦରିଦ୍ରମାନଙ୍କୁ ଦାନ କର ତେବେ ତାହା ତୁମମାନଙ୍କ ପାଇଁ ଉତ୍କୃଷ୍ଟତର ହେବ ଏବଂ ସେ (ଅଲ୍ଲାଃ ଏଥିଯୋଗୁ) ତୁମମାନଙ୍କର ଅନେକ ଦୁଷ୍କର୍ମକୁ ତୁମଠାରୁ ଦୂର କରିଦେବେ ଏବଂ ତୁମେମାନେ ଯାହାକିଛି କରୁଅଛ ଅଲ୍ଲାଃ ସେ ବିଷୟରେ ଅବଗତ ଅଛନ୍ତି ।

(ବକ୍ରାଃ : ୨୭୨)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ମୋତେ ୧୪ଶଦିର ପ୍ରାରମ୍ଭରେ, ଯେପରିକି ମସି ଇବ୍‌ନେ ମରିୟମ୍ ୧୪ ଶଦିରେ ଆସିଥିଲେ, ମସିହୁଲ୍ ଇସ୍‌ଲାମ୍ କରି ପଠାଇଛନ୍ତି । ମୋପାଇଁ ନିଜର ଜବର୍‌ଦସ୍ତ ନିଦର୍ଶନ ଦେଖାଇଉନ୍ତି । ଆକାଶ ତଳେ କୌଣସି ମୁଖାଲିଫ୍ (ସେ) ମୁସଲ୍‌ମାନ୍ ହୁଅନ୍ତୁ, ୟୁହୁଦୀ ହୁଅନ୍ତୁ ବା ଇସାଇ ଇତ୍ୟାଦି ହୁଅନ୍ତୁ ସେମାନଙ୍କୁ ଏ ଶକ୍ତିନାହିଁ କି ତାର ମୁକାବିଲା କରିବେ ଓ ଇଶ୍ୱରଙ୍କ ମୁକାବିଲା ଅସମର୍ଥ ଓ ତୁଚ୍ଛ ମଣିଷ କଣ କରିପାରିବ । ଏହା ହେଉଛି ସେହି ମୁଳଦୁଆ ଇଟା ଯାହାକୁ ଇଶ୍ୱରଙ୍କ ତରଫରୁ ଲଗାଯାଇଛି । ପ୍ରତ୍ୟେକ ଯିଏ ଏହି ଇଟାକୁ ଭାଙ୍ଗିବାକୁ ଚାହିଁବ ସେ ଭାଙ୍ଗୀ ପାରିବ ନାହିଁ କିନ୍ତୁ ଏହି ଇଟା ଯେତେବେଳେ ତା ଉପରେ ପଡ଼ିବ ତାକୁ ଖଣ୍ଡ ଖଣ୍ଡ କରିଦେବ । କାରଣ ଏ ଇଟା ହେଉଛି ଖୁଦାଙ୍କର ଓ ହାତ ମଧ୍ୟ ହେଉଛି ଖୁଦାଙ୍କର ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତିବାଣୀ

ଏହା ମଧ୍ୟ ମନେରଖିବା ଉଚିତ୍ କି ସୁରା ଫାତିହାର ମହାନ୍ ଉଦ୍ଦେଶ୍ୟ ଗୁଡିକ ମଧ୍ୟରେ ଏ ଦୁଆ ମଧ୍ୟ ରହିଛି କି *ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍* ଯେଉଁଭଳି ଇଞ୍ଜିଲ୍‌ର ଦୁଆଗୁଡିକରେ ରୋଟି ମଗାଯାଇଅଛି । ଏହି ଦୁଆରେ ଖୁଦାତାଲାଙ୍କ ଠାରୁ ସେହି ସମସ୍ତ ନେମତ୍ (ପୁରସ୍କାର) ମଗାଯାଇଅଛି, ଯାହାସବୁ ପୂର୍ବରୁ ଆସିଥିବା ରସୁଲ୍ ଓ ନବୀମାନଙ୍କୁ ପ୍ରଦାନ କରାଯାଇଥିଲା । ଏହି ମୁକାବିଲା ମଧ୍ୟ ଦେଖିବା ଯୋଗ୍ୟ । ଏବଂ ଯେଉଁଭଳି ହଜ୍‌ରତ୍ ମସିହ୍‌ଙ୍କ ଦୁଆ କୁବୁଲ୍ (ଗ୍ରହଣୀୟ) ହୋଇ ଇସାଇ ମାନଙ୍କୁ ରୋଟି ସମ୍ବନ୍ଧୀୟ ବହୁତ କିଛି ସାମାନ୍ ମିଳିଗଲା ସେହିପରି ପବିତ୍ର କୋରାନ୍‌ର ଏହି ଦୁଆଟି ଆଁ ହଜ୍‌ରତ୍ ସ:ଆ:ସଙ୍କ ଜରିଆରେ ଗ୍ରହଣୀୟ ହୋଇ ଯୋଗ୍ୟ ମୁସଲ୍‌ମାନ୍ ମାନଙ୍କୁ, ବିଶେଷତଃ ବନି ଇସ୍‌ରାଇଲ୍‌ର ନବୀମାନଙ୍କ ଉତରାଧିକାରୀ ରୂପେ ବିବେଚିତ କରାଇଲା ଓ ମସିହ୍ ମଉଦ୍‌ଙ୍କ ଏହି ଉମତ୍‌ରେ ଜନ୍ମ ହେବା ମଧ୍ୟ ଦୁଆ ଗ୍ରହଣୀୟ ହେବାର ଫଳ । କାରଣ ଯଦିଚ ଲୁକ୍କାୟିତ ରୂପେ ଅନେକ ଯୋଗ୍ୟ ବ୍ୟକ୍ତି ବନି ଇସ୍‌ରାଇଲ୍‌ର ନବୀମାନଙ୍କ ସାଦୃଶ୍ୟତାରୁ ଭାଗ ପାଇଛନ୍ତି କିନ୍ତୁ ଏହି ଉମତ୍‌ର ମସିହ୍ ମଉଦ୍‌ଙ୍କୁ ସ୍ପଷ୍ଟ ରୂପେ ଖୁଦାଙ୍କ ନିର୍ଦ୍ଦେଶ ଓ ଅନୁମତି ଦ୍ୱାରା ଇସ୍‌ରାଇଲିୟ ମସିହ୍‌ଙ୍କ ମୁକାବିଲାରେ ଛିଡା କରାଯାଇଛି । ଯଦ୍ୱାରା ମୁସୁୱି ଏବଂ ମୁହମ୍ମଦି ସିଲ୍‌ସିଲାର ସମାନତା ବୁଝାପଡ଼ିବ । ସେଇଥିପାଇଁ ଏହି ମସିହ୍‌ଙ୍କୁ ଇବ୍‌ନେ ମରିୟମ୍‌ଙ୍କ ସହିତ ପ୍ରତ୍ୟେକ ପାର୍ଶ୍ୱରୁ ଉପମା ଦିଆଯାଇଛି । ଏପରିକି ଏହି ଇବ୍‌ନେ ମରିୟମ୍ ଉପରେ ଇସ୍‌ରାଇଲିୟ ଇବ୍‌ନେ ମରିୟମ୍‌ଙ୍କ ସଦୃଶ ଇବ୍‌ତିଲା (ପରୀକ୍ଷା) ଆସିବ । ପ୍ରଥମତଃ ଯେପରି ଇସା ଇବ୍‌ନେ ମରିୟମ୍ କେବଳ ଖୁଦାଙ୍କ ଫୁଙ୍କରୁ ସୃଷ୍ଟି କରାଗଲେ ସେହିଭଳି ଏ ମସିହ୍ ମଧ୍ୟ ସୁରା ତହ୍‌ରିମ୍‌ର ପ୍ରତିଶୃତି ମୁତାବକ କେବଳ ଖୁଦାଙ୍କ ଫୁଙ୍ଗ ଦ୍ୱାରା ମରିୟମ୍‌ଙ୍କ ଭିତରେ ସୃଷ୍ଟି କରାଗଲା ଓ ଯେପରି ଇସା ଇବ୍‌ନେ ମରିୟମ୍‌ଙ୍କ ଜନ୍ମ ପରେ ବହୁତ କୋଳାହଳ ସୃଷ୍ଟି ହୋଇଥିଲା ଓ ଅନ୍ଧବିରୋଧିମାନେ ମରିୟମ୍‌କୁ କହିଲେ *ଲକଦ୍ ଜିଇତି ଶଇଅନ୍ ଫରିୟନ୍* ସେହିଭଳି ଏ ସ୍ଥାନରେ ମଧ୍ୟ କୁହାଗଲା ଓ କୋଳାହଳ ମଧ୍ୟ କରାଗଲା ଓ ଯେପରି ଇଶ୍ୱର ଇସ୍‌ରାଇଲିୟ ମରିୟମ୍‌ଙ୍କ ପ୍ରଶବ ସମୟରେ ମୁଖାଲି ମାନଙ୍କୁ ଇସାଙ୍କ ବାବଦରେ ଏ ଉତର ଦେଲେ *ଓ୍ୱଲି ନଜ୍‌ଅଲହୁ ଆୟତଲ୍ ଲିନ୍ନାସି ଓ୍ୱରହ୍‌ମତମ୍ ମିନ୍ନା ଓ୍ୱ କାନା ଅମ୍‌ରମ୍ ମକ୍‌ଜିୟା* ଏହି ଉତର ଖୁଦାତାଲା ମୋର ସମ୍ବନ୍ଧରେ ମଧ୍ୟ ବରାହିନେ ଅହେମଦୀୟାରେ ଆଧାତ୍ମିକ ପ୍ରଶବ ସମୟରେ ବ୍ୟଞ୍ଜନା ସ୍ୱରୂପ ବିରୋଧି ମାନଙ୍କୁ ଦେଇଛନ୍ତି ଓ ତାଙ୍କୁ କହିଲେ କି ତୁମେ ନିଜର ମିଥ୍ୟାରୋପ ଦ୍ୱାରା ଆକୁ ନିଃଶେଷ କରିପାରିବ ନାହିଁ । ମୁଁ ଏହାକୁ ଲୋକମାନଙ୍କ ନିମନ୍ତେ କରୁଣାର ନିଦର୍ଶନ ବନାଇବି ଓ ଏପରି ହେବା ପ୍ରାରମ୍ଭରୁ ଧାର୍ଯ୍ୟ ଥିଲା । ଓ ପୁଣି ଯେଉଁଭଳି ୟୁହୁଦିମାନଙ୍କ ଓ୍ୱଲେମାମାନେ ହଜ୍‌ରତ୍ ଇସାଙ୍କ ଉପରେ ତକ୍‌ଫିର୍ (ଅମାନ୍ୟକାରୀ)ର ଫତ୍‌ୱା ଲଗାଇଥିଲେ ଜଣେ ଦୁଷ୍ଟ ଫାଜିଲ୍ ୟୁହୁଦୀ ଉକ୍ତ ଫତ୍‌ୱାକୁ ପ୍ରସ୍ତୁତ କରି ଅନ୍ୟ ଫାଜିଲ୍ ମାନଙ୍କୁ ଏ ଫତ୍‌ୱା ଦେଇଥିଲା । ଏପରିକି ବଇତୁଲ୍ ମୋକଦସର ଶହଶହ ଆଲିମ୍ ଫାଜିଲ୍, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଅହ୍‌ଲେ ହଦିସ୍ ଥିଲେ । ସେମାନେ ହଜ୍‌ରତ୍ ଇସାଙ୍କ ଉପରେ ତକ୍‌ଫିର୍‌ର ମୋହର ଲଗାଇଦେଲେ । ଏହି ମାମଲା* ମୋ ସହିତ ହେଲା ଓ ପୁଣ ଯେପରିକି ସେହି ତକ୍‌ଫିର୍ ପରେ, ଯାହା ହଜ୍‌ରତ୍ ଇସାଙ୍କ ଉପରେ ଲଗାଯାଇଥିଲା ତାଙ୍କୁ ବହୁତ ହଇରାଣ କରାଯାଇଥିଲା, ଭୀଷଣ ଗାଲିଗୁଲଜ ଦିଆଯାଇଥିଲା ଓ କୁଭାଷା ପ୍ରୟୋଗ କରାଯାଇ ପୁସ୍ତକ ଗୁଡିକ ଲେଖାଯାଇଥିଲା, ସେହି ଅବସ୍ଥା ଏଠାରେ ମଧ୍ୟ ପେଶ୍ କରାଯାଇଛି । ୧୮୦୦ ବର୍ଷ ପରେ ସେହି ଇସା ପୁଣି ଜନ୍ମ ହୋଇଗଲେ ଓ ସେହି ସମସ୍ତ ୟୁହୁଦୀମାନେ ପୁଣି ଜନ୍ମ ହୋଇଗଲେ । ଆଃ ଏହି ଅର୍ଥ ତ ଏହି ପେଶ୍‌ଗୋଇରେ ଥିଲା କି *ଗୈରିଲ୍ ମଗ୍‌ଜୁବେ ଆଲୈହିମ୍* ଯାହାକୁ ଇଶ୍ୱର ପ୍ରଥମରୁ ବୁଝାଇ ଦେଇଥିଲେ । କିନ୍ତୁ ସେହି ଲୋକମାନେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିଲେ ନାହିଁ ଯେପର୍ଯ୍ୟନ୍ତ ସେମାନେ ୟୁହୁଦୀମାନଙ୍କ ପରି ମଗ୍‌ଯୁବେ ଆଲୈହିମ୍ ହୋଇ ନ ଯାଇଛନ୍ତି । ଏହି ସମାନତାର ଗୋଟିଏ ଇଟା ଇଶ୍ୱର ନିଜ ହାତରେ ଲଗାଇଛନ୍ତି ଅର୍ଥାତ୍ ମୋତେ ୧୪ଶଦିର ପ୍ରାରମ୍ଭରେ, ଯେପରିକି ମସି ଇବ୍‌ନେ ମରିୟମ୍ ୧୪ ଶଦିରେ ଆସିଥିଲେ, ମସିହୁଲ୍ ଇସ୍‌ଲାମ୍ କରି ପଠାଇଛନ୍ତି । ମୋପାଇଁ ନିଜର ଜବର୍‌ଦସ୍ତ ନିଦର୍ଶନ ଦେଖାଇଉନ୍ତି । ଆକାଶ ତଳେ କୌଣସି ମୁଖାଲିଫ୍ (ସେ) ମୁସଲ୍‌ମାନ୍ ହୁଅନ୍ତୁ, ୟୁହୁଦୀ ହୁଅନ୍ତୁ ବା ଇସାଇ ଇତ୍ୟାଦି ହୁଅନ୍ତୁ ସେମାନଙ୍କୁ ଏ ଶକ୍ତିନାହିଁ କି ତାର ମୁକାବିଲା କରିବେ ଓ ଇଶ୍ୱରଙ୍କ ମୁକାବିଲା ଅସମର୍ଥ ଓ ତୁଚ୍ଛ ମଣିଷ କଣ କରିପାରିବ । ଏହା ହେଉଛି ସେହି ମୁଳଦୁଆ ଇଟା ଯାହାକୁ ଇଶ୍ୱରଙ୍କ ତରଫରୁ ଲଗାଯାଇଛି । ପ୍ରତ୍ୟେକ ଯିଏ ଏହି ଇଟାକୁ ଭାଙ୍ଗିବାକୁ ଚାହିଁବ ସେ ଭାଙ୍ଗୀ ପାରିବ ନାହିଁ କିନ୍ତୁ ଏହି ଇଟା ଯେତେବେଳେ ତା ଉପରେ ପଡ଼ିବ ତାକୁ ଖଣ୍ଡ ଖଣ୍ଡ କରିଦେବ । କାରଣ ଏ ଇଟା ହେଉଛି ଖୁଦାଙ୍କର ଓ ହାତ ମଧ୍ୟ ହେଉଛି ଖୁଦାଙ୍କର । ଓ ଦ୍ୱିତୀୟ ଇଟାଟି ମୋ ବିରୋଧିମାନେ ପ୍ରସ୍ତୁତ କରି ତା ମୁକାବିଲାରେ ରଖିଦେଇଛନ୍ତି ଅର୍ଥାତ୍ ମୋ ମୁକାବିଲାରେ ସେମାନେ ଏପରି କାର୍ଯ୍ୟ କରିଛନ୍ତି ଯେଉଁ କାର୍ଯ୍ୟକୁ ସେ ସମୟର ୟୁହୁଦୀମାନେ କରିଥିଲେ । ଏପରି କି ମୋତେ ନିଃଶେଷ କରିଦେବା ପାଇଁ ମୋ ଉପରେ ହତ୍ୟା କରିବାର ମୋକଦ୍ଦମା ଲଗାଗଲା ଯାହାର ଖବର ମୋତେ ପୂର୍ବରୁ ମୋ ଖୁଦା ଦେଇଥିଲେ ।

*ହଜ୍‌ରତ୍ ଇସା ଆ:ସଙ୍କ ସମୟରେ ୟୁହୁଦୀମାନେ ଯଦିଚ ବହୁତ ଫିର୍‌କା (ଗୋଷ୍ଠୀ)ରେ ଥିଲେ କିନ୍ତୁ ଯେଉଁମାନେ ହକ୍ ବୋଲି ବିବେଚିତ ହେଉଥିଲେ ସେମାନେ ଦୁଇଟି ଫିର୍‌କା ହୋଇଯାଇଥିଲେ । (୧)ପ୍ରଥମ ଗୋଷ୍ଠୀ ହେଉଛି ସେମାନେ ଯେଉଁମାନେ ତୌରିୟତ୍ ଉପରେ ପରିଚାଳିତ ହେଉଥିଲେ ଓ ସେଥିରୁ ସମସ୍ୟା ଗୁଡିକର ସମାଧାନ କରୁଥିଲେ । (୨)ଦ୍ୱିତୀୟ ଫିର୍‌କା ଅହ୍‌ଲେ ହଦିସ୍ ଥିଲା ଯେଉଁମାନେ ଆହାଦିସ୍‌କୁ କାଜି ବିବେଚନା କରୁଥିଲେ । ଏହି ଅହ୍‌ଲେ ହଦିସ୍ ଇସ୍‌ରାଇଲିୟ ସହରରେ ବହୁତ ମାତ୍ରାରେ ବ୍ୟାପିଯାଇଥିଲେ ଓ ଏପରି ହଦିସ୍ ଗୁଡିକ ଉପରେ ଅମଳ କରୁଥିଲେ ଯାହା ଅଧିକାଂଶ ତୌରିୟତ୍‌କୁ ବିରୋଧ କରୁଥିଲା ଓ ସେମାନଙ୍କର ଏ ଯୁକ୍ତ ଥିଲା କି କିଛି ଶରିୟତି ମାମଲା ଉଦାହାଣ ସ୍ୱରୂପ ଉପାସନା କରିବା ଓ ମାମଲା ଗୁଡିକ ଓ କାନୁନ୍‌ର କୃତ୍ରିମ ସମସ୍ୟା ତୌରିୟତ୍‌ରୁ ମିଳୁନାହିଁ । ଏ ସମ୍ବନ୍ଧରେ ହଦିସ୍‌ରୁ ଏତେଲା ମିଳୁଛି ଓ ହଦିସ୍ ପୁସ୍ତକର ନାମ ଥିଲା ତାଲ୍‌ମୁଦ୍ ଓ ସେଥିରେ ପ୍ରତ୍ୟେକ ନବୀମାନଙ୍କ ଯୁଗର ହଦିସ୍ ଥିଲା । ଏହି ହଦିସ୍ ଗୁଡିକ ବହୁକଳା ପର୍ଯ୍ୟନ୍ତ ମୁହଁରେ ରହିଥିଲା ଓ ବହୁକାଳ ପରେ ଏହାକୁ ଖେଖାଯାଉଥିଲା । ସେଇଥିପାଇଁ ସେଥିରେ କିଛି ବିଷୟ ମଧ୍ୟ ମିଶିଯାଇଥିଲା । ଏହାର କାରଣ ହେଉଛି କି ସେ ସମୟରେ ୟୁହୁଦୀମାନଙ୍କର ୭୩ ଫିର୍‌କା ହୋଇଯାଇଥିଲା ଓ ପ୍ରତ୍ୟେକ ଫିର୍କା ନିଜ ନିଜର ହଦିସ୍ ଅଲଗା ଅଲଗା ରଖିଥିଲେ । ମୋହଦିସ୍‌ମାନେ ତୌରିୟତ୍ ପ୍ରତି ଧ୍ୟାନ ଦେବା ଛାଡି ଦେଇଥିଲେ । ଅଧିକାଂଶ ହଦିସ୍ ଉପରେ ଅମଳ ହେଉଥିଲା । ଓ ତୌରିୟତ୍ ଏକ ପରିତ୍ୟକ୍ତ ଅବସ୍ଥାରେ ଛଡା ଯାଇଥିଲା । ଯଦି ତାହା ହଦିସ୍ ମୁତାବକ ହେଉଥିଲା ତେବେ ତାକୁ ମାନୁଥିଲେ ନଚେତ୍ ପରିତ୍ୟାଗ କରୁଥିଲେ । ସୁତରାଂ ସେ ସମୟରେ ହଜ୍‌ରତ୍ ଇସା ଆ:ସ ଜନ୍ମ ହେଲେ ଏବଂ ସେମାନଙ୍କର ସମ୍ମୁଖରେ ବିଶେଷତଃ ଅହ୍‌ଲେ ହଦିସ୍ ଥିଲେ ଯେଉଁମାନେ ତୌରିଅତ୍ ଠାରୁ ଅଧିକା ହଦିସ୍‌କୁ ସମ୍ମାନ କରୁଥିଲେ ଓ ନବୀମାନଙ୍କ ଐଶି ପୁସ୍ତକରେ ପ୍ରଥମରୁ ଏ ଖବର ଦିଆଯାଇଥଲା କି ଯେତେବେଳେ ୟୁହୁଦୀମାନେ ଅନେକ ଫିର୍‌କାରେ ଭାଗଭାଗ ହୋଇଯିବେ ଓ ଖୁଦାଙ୍କ ପୁସ୍ତକକୁ ପରିତ୍ୟାଗ କରି ତା ପ୍ରତିବଦଳରେ ହଦିସ୍ ଉପରେ ଅମଳ କରିବେ ସେତେବେଳେ ସେମାନଙ୍କୁ ଜଣେ ହକମ୍ ଅଦଲ୍ (ନ୍ୟାୟ ନିଷ୍ପତି କରିବା ବାଲା) ଦିଆଯିବ ଯିଏ ମସିହ୍ ବୋଲାଇବ ଓ ସେମାନେ ତାକୁ ଗ୍ରହଣ କରିବେ ନାହିଁ । ଶେଷରେ ଭୀଷଣ ଅଜାବ୍ (ଦଣ୍ଡ) ସେମାନଙ୍କ ଉପରେ ଅବତୀର୍ଣ୍ଣ ହେବ ଓ ତାହା ତାଉନ୍ (ର) ଦଣ୍ଡ ଥିଲା । ନଉଜୁବିଲ୍ଲାଃ - ମିନ୍‌ହୁ ।

**(କଶ୍‌ତିନୁହଁ ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୫୨-୫୪)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା-୧୧ ର ଅବଶିଷ୍ଟାଂଶ......*

ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଭୟ କରନାହିଁ । ମୁଁ ମଧ୍ୟ ଜଣେ ମଣିଷ ଓ ଜଣେ ମହିଳାଙ୍କ ପିଲା, ଯାହାକୁ ଖାଦ୍ୟ ଖାଇବା ପାଇଁ ମଧ୍ୟ ଆବଶ୍ୟକ ପଡ଼ିଥାଏ । ସେ ଯାହା ହେଉ ଆମେ ସମସ୍ତେ ମାନବ କିନ୍ତୁ ଯଦି ସମ୍ମାନ ଦେବାଯୋଗୁ କୌଣସି ବ୍ୟକ୍ତି ଭାବବିହୋଳ ହୋଇ ନିଜ କଥାକୁ ବର୍ଣ୍ଣନା କରି ନପାରେ ତେବେ ତାହା ଗୋଟିଏ ଅଲଗା କଥା ନଚେତ୍ ମୋ ଠାରୁ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ।

ଜଣେ ଆଫ୍ରିକୀୟ ବନ୍ଧୁ ଯାହାଙ୍କ ସମ୍ବନ୍ଧ ଲଣ୍ଡନ୍ ସହିତ ଥିଲା, ସେ ପଚାରିଲେ କି କଣ ଜଣେ ଅହେମଦୀ ଝିଅ ଏପରି ସ୍କୁଲ୍‌ରେ ପାଠ ପଢ଼ିପାରିବ, ଯେଉଁ ସ୍କୁଲ୍‌ଟି ଗଏର୍ ଅହେମଦୀଙ୍କ ଅଧିନରେ ପରିଚାଳିତ ହେଉଥିବ ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏପରି କରିବାରେ କିଛି ମନା ତ ନାହିଁ ଯଦି ଜଣେ ଅହେମଦୀ ଝିଅ ଏପରି ଏକ ବାଳିକା ବିଦ୍ୟାଳୟ, ଯାହା ଗଏର୍ ଅହେମଦୀ ଅନ୍ତର୍ଗତ ଥିବ, ସେଠାରେ ସଠିକ୍ ଶିକ୍ଷା ହାସଲ କରିପାରୁଥିବ ଓ ସେମାନେ ସେଠି କେବଳ ଧର୍ମନିରପେକ୍ଷ ଶିକ୍ଷା ଦେଉଥିବେ ତେବେ ଏପରି ସ୍କୁଲ୍‌ରେ ଶିକ୍ଷା ହାସଲ କରିବାରେ କୌଣସି ଅସୁବିଧା ନାହିଁ । ଆପଣଙ୍କ ସମ୍ବନ୍ଧ ଲଣ୍ଡନ୍ ସହିତ ଅଛି । ତେବେ ବତାନ୍ତୁ ସେଠାରେ କଣ କୌଣସି ଗଏର୍ ଅହେମଦୀ ସ୍କୁଲ୍ ଅଛି କି ? ଆପଣଙ୍କ ସମସ୍ତ ପିଲାମାନେ ସରକାରୀ ସ୍କୁଲ୍‌ରେ ଶିକ୍ଷା ହାସଲ କରୁଛନ୍ତି ବା ପୁଣି କୌଣସି ଚର୍ଚ୍ଚ ସ୍କୁଲ୍‌ରେ ? ଯଦି ସେମାନେ ଚର୍ଚ୍ଚ୍ ସ୍କୁଲ୍‌ରେ ଶିକ୍ଷା ହାସଲ କରିପାରିବେ ତେବେ ପୁଣି ଗୋଟିଏ ଗଏର୍ ଅହେମଦୀ ସ୍କୁଲ୍‌ରେ କାହିଁକି ଶିକ୍ଷା ଗ୍ରହଣ କରିପାରିବେ ନାହିଁ ।

ଜଣେ ଅଣଜମାତ ମହିଳା ପ୍ରଶ୍ନ କଲେ କି ମୁଁ ଅହେମଦୀ ତ ନୁହେଁ ଓ ମୋ ସହିତ ମୋ ବାପା ମଧ୍ୟ ଏଠାରେ ଉପସ୍ଥିତ ଅଛନ୍ତି । ମୋର ପ୍ରଶ୍ନ ହେଉଛି ଏହା କି ଆପଣ ଏ ସଂସାରରେ କିପରି ପରିବର୍ତନ ଆଣିବାକୁ ଚାହୁଁଛନ୍ତି ? କାରଣ ଆଜିକାଲି ବହୁତ ଏପରି ଲୋକ ମିଳୁଛନ୍ତି ଯେଉଁମାନେ ଅହେମଦୀ ମୁସଲ୍‌ମାନଙ୍କ ଉପରେ ଆକ୍ରମଣ କରୁଛନ୍ତି ଓ ଏହିଭଳି ଅହେମଦୀ ମୁସଲ୍‌ମାନ୍‌ମାନେ ସୁରକ୍ଷିତ ନାହାଁନ୍ତି । ତେବେ ଆପଣ ଏହିପରି ଅବସ୍ଥାକୁ କିଭଳି ବଦଳାଇବାକୁ ଚାହୁଁଛନ୍ତି । ୟୁରୋପ୍‌ରେ ମଧ୍ୟ ଓ ସମଗ୍ର ପୃଥିବୀରେ ଥିବା ଦେଶଗୁଡିକରେ ମଧ୍ୟ ଅହେମଦୀମାନେ କିପରି ପରିବର୍ତନ ଆଣିପାରିବେ ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଅହେମଦୀୟା ମୁସ୍‌ଲିମ୍ ଜମାତ ହେଉଛି ଗୋଟିଏ ଧାର୍ମିକ ଜମାତ୍ । ଯେଉଁ ଧାର୍ମିକ ଜମାତ୍ ଗୁଡିକ ସୃଷ୍ଟି ହୋଇଥାଏ ତାହା ରାତାରାତି ସଂସାର ଉପରେ ବିଜୟ ପାଇନଥାଏ ଓ ନା ନିଜର ସମସ୍ତ ଇଲାକାରେ ବ୍ୟାପିପାରିଥାଏ । ଅନେକ ଅମ୍ବିୟା ଏପର୍ଯ୍ୟନ୍ତ ଆସିସାରିଛନ୍ତି । ଆମ ବିଶ୍ୱାସ ମୁତାବକ ପ୍ରତ୍ୟେକ ଦେଶରେ ନବୀ ଆସିଛନ୍ତି । କଣ ସେହି ନବୀମାନେ ସମଗ୍ର ସଂସାରରେ ପରିବର୍ତନ ଆଣିପାରିଛନ୍ତି ? ବା ପୁଣି ନିଜର ସମସ୍ତ ଇଲାକାରେ ପରିବର୍ତନ ଆଣିପାରିଛନ୍ତି କି ? ଏତେ ସଂଖ୍ୟକ ନବୀ ଆସିଛନ୍ତି ଯେଉଁମାନଙ୍କୁ ସେମାନଙ୍କ କୌମ୍ (ଜାତି) ମଧ୍ୟ ଗ୍ରହଣ କରିନାହାଁନ୍ତି ଓ ସେମାନଙ୍କ ବାର୍ତାକୁ ପ୍ରତ୍ୟଖ୍ୟାନ୍ କରିଦେଇଛନ୍ତି । ଏପରିକି ସେମାନଙ୍କ ଉପରେ ଅତ୍ୟାଚାର କରାଯାଇଛି । ପରିଶେଷରେ ଖୁଦାତାଲା ସେମାନଙ୍କ ଜାତିକୁ ଦଣ୍ଡ ଦେଇଛନ୍ତି । ଆମର ଏ ଇମାନ୍ ଅଛି କି ଅହେମଦୀୟା ମୁସ୍‌ଲିମ୍ ଜମାତ୍ ହେଉଛି ଗୋଟିଏ ଧାର୍ମିକ ଜମାତ୍ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଇମାମ୍ ମେହ୍‌ଦୀଙ୍କର ପ୍ରକଟ ଶେଷ ଯୁଗରେ ହେବାର ଥିଲା ଓ ସେ ଆସି ଇସ୍‌ଲାମୀୟ ଶିକ୍ଷାକୁ ପୁନର୍ବାର ଜିବୀତ କରାଇବାର ଥିଲା ଏବଂ ଇସ୍‌ଲାମ୍‌ର ବାର୍ତାକୁ ପ୍ରସାର ପ୍ରଚାର କରିବାର ଥିଲା । ବର୍ତମାନ ସମୟରେ ଯେବେ କି ମିଡିଆ ବହୁତ ଉନ୍ନତି କରିସାରିଛି ତେଣୁ ଆପଣମାନଙ୍କୁ ଏହି ସବୁ ମାର୍ଧ୍ୟମ ଜରିଆରେ ପୃଥିବୀର ପ୍ରତ୍ୟେକ କୋଣ ପର୍ଯ୍ୟନ୍ତ ସଫଳତା ହାସଲ ହେବ । ତେଣୁ ଆମେ ସମ୍ପୂର୍ଣ୍ଣ ରୂପେ ଏହି କାର୍ଯ୍ୟ କରୁଅଛୁ । ଜଣେ ବ୍ୟକ୍ତି ଏ ଦାବି କରିଛନ୍ତି । ସେ ମସିହ୍ ମଉଦ୍ ଅଟନ୍ତି । ଏବଂ ଗୋଟିଏ ଦୂରଦୁରାନ୍ତ ଇଲାକା କାଦିଆନ୍‌ରେ ବସବାସ କରୁଥିଲା । ଯାହା ହିନ୍ଦୁସ୍ତାନ୍‌ର ଗୋଟିଏ ପ୍ରଦେଶ ପଞ୍ଜାବରେ ଅବସ୍ଥିତ । ସେଠାକୁ କୌଣସି ସଡକ ରାସ୍ତା ନଥିଲା ଏବଂ ନା କୌଣସି ଟ୍ରେନ୍ ସଂଯୋଗ ହୋଇଥିଲା । ସେ ସମୟରେ ସେ ଦାବି କରିଛନ୍ତି ଓ ଅଲ୍ଲାଃତାଲାଙ୍କ ବାର୍ତା ଏହାଦ୍ୱାରା ଏହି ଛୋଟ ଗାଁ ରୁ ବାହାରକୁ ବ୍ୟାପିଗଲା । ହିନ୍ଦୁସ୍ତାନ୍‌ର ବଡ ବଡ ସହରରେ ପହଂଚିଲା । ପୁଣି ଉପ ମହାଦେଶ ପର୍ଯ୍ୟନ୍ତ ପହଂଚିଲା । ଓ ପୁଣି ଏହି ବାର୍ତା ସମସ୍ତ ସରହଦ ପାର ହୋଇ ଦୂରଦୂରାନ୍ତ ସ୍ଥାନହେ ପହଂଚିଲା । ବରଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରେ ହିଁ ଏହି ବାର୍ତା ଆମେରିକା ଓ ୟୁ.କେ ପର୍ଯ୍ୟନ୍ତ ମଧ୍ୟ ବ୍ୟାପିଯାଇଥିଲା । ସେବେଠାରୁ ଅହେମଦୀୟା ମୁସ୍‌ଲିମ୍ ଜମାତ ଅନବରତ ବ୍ୟାପି ଚାଲିଛି ଏବଂ ଆମେମାନେ ଏ ପୃଥିବର ୨୧୨ଟି ଦେଶରେ ପ୍ରସାର କରିସାରିଛୁ । ପ୍ରତ୍ୟେକ ବର୍ଷ ଆଫ୍ରିକା ଏବଂ ଦୁନିଆର ଅନ୍ୟ ଭାଗରେ ମଧ୍ୟ ବହୁ ସଂଖ୍ୟାରେ ଅହେମଦୀ ହେଉଛନ୍ତି । ଏବଂ ଆମେ ଦିନକୁ ଦିନ ବଢିଚାଲିଛୁ । ଏବଂ ଏ ଆଶା ରଖିଛୁ କି ଇନ୍‌ଶାଅଲ୍ଲାଃ ଗୋଟିଏ ଦିନ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ସମଗ୍ର ଦୁନିଆରେ ବ୍ୟାପିଯିବ ଓ ଅଧିକାଂଶ ଲୋକେ ଏହି ବାର୍ତାକୁ ମାନିନେବେ । ଏହାସବୁ ହେଉଛି ଅହେମଦୀୟା ମୁସ୍‌ଲିମ୍ ଜମାତ୍‌ର ତବ୍‌ଲିଗ୍ କାମ ଯୋଗୁ । ଆମେ ଏହା ତ କହୁନାହୁଁ କି ରାତାରାତି ସମଗ୍ର ସଂସାରରେ ପରିବର୍ତନ ଆଣିଦେବୁ ବୋଲି । କିନ୍ତୁ ଆମେ ଏ କାର୍ଯ୍ୟକୁ ଜାରି ରଖିବୁ ଓ ଆମେ ଆମର କାମକୁ ଛାଡିବୁ ନାହିଁ ଏବଂ ଇନ୍‌ଶାଅଲ୍ଲାଃ ଗୋଟିଏ ଦିନ ଆମେ ଲୋକମାନଙ୍କର ହୃଦୟକୁ ଜିତି ବିଜୟୀ ହେବୁ । ଆମେ ଏହିପରି ଲୋକମାନଙ୍କୁ ଇସ୍‌ଲାମ୍‌ର ପତାକା ତଳେ ଏକତ୍ରିତ କରାଇବୁ ଓ ଯେଉଁମାନେ ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କ ସମ୍ମୁଖରେ ନତମସ୍ତକ ହେବେ ଓ ଇସ୍‌ଲାମ୍‌ର ପୈଗମ୍ବର୍ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଖାତମୁନ୍ ନବୀଇନ୍ ହେବା ବିଷୟକୁ ଗ୍ରହଣ କରିନେବେ ।

ମରିସସ୍ ସହିତ ସମ୍ପର୍କ ରଖିଥିବା ଜଣେ ବନ୍ଧୁ କହିଲେ କି ହଜୁର୍ ଯେବେ ଆପଣଙ୍କର ଆସନ୍ତାକୁ କେବେ ଆଫ୍ରିକା ଗସ୍ତ ହେବ ତେବେ ମରିସସ୍‌କୁ ମଧ୍ୟ ମନେରଖିବେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ମରିସସ୍ ତ ଆଫ୍ରିକାର ସେହି ଇଲାକାରେ ଅବସ୍ଥିତ ଯାହା ଏସିଆର ନିକଟତର ଅଟେ । ଯଦି ମୁଁ ଆଫ୍ରିକା ଯିବି ତେବବେ ମଧ୍ୟ ମରିସସ୍ ଯାଇପାରିବି ନାହିଁ ।

ଆଉଜଣେ ବନ୍ଧୁ କହିଲେ କି, ଯାହାଙ୍କ ସମ୍ବନ୍ଧ କଙ୍ଗୋ ବ୍ରାଜାୱିଲ୍ ସହିତ ଅଛି, ଏବଂ ସେ ହେଉଛନ୍ତି ଜଣେ ପତ୍ରକାର ଓ ଅହେମଦୀ ନୁହଁନ୍ତି । ଖଲିଫାଙ୍କୁ ଦେଖି ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେଲି କି ଖଲିଫା ଆମ ଗହଣରେ ବସିଛନ୍ତି ଓ ସେ ସମ୍ପୂର୍ଣ୍ଣ ରୂପେ ଏପରି ଖଲିଫା ଲାଗୁନଥିଲେ ଯେଉଁପରି ଖଲିଫାଙ୍କ ସମ୍ବନ୍ଧରେ ଆମେ ଶୁଣି ଆସିଛୁ । ଇଏ ତ ସମ୍ପୂର୍ଣ୍ଣ ରୂପେ ଭିନ୍ନ ଥିଲେ । ମୁଁ ଏହା ବତାଇବାକୁ ଚାହୁଁଛି କି ଅସଲ ଇସ୍‌ଲାମ୍ ଆପଣଙ୍କ ନିକଟରେ ରହିଛି । ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ମଧ୍ୟ ଅଧ୍ୟୟନ କରିଛି । ହଜୁର୍ ଆମକୁ ଯେଉଁ ଇସ୍‌ଲାମ୍ ବିଷୟରେ ବତାଉଛନ୍ତି ତାହା ହେଉଛି ଶାନ୍ତି ଓ ପ୍ରେମର ଇସ୍‌ଲାମ୍ । ବର୍ତମାନ ଆମେ ଏ ସଂସାରକୁ କିପରି ପରିବର୍ତନ କରିପାରିବା । ଆମେ ପ୍ରତ୍ୟେକ ସ୍ଥାନରେ ଯୁଦ୍ଧ ଓ ବିଭ୍ରାଟକୁ ଦେଖୁଅଛୁ । ଆମକୁ ଏ ଯୁଦ୍ଧର ପ୍ରଚ୍ଛଦପଟରେ ପାଶ୍ଚାତ୍ୟ ଦେଶଗୁଡିକର ହାତ ଥିବାର ଦୃଷ୍ଟିଗୋଚର ହେଉଅଛି । ଏ ଯୁଦ୍ଧ ଆଫ୍ରିକାରେ ହେଉ ବା ମଧ୍ୟପ୍ରାଚ୍ୟରେ ହେଉ, ପ୍ରତ୍ୟେକ ସ୍ଥାନରେ ବଡ ଶକ୍ତି ରାଷ୍ଟ୍ରଗୁଡିକ ପଛରେ ଅଛନ୍ତି । ଆପଣ ଏବେ କିପରି ଏ ପୃଥିବୀରେ ପରିବର୍ତନ ଆଣିବାକୁ ଚାହୁଁଛନ୍ତି ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ପ୍ରଥମ କଥା ଏହା ହେଉଛି କି ଯେଉଁ କଥା ଆପଣ ଖିଲାଫତ୍ ସମ୍ବନ୍ଧରେ କହୁଛନ୍ତି ସେ ସମ୍ବନ୍ଧରେ ସ୍ୱଷ୍ଟ ହେଉକି କାହାକୁ ଏ ଅନୁମତି ନାହିଁ କି ସେ ନିଜେ କହିବ କି ମୁଁ ହେଉଛି ଖଲିଫା । ଖିଲାଫତ୍ ବ୍ୟବସ୍ଥା ନିମନ୍ତେ ଗୋଟିଏ ନିୟମିତ ସିଦ୍ଧାନ୍ତ ରହିଛି, ଯାହାକୁ ରସୁଲେ କରିମ୍ ସ:ଆ:ସ ବର୍ଣ୍ଣନା କରିଛନ୍ତି ଓ ତାହା ହେଉଛି ଏହା କି ଶେଷ ଯୁଗରେ ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍ ଆସିବେ ଓ ସେ ଇସ୍‌ଲାମ୍‌ର ଅସଲ ଶିକ୍ଷାକୁ ପୁନର୍ବାର ଜିବୀତ କରାଇବେ । ତା ପରେ ଯାଇ ଖିଲାଫତ୍‌ର ବ୍ୟବସ୍ଥା କାଏମ୍ ହେବ । ତେଣୁ ଏହା ହେଉଛି ସେହି ପ୍ରକୃତ ଖିଲାଫତ୍ ଓ ଏହା ସହିତ ହଜୁର୍ ସ:ଆ:ସ ଏ ଜମାନତ୍ ମଧ୍ୟ ଦେଇଛନ୍ତି କି ଏ ଖିଲାଫତ୍ ସଫଳ ହେବ ଓ ସମଗ୍ର ସଂସାର ଉପରେ ବିଜୟ ଲାଭ କରିବ ଓ ଲୋକମାନଙ୍କ ହୃଦୟରେ ମଧ୍ୟ ବିଜୟ ଲାଭ କରିବ ।

ଆମ ଇସ୍‌ଲାମ୍ କୌଣସି ନୁଆ ଇସ୍‌ଲାମ୍ ନୁହେଁ । ଆମ ଇସ୍‌ଲାମ୍ ହେଉଛି ସେହି ଇସ୍‌ଲାମ୍ ଯାହାକୁ ଆଁ ହଜ୍‌ରତ୍ ସ:ଆ:ସ ଆଣିଥିଲେ ଓ ସେହି ଇସ୍‌ଲାମ୍ ହେଉଛି ପ୍ରେମ, ଶାନ୍ତି ଓ ଭାଇଚାରାର ଇସ୍‌ଲାମ୍ । ଆପଣ ସ:ଆ:ସଙ୍କ ଯୁଗରେ ମଧ୍ୟ ଇସ୍‌ଲାମ୍ ୧୩ବର୍ଷ ପର୍ଯ୍ୟନ୍ତ ପ୍ରସାର ହୋଇନଥିଲା । ଯେତେବେଳେ ଆପଣ ସ:ଆ:ସ ମକ୍କାରୁ ହିଜ୍‌ରତ୍ କରି ମଦିନା ଚାଲିଗଲେ ଓ ମକା ନିବାସୀ ମଦିନାରେ ଅଳ୍ପ ସଂଖ୍ୟକ ମୁସଲ୍‌ମାନଙ୍କ ଉପରେ ଆକ୍ରମଣ କରିଥବଲେ ସେତେବେଳେ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ମୁସଲ୍‌ମାନ୍ ମାନଙ୍କୁ ନିଜର ପ୍ରତିରକ୍ଷା କରିବା ପାଇଁ ଅନୁମତି ଦେଇଥିଲେ କି ବର୍ତମାନ ତୁମେମାନେ ସେହି ଅତ୍ୟାଚାରୀ ମାନଙ୍କର ଉତର ଦେଇପାରିବ ଏବଂ ନିଜର ପ୍ରତିରକ୍ଷା କରିପାରିବ । ଯଦି ସେମାନେ ଆକ୍ରମଣ କରିବେ ତେବେ ବର୍ତମାନ ତୁମେ ସେମାନଙ୍କ ବିରୋଧରେ ଲଢ଼ି ମଧ୍ୟ ପାରିବ । ଏହା ସେହି ପ୍ରଥମ ନିର୍ଦ୍ଦେଶ ଥିଲା ପ୍ରତିରକ୍ଷା ଯୁଦ୍ଧର ଯାହା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କୁ ଦିଆଯାଇଥିଲା । ତତ୍ ସହିତ ଏହା ମଧ୍ୟ ସ୍ୱଷ୍ଟ କରି ଦିଆଗଲା ଓ ପବିତ୍ର କୋରାନ୍‌ରେ ଏହା ମଧ୍ୟ ମିଳୁଛି କି ଯଦି ତୁମେମାନେ ସେମାନଙ୍କ ଅତ୍ୟାଚାରର ଉତର ନଦେବ ତେବେ ସେମାନେ ନା କେବଳ ମୁସଲ୍‌ମାନ୍ ମାନଙ୍କୁ ଧ୍ୱଂସ କରିଦେବାକୁ ଚାହୁଁଛନ୍ତି ବରଂ ସେହି ସବୁ ଧର୍ମଗୁଡିକୁ ପୃଥିବୀ ପୃଷ୍ଠରୁ ଧ୍ୱଂସ କରିବାକୁ ଚାହୁଁଥିଲେ । ତେବେ ପୁଣି କୌଣସି ମନ୍ଦିର ବା ସିନାଗଜ୍ ବା ଚର୍ଚ୍ଚ୍ ବା ମସ୍‌ଜିଦ୍ ବଂଚିପାରିବ ନାହିଁ । ଯୁଦ୍ଧ କରିବା ପାଇଁ ଏହା ଥିଲା ପ୍ରଥମ ନିର୍ଦ୍ଦେଶ । ଏହାର ଅର୍ଥ ହେଉଛି କି ଯେଉଁ ନିର୍ଦ୍ଦେଶ ମୁସଲ୍‌ମାନ ମାନଙ୍କୁ ଦିଆଯାଇଥିଲା ତାହା ଏହା ଥିଲା କି ଶତୃମାନଙ୍କୁ ଏ ଶୈଳୀରେ ଉତର ଦିଆଯାଉ, ଯେଉଁ ଶୈଳୀରେ ସେମାନେ ଆକ୍ରମଣ କରୁଛନ୍ତି ଓ ଏହାର ଉଦ୍ଦେଶ୍ୟ କେବଳ ଏହା ଥିଲା କି ଏତଦ୍ୱାରା ଧର୍ମକୁ ବଂଚାଯାଉ । ପ୍ରକୃତ ଇସ୍‌ଲାମ୍ ଥିଲା ଏପରି ଏବଂ ବର୍ତମାନ ଯେଉଁମାନେ ଇସ୍‌ଲାମ୍‌ର ଶତୃ ଅଛନ୍ତି ସେମାନେ ଇସ୍‌ଲାମ୍ ବିରୋଧରେ ଯୁଦ୍ଧ କରୁନାହାଁନ୍ତି । ବର୍ତମାନ ଇସ୍‌ଲାମ୍ ଉପରେ ଆକ୍ରମଣ କରିବାର ଶୈଳୀ ବଦଳି ଯାଇଛି । ତେଣୁ ଆମକୁ ମଧ୍ୟ ଏହି ଶୈଳୀରେ ଉତର ଦେବା ଉଚିତ୍ ହେବ, ଯେଉଁ ଶୈଳୀରେ ଶତୃ ଇସ୍‌ଲାମ୍ ଉପରେ ଆକ୍ରମଣ କରୁଛନ୍ତି ଓ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ଜମାତ୍ ଅହେମଦୀୟା କରୁଅଛି କି ଇସ୍‌ଲାମ୍‌ର ବାସ୍ତବିକ ବାର୍ତା କିପରି ସମଗ୍ର ସଂସାରରେ ପ୍ରସାର କରାଯିବ ଓ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାକୁ ସଂସାରର ସମ୍ମୁଖରେ ରଖାଯିବ । ଆମେ ଏହି ଶୈଳୀରେ ତବ୍‌ଲିଗ୍ କରୁଅଛୁ କି ଲିଟ୍‌ରେଚର୍ ପ୍ରକାଶ କରୁଅଛୁ ଏବଂ ଇଲେକ୍‌ଟ୍ରୋନିକ୍ ମିଡିଆ ମାଧ୍ୟମରେ ମଧ୍ୟ ବାର୍ତା ବହଂଚାଉଛୁ । ଯେପରିକି ମୁଁ ବତାଇଲି ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଲୋକେ ଆମ ଜମାତ୍‌ରେ ସାମିଲ୍ ହେଉଛନ୍ତି । ଇନ୍‌ଶାଅଲ୍ଲାଃ ଦିନେ ନା ଦିନେ ଆମେ ସଂଖ୍ୟା ଗରିଷ୍ଟ ଲାଭ କରିବୁ ।

ପରିଶେଷରେ ହଜୁର୍ ଅନୁୱର୍ ଅ:ବ:ଅ ଦୁଆ କରାଇଲେ । ଏହା ସହିତ ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ସମାପ୍ତ ହେଲା । ଏହାପରେ ୯ଟା ବେଳେ ହଜୁର୍ ଅନୁୱର୍ ଅ:ବ:ଅ ପୁରୁଷ ଜଲ୍‌ସାଗାଃରେ ପହଂଚି ନମାଜ ମଗ୍‌ରିବ୍ ଏବଂ ଇସା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । (କ୍ରମଶଃ...)

***(ବହୱାଲା ଅଖବାର୍ ବଦର୍, ୨୭ ସେପ୍ଟେମ୍ବର୍ ୨୦୧୮)***

# ଖୁତ୍‌ବା ଜୁମା

ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଆଜିଠାରୁ ଜମାତ୍ ଅହେମଦୀୟା ବେଲ୍‌ଜିୟମ୍‌ର ଜଲ୍‌ସାସାଲାନା ଆରମ୍ଭ ହେଉଅଛି । ବହୁଦିନ ପରେ ଆପଣ ମାନଙ୍କର ଏହି ଜଲ୍‌ସାରେ ମୁଁ ସାମିଲ୍ ହୋଇଛି । ଏହା ଭିତରେ ଯେଉଁଠି ଜମାତ୍‌ରେ ଉନ୍ନତି ହୋଇଛି ସେଠାରେ ପୃଥିବୀର ଅନ୍ୟ ଜମାତ୍ ମାନଙ୍କ ପରି ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏଠାରେ ମଧ୍ୟ ଜମାତ୍ ବଢ଼ିଛି । ପାକିସ୍ତାନ୍‌ରୁ ଏଠାକୁ ହିଜରତ୍ କରି ଆସିଥିବା ଲୋକମାନେ ମଧ୍ୟ ବହୁତ ଏପରି ଅଛନ୍ତି, ଯେଉଁମାନେ ନୁଆ ସାମିଲ୍ ହୋଇଛନ୍ତି । ଏତଦ୍‌ବ୍ୟତୀତ ଆହୁରି ଅନେକ କଥରେ ଏଠାରେ ଉନ୍ନତି ଘଟିଛି । ଉଦାହରଣ ସ୍ୱରୂପ ମିସନ୍ ହାଉସ୍ ବଢ଼ିଯାଇଛି, ମସ୍‌ଜିଦ୍ ଓ ନମାଜ ସେଂଟର୍‌ରେ ମଧ୍ୟ ବୃଦ୍ଧି ଘଟିଛି । ବ୍ରିସେଲ୍‌ଜ୍‌ର ମସ୍‌ଜିଦ୍ ଯାହା ନିର୍ମାଣାଧିନ ଅଛି ତାହା ପାଖାପାଖି ସମ୍ପୂର୍ଣ୍ଣ ହେବାର ସ୍ତରରେ ପହଂଚିସାରିଛି ଓ ତାହା ଗୋଟିଏ ଭଲ୍ ମସ୍‌ଜିଦ୍ ତିଆରି ହେଉଛି । ଦୁଇଦିନ ପୂବେ ଆଲ୍‌କେନ୍ ସହରରେ ଗୋଟିଏ ମସ୍‌ଜିଦ୍ ମୁଁ ଉଦ୍‌ଘାଟନ କରିଛି । ତାହା ଗୋଟିଏ ବଡ ଯାଗାରେ ଅବସ୍ଥିତ । ସେହି ଯାଗା ଓ କୋଠୀ ଅଲ୍ଲାଃତାଲା ଜମାତ୍‌କୁ ପ୍ରଦାନ କରିଛନ୍ତି । ତେବେ ବାହ୍ୟ ଦୃଷ୍ଟିକୋଣରୁ ଆମେ ଦେଖୁଅଛେ କି ଏଠି ଜମାତ୍ ଉପରେ ବହୁତ କରୁଣା ଅବତୀର୍ଣ୍ଣ ହେଇଛି । କିନ୍ତୁ ଅଲ୍ଲାଃତାଲାଙ୍କର ଏହି କରୁଣା ଓ ଏହି ଅନୁଭବ ମଧ୍ୟ ଜମାତ୍‌ର ଲୋକମାନଙ୍କ ଭିତରେ ସୃଷ୍ଟି ହେବା ଉଚିତ୍ କି ଆମେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକୁ ବୁଝିବା, ମାନିବା ଏବଂ ଅମଲ କରିବାରେ ମଧ୍ୟ ନା କେବଳ ବାହ୍ୟ ଦୃଷ୍ଟିକୋଣରୁ ବରଂ ବାସ୍ତବିକ ପୂର୍ବାପେକ୍ଷା ବର୍ତମାନ ଉନ୍ନତି ପଥରେ ରହିବା ।

## ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଦ୍ଦେଶାବଳୀ ପ୍ରସଙ୍ଗରେ ଜଲ୍‌ସାସାଲାନାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଚର୍ଚ୍ଚା ଓ ସେ ଦୃଷ୍ଟିକୋଣରୁ ଜମାତ୍‌ର ସଦସ୍ୟମାନଙ୍କୁ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଉପଦେଶ

ପାକିସ୍ତାନ୍‌ରେ ଜଲ୍‌ସା ଉପରେ ପ୍ରତିବନ୍ଧକ ଲାଗିଛି । ତେଣୁ ସେଠିକାର ଲୋକମାନେ ଜଲ୍‌ସା କରିପାରୁ ନାହାଁନ୍ତି । ତେଣୁ ଏମ୍.ଟି.ଏ ମାଧ୍ୟମରେ ନିୟମିତ ଖୁତ୍‌ବାଗୁଡିକ ଶୁଣନ୍ତୁ, ଦେଖନ୍ତୁ, ଜଲ୍‌ସା ଦେଖନ୍ତୁ ଓ ପୁଣି ତା ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରନ୍ତୁ । ଏହି ମାଧ୍ୟମକୁ ଅଲ୍ଲାଃତାଲା ଆମପାଇଁ ଉନ୍ମୁକ୍ତ କରିଛନ୍ତି । ଜଲ୍‌ସାର ପ୍ରୋଗ୍ରାମ୍‌କୁ ଏମ୍.ଟି.ଏରେ ଦେଖାଯାଇ ସେଥିରୁ ଲାଭ ଉଠାଇବା ପାଇଁ ଚେଷ୍ଟା କରନ୍ତୁ । ଏହାଦ୍ୱାରା ୬୦-୭୦ ପ୍ରତିଶତ ତୃଷ୍ଣା ମେଂଟାଇ ଦିଆଯାଇପାରିବ ଏବଂ ଯଦି ପବିତ୍ର ପରିବର୍ତନ ଚାହିଁବେ ତେବେ ଏହା ଶତ ପ୍ରତିଶତ ହୋଇପାରିବ ।

### ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
### (ପ୍ରଦତ୍ତ: ୧୪ ସେପ୍ଟେମ୍ବର୍ ୨୦୧୮ ଅନୁଯାୟୀ ୧୪ ତବୁକ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଆଜିଠାରୁ ଜମାତ୍ ଅହେମଦୀୟା ବେଲ୍‌ଜିୟମ୍‌ର ଜଲ୍‌ସାସାଲାନା ଆରମ୍ଭ ହେଉଅଛି । ବହୁଦିନ ପରେ ଆପଣ ମାନଙ୍କର ଏହି ଜଲ୍‌ସାରେ ମୁଁ ସାମିଲ୍ ହୋଇଛି । ଏହା ଭିତରେ ଯେଉଁଠି ଜମାତ୍‌ରେ ଉନ୍ନତି ହୋଇଛି ସେଠାରେ ପୃଥିବୀର ଅନ୍ୟ ଜମାତ୍ ମାନଙ୍କ ପରି ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏଠାରେ ମଧ୍ୟ ଜମାତ୍ ବଢ଼ିଛି । ପାକିସ୍ତାନ୍‌ରୁ ଏଠାକୁ ହିଜରତ୍ କରି ଆସିଥିବା ଲୋକମାନେ ମଧ୍ୟ ବହୁତ ଏପରି ଅଛନ୍ତି, ଯେଉଁମାନେ ନୁଆ ସାମିଲ୍ ହୋଇଛନ୍ତି । ଏତଦ୍‌ବ୍ୟତୀତ ଆହୁରି ଅନେକ କଥରେ ଏଠାରେ ଉନ୍ନତି ଘଟିଛି । ଉଦାହରଣ ସ୍ୱରୂପ ମିସନ୍ ହାଉସ୍ ବଢ଼ିଯାଇଛି, ମସ୍‌ଜିଦ୍ ଓ ନମାଜ ସେଂଟର୍‌ରେ ମଧ୍ୟ ବୃଦ୍ଧି ଘଟିଛି । ବ୍ରିସେଲ୍‌ଜ୍‌ର ମସ୍‌ଜିଦ୍ ଯାହା ନିର୍ମାଣାଧିନ ଅଛି ତାହା ପାଖାପାଖି ସମ୍ପୂର୍ଣ୍ଣ ହେବାର ସ୍ତରରେ ପହଂଚିସାରିଛି ଓ ତାହା ଗୋଟିଏ ଭଲ୍ ମସ୍‌ଜିଦ୍ ତିଆରି ହେଉଛି । ଦୁଇଦିନ ପୂବେ ଆଲ୍‌କେନ୍ ସହରରେ ଗୋଟିଏ ମସ୍‌ଜିଦ୍ ମୁଁ ଉଦ୍‌ଘାଟନ କରିଛି । ତାହା ଗୋଟିଏ ବଡ ଯାଗାରେ ଅବସ୍ଥିତ । ସେହି ଯାଗା ଓ କୋଠୀ ଅଲ୍ଲାଃତାଲା ଜମାତ୍‌କୁ ପ୍ରଦାନ କରିଛନ୍ତି । ତେବେ ବାହ୍ୟ ଦୃଷ୍ଟିକୋଣରୁ ଆମେ ଦେଖୁଅଛେ କି ଏଠି ଜମାତ୍ ଉପରେ ବହୁତ କରୁଣା ଅବତୀର୍ଣ୍ଣ ହେଇଛି । କିନ୍ତୁ ଅଲ୍ଲାଃତାଲାଙ୍କର ଏହି କରୁଣା ଓ ଏହି ଅନୁଭବ ମଧ୍ୟ ଜମାତ୍‌ର ଲୋକମାନଙ୍କ ଭିତରେ ସୃଷ୍ଟି ହେବା ଉଚିତ୍ କି ଆମେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକୁ ବୁଝିବା, ମାନିବା ଏବଂ ଅମଲ କରିବାରେ ମଧ୍ୟ ନା କେବଳ ବାହ୍ୟ ଦୃଷ୍ଟିକୋଣରୁ ବରଂ ବାସ୍ତବିକ ପୂର୍ବାପେକ୍ଷା ବର୍ତମାନ ଉନ୍ନତି ପଥରେ ରହିବା । ଏବଂ ଏପରି ନ ହେଉ କି ଆମେ ଉନ୍ନତି କରି ଗୋଟିଏ ସ୍ଥାନରେ ଛିଡା ହୋଇଯିବା ବରଂ ଆମର ପ୍ରତ୍ୟେକ ଦିନ ଓ ପ୍ରତ୍ୟେକ ପାଦ ବିଗତ ଦିନଠାରୁ ଓ ପଛ ପାଦଠାରୁ ପୁଣ୍ୟ, ନିଷ୍ଠା ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ହେବାର ଉଦ୍ଦେଶ୍ୟକୁ ପୂରଣ କରିବାରେ ଉନ୍ନତି କରୁଥିବ ଓ ଆଗକୁ ବଢ଼ିବାର ଦୃଷ୍ଟିଗୋଚର ହେଉଥିବ । ନିଜ କୁକର୍ମ ଗୁଡିକ ଆମେ ପଛରେ ଛାଡିଯାଇଥିବା ଓ ପୁଣ୍ୟ କାର୍ଯ୍ୟରେ ଆମେ ନୁଆ ନୁଆ ଲକ୍ଷସ୍ଥଳକୁ ଅତିକ୍ରମ କରିଚାଲିଥିବା । ଯଦି ଏକଥା ଜମାତ୍‌ର ସଦସ୍ୟମାନଙ୍କ ମଧ୍ୟରେ ଦୃଷ୍ଟିଗୋଚର ହେବ ତେବେ ଆମେ ଏହା କହିପାରିବା କି ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରକଟ ହେବାର ଉଦ୍ଦେଶ୍ୟକୁ ହାସଲ କରିପାରିଛେ ବା ହାସଲ କରିବା ପାଇଁ ଚେଷ୍ଟା କରୁଅଛେ । ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ କରିବାର ହକ୍‌କୁ ପ୍ରଦାନ କରିବା ପାଇଁ ଚେଷ୍ଟା କରୁଅଛେ ।

ସୁତରାଂ ଏହି କଥାକୁ ବୁଝି ପ୍ରତ୍ୟେକ ସମୟରେ ନିଜ ନିଜର ଅନୁଶୀଳନ କରିବାର ଆବଶ୍ୟକ ରହିଛି ଓ ବିଶେଷ ରୂପେ ଏହି ଉନ୍ନତଶୀଳ ରାଷ୍ଟ୍ରଗୁଡିକରେ ଦିନୀ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହେବା ବା ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପାଳନ କରିବା ଯେବେକି ସ୍ୱାଧୀନତା ନାମରେ ଦିନୀ ପ୍ରତିବନ୍ଧକ ଓ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକର ମଧ୍ୟ ଏହି ସ୍ୱାଧୀନ ଦେଶଗୁଡିକରେ କୌଣସି ପ୍ରକାର ପରବାୟ କରାଯାଉନାହିଁ । ତେଣୁ ଏହି ଦେଶଗୁଡିକରେ ବିଶେଷ ରୂପେ ଧ୍ୟାନ ଆକର୍ଷଣ କରିବା ପାଇଁ ଚେଷ୍ଟା କରିବାର ଆବଶ୍ୟକତା ରହିଛି । ନଚେତ୍ ଦୀନ୍ ନାମରେ ଏହି ଦେଶଗୁଡିକରେ ଆସି ପୁଣି ଅଲ୍ଲାଃତାଲାଙ୍କ କଥାକୁ କୌଣସି ପ୍ରକାର ଗୁରୁତ୍ୱ ନଦେବା ଓ ସଂସାରରେ ମାତିଯିବା ଅଲ୍ଲାଃତାଲାଙ୍କ ଅପ୍ରସନ୍ନତାର କାରଣ ବନାଇଦିଏ । ଏଠାକୁ ଆସିଥିବା ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଦୀନ୍ ନାମରେ ଆସିଛନ୍ତି ଅର୍ଥାତ୍ ଏଥିପାଇଁ ଆସିଛନ୍ତି କି ଆପଣମାନଙ୍କୁ ନିଜ ଦେଶରେ ନିଜ ଦୀନ୍ ଉପରେ ଅମଲ କରିବା ପାଇଁ ସ୍ୱାଧିନତା ନଥିଲା । ତେଣୁ ଏ କଥାକୁ ସର୍ବଦା ମନେରଖିବା ଉଚିତ୍ ନଚେତ୍ ଏକଥା ମନେ ରଖନ୍ତୁ କି ଏଠାକୁ ଆସିଛନ୍ତି ଓ ଧର୍ମ ନାମରେ ଆସିଛନ୍ତି ଏବଂ ଅଲ୍ଲାଃତାଲାଙ୍କ ନାମରେ ଆସିଛନ୍ତି । ପୁଣି ଯଦି ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ନହେବେ ତେବେ ଏକଥା ଅଲ୍ଲାଃତାଲାଙ୍କୁ ନାରାଜ କରାଇଦେବ କିନ୍ତୁ ମନୁଷ୍ୟ ଯେହେତୁ ଦୁର୍ବଳ ତେଣୁ ଏହି ଦୁର୍ବଳତା ଯୋଗୁଁ ସଂସାର ପ୍ରତି ବେଳେବେଳେ ଢ଼ଳି ଯାଇଥାଏ । ଗୋଟିଏ ସୀମା ପର୍ଯ୍ୟନ୍ତ ସଂସାର ଆଡକୁ ଢ଼ଳିଯିବା ଓ ସଂସାର କମାଇବା ପାପ ନୁହେଁ । କିନ୍ତୁ ଏ ସଂସାର ଉପରେ ଭୌତିକବାଦୀଙ୍କ ପରି ପଡିରହିବାକୁ ଅଲ୍ଲାଃତାଲା ମନା କରୁଅଛି ଏବଂ ଏ ସମ୍ବନ୍ଧରେ ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ଖୋଲାଖୋଲି ରୂପେ ସ୍ପଷ୍ଟ କରି କହିଛନ୍ତି ।

ଗୋଟିଏ ଅବସରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଖୁଦାତାଲା ସାଂସାରିକ ମାୟା ମୋହକୁ ବୈଧ କରିଛନ୍ତି । ଯେଉଁ ସବୁ ସାଂସାରିକ କାର୍ଯ୍ୟକଳାପ ଅଛି ଓ କାର୍ଯ୍ୟବ୍ୟସ୍ତତା ସବୁ ଅଛି ତାହା ବୈଧ ଅଟେ । ଏଥିରେ କୌଣସି ପ୍ରକାର ପାପ ହେବନାହିଁ କାରଣ ଯଦି ଏହା ସବୁ ନହେବ ତେବେ ଏ ମାର୍ଗରେ ମଧ୍ୟ ପରୀକ୍ଷା ଆସିଯିବ ଓ ଏହି ପରୀକ୍ଷା କାରଣରୁ ମଣିଷ ଚୋର, ଜୁଆ ଖେଳାଳି, ଠକ, ଡକାୟତ ହୋଇଯାଏ ଓ ଅନେକ ଖରାପ ଅଭ୍ୟାସକୁ ଗ୍ରହଣ କରିନିଏ । ପୁଣି କହିଲେ- କିନ୍ତୁ ପ୍ରତ୍ୟେକ ଜିନିଷର ଗୋଟିଏ ସୀମା ଥାଏ । ସାଂସାରିକ କାର୍ଯ୍ୟକଳାପକୁ ଗୋଟିଏ ସୀମା ପର୍ଯ୍ୟନ୍ତ ଗ୍ରହଣ କର । ଅର୍ଥାତ୍ ତାହା ଧର୍ମ ମାର୍ଗରେ ତୁମପାଇଁ ସାହାଯ୍ୟକାରୀ ହେଉ ଓ ତାର ଉଦ୍ଦେଶ୍ୟ ଧର୍ମ ହେଉ । ପୁଣି କହିଲେ- ସୁତରାଂ ଆମେ ସାଂସାରିକ କାର୍ଯ୍ୟକଳାପ କରିବାପାଇଁ ମନା କରୁନାହୁଁ । ଅର୍ଥାତ୍ ଏ ଦୁନିଆରେ ଯେଉଁ କାର୍ଯ୍ୟବ୍ୟସ୍ତତା ଅଛି ସେଥିରୁ ମନାକରୁନାହୁଁ । କିନ୍ତୁ ଏ ସର୍ତ ରଖିଛୁ କି ଅସଲ ଉଦ୍ଦେଶ୍ୟ ଦୀନ୍ ହେବା ଉଚିତ୍ । ସୁତରାଂ ଜଣେ ଧାର୍ମିକ ପାଇଁ ଅର୍ଥାତ୍ ଏପରି ବ୍ୟକ୍ତି ପାଇଁ ଯିଏ ନିଜକୁ ଇଶ୍ୱରଙ୍କ ଧର୍ମ ଉପରେ ପରିଚାଳିତ ହେବାବାଲା ବୋଏ, ତା ପାଇଁ ଏହି ମୂଳ ସିଦ୍ଧାନ୍ତ କି ସଂସାର ଉପାର୍ଜନ କର, ଜୀବନର ଆବଶ୍ୟକତା ଗୁଡିକ ପୁରଣ କର, ନିଜ ସ୍ତ୍ରୀ ପିଲାଙ୍କ ଖର୍ଚ୍ଚ ଓ ନିଜ ଘରର ଦାୟିତ୍ୱଗୁଡିକୁ ବହନ କର । କାରଣ ଏହା ହେଉଛି ତୁମର କର୍ତବ୍ୟ । ସେଇଥିପାଇଁ ସେମାନଙ୍କ ପାଇଁ ସାଂସାରିକ କାରବାର କରିବା, କାମ କରିବା, ନୌକରି ଚାକିରି କରିବା ମଧ୍ୟ ଜରୁରୀ ଅଟେ । କିନ୍ତୁ ଏହି କାମ, ଏହି କାରବାର ଏବଂ ଏହି ନୌକରି ଚାକିରି ତୁମକୁ ଟଙ୍କା ଉପାର୍ଜନ କରିବାରେ ଏତେ ମାତ୍ରାରେ ଭୋଳ ନ କରିଦେଉ । ଅର୍ଥାତ୍ ଏଥିରେ ଏତେମାତ୍ରାରେ ବୁଡି ନଯାଉ କି ଯଦ୍ୱାରା ତୁମକୁ ଦୀନ୍‌ର କୌଣସି ଚିନ୍ତା ନ ରହିବ ଓ ସମସ୍ତ ପ୍ରକାର ଚିନ୍ତା କେବଳ ସଂସାର ଉପାର୍ଜନ କରିବାରେ ଘୁରି ବୁଲୁଥିବ । ସଂସାର ବି କମାଓ । ଏହା ଏଇଥିପାଇଁ କି ଅଲ୍ଲାଃତାଲାଙ୍କ ହୁକୁମ୍ ମୁତାବକ ସ୍ତ୍ରୀ ପିଲାଙ୍କ ହକ୍ ମଧ୍ୟ ପ୍ରଦାନ କରିବାକୁ ହେବ ଓ ଅଲ୍ଲାଃତାଲାଙ୍କ ମଖ୍‌ଲୁକ୍‌ଙ୍କ ହକ୍ ମଧ୍ୟ ପ୍ରଦାନ କରିବାକୁ ହେବ । ଅଲ୍ଲାଃତାଲାଙ୍କ ଦୀନ୍‌ର ସେବା କରିବାକୁ ହେବ । ତେଣୁ ଏ ଉଦ୍ଦେଶ୍ୟ ରହିବା ଉଚିତ୍ କି ସଂସାର ମଧ୍ୟ ମିଳୁ, ତତ୍ ସହିତ ଧର୍ମ ମଧ୍ୟ ହେଉ । ଆପଣ ଆ:ସ ଏହା ମଧ୍ୟ କହିଛନ୍ତି କି ଏପରି ନହେଉ କି ଦିନରାତି ସାସାରିକ ଧନ୍ଦା ଭିତରେ ମଜି ରହି ଖୁଦାତାଲାଙ୍କ ସ୍ଥାନକୁ ମଧ୍ୟ ସଂସାରକୁ ଉପାର୍ଜନ କରି ଭରିଦିଅ । ଅର୍ଥାତ୍ ଏପରି ନହେଉ କି ଅଲ୍ଲାଃତାଲାଙ୍କୁ ଯେଉଁ ହକ୍ ଦେବାକଥା ତାହା ମଧ୍ୟ ସାଂସାରିକ ବ୍ୟସ୍ତତାରେ ବିତାଇଦିଅ । ପୁଣି କହିଲେ ଯଦି କେହି ଏପରି କରୁଛି ତେବେ ସେ ବଂଚିତ ହେବାର ସାଧନ ପଂହଚାଉଛି ଓ ତା ମାହଁରେ

କେବଳ ଦାବି କରିବା ହିଁ ରହିଯାଉଛି । (ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୭୩, ଏଡ଼ିଶନ୍-୧୯୮୫, ମୁଦ୍ରଣ- ଇଂଲିସ୍ ସ୍ଥାନ) ତେଣୁ ଯଦି ସଂସାରରେ ବୁଡିଯିବେ ତେବେ ଧର୍ମରୁ ବଂଚିତ ହେବେ ଓ ଯେବେ ଧର୍ମରୁ ବଂଚିତ ହେବେ ତେବେ ପୁଣି ଦୀନ୍‌ର ଦାବି କରିବା ଓ ବୟତ୍‌ର ଦାବି କରିବା ଓ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ରଖିବାର ଦାବି କରିବା କେବଳ ଦାବି ଅଟେ । ଏହାଠାରୁ ଅଧିକା ତାହାର କୌଣସି ହୈସିୟତ୍ ନାହିଁ ଓ କୌଣସି ପ୍ରକାର ବାସ୍ତବିକତା ନାହିଁ । କହିବାକୁ ତ ଆମେ ହେଉଛେ ଅହେମଦୀ କିନ୍ତୁ ଯଦି ଆମେ ସଂସାର ଆଡକୁ ଢ଼ଳିଯିବା ଓ ଅଧିକ ସେଥିରେ ବୁଡି ରହିବା ତେବେ ଆମର କାର୍ଯ୍ୟକଳାପ ସେପରି, ଯେପରି ଅନ୍ୟମାନଙ୍କର ।

ପୁଣି ଏକଥାକୁ ଆଉଗୋଟିଏ ସ୍ଥାନରେ ଅଧିକ ସ୍ୱଷ୍ଟ ରୂପେ କହୁଛନ୍ତି କି ଏ ଦୁନିଆକୁ ହାସଲ କରିବାର ଉଦ୍ଦେଶ୍ୟ ଧର୍ମ ହେବା ଉଚିତ୍ । ଆପଣ ଆ:ସ କହୁଛନ୍ତି କି - ଇସ୍‌ଲାମ୍ ରହ୍‌ବାନିୟତ୍ (ବିବାହ ନ କରିବା)କୁ ମନା କରିଥାଏ । କାରଣ ଏହା ହେଉଛି ଭୀରୁମାନଙ୍କର କାର୍ଯ୍ୟ । ସଂସାରରୁ କଟି ଯିବା ହେଉଛି ଭୀରୁଙ୍କ କାର୍ଯ୍ୟ । ପୁରି କହୁଛନ୍ତି ସଂସାର ସହିତ ଜଣେ ମୋମିନ୍‌ର ସମପର୍କ ଯେତେ ବ୍ୟାପକ ହେବ ତାହା ତାର ଉଚ୍ଚତମ ପଦମର୍ଯ୍ୟାଦାର କାରଣ ହେବ । କାରଣ ଲକ୍ଷ ହେଉଛି ଦୀନ ହାସଲ୍ କରିବା ଏବଂ ଏ ସଂସାର, ଧନ ଦୌଲତ ହେଉଛନ୍ତି ଦୀନ୍‌ର ସେବକ ଅର୍ଥାତ୍ ଏ ସଂସାର ଓ ଏ ସଂସରରେ ଯେଉଁ ଧନ ଦୌଲତ ମିଳିଥାଏ ତାହା ସବୁ ଜଣେ ମୋମିନ୍‌କୁ ଜଣେ ଭୌତିକବାଦୀ ହେବାର ମାଧ୍ୟମ ରୂପେ ବନାଇନଥାଏ ଏବଂ ଏହା ସବୁକିଛି ତା ପାଇଁ ଦୀନ୍‌ର ସେବକ ରୂପେ କାର୍ଯ୍ୟ କରିଥାନ୍ତି । ତାର ପଦମର୍ଯ୍ୟାଦା ଦୀନ୍‌ର ଲାଭ ପାଇଁ ହୋଇଥାଏ । ତାର ଧନ ଦୌଲତ ମଧ୍ୟ ଦୀନ୍‌ର ଲାଭ ପାଇଁ ହୋଇଥାଏ । ଯେପରିକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ- ଯାହାର ଅର୍ଥ ହେଉଛି ଏହା କି ଧନ ସମ୍ପତି ଏପରି ଏକ ଗାଡ଼ି ଯାହା ଉପରେ ବସି ମଣିଷ ଧର୍ମର ଉଚ୍ଚତମ ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ପହଂଚିଥାଏ । ଯେବେ ସେହି ଜାଦେରାହ (ରାସ୍ତାରେ ଖର୍ଚ୍ଚ କରିବା ପାଇଁ ସମ୍ପତି)କୁ ମନୁଷ୍ୟ ନିଜ ଯାତ୍ରାକୁ ସହଜ କରିବା ପାଇଁ ସାଥିରେ ନେଇଥାଏ । ଭଲ ଗାଡ଼ି ଓ ଯାତ୍ରାର ସୁବିଧା ପାଇଁ ସାମାନ୍ ମଣିଷ ଏଇଥିପାଇଁ କରିଥାଏ ଯଦ୍ୱାରା ସହଜରେ ଲକ୍ଷ ସ୍ଥଳରେ ପହଂଚିପାରିବ । ତେଣୁ ଏହପରି ସଂସାରକୁ ହାସଲ କରି ତାର ବ୍ୟବହାର କର ଏବଂ ତାକୁ ଦୀନ୍‌ର ସେବକ ରୂପେ ବ୍ୟବହାର କର । ଏପରି ନହେଉ କି ନିଜେ ଏ ସଂସାରର ସେବକ ହୋଇ ଦୀନ୍ କୁ ଛାଡିଦିଅ । ପୁଣି ଆପଣ ଆ:ସ କହୁଛନ୍ତି କି ଅଲ୍ଲାଃତାଲା ଆମକୁ ଏହି ଯେଉଁ ଦୁଆ ଶିଖାଇଛନ୍ତି ଅର୍ଥାତ୍ *ରବ୍‌ବନା ଆତିନା ଫିଦ୍ ଦୁନିଆ ହସନତୌଁ ୱ ଫିଲ୍ ଆଖିରତି ହସ୍‌ନାଃ* । ଏଥିରେ ମଧ୍ୟ ସଂସାରକୁ ଅଗ୍ରାଧିକାର ଦିଆଯଇଛି । କହୁଛନ୍ତି-ଏଥିରେ ସଂସାରକୁ ଆଗରେ ରଖାଯାଇଛି କିନ୍ତୁ କେଉଁ ସଂସାରକୁ ? କହିଲେ- ହସନତୁଦ୍ ଦୁନିଆ କୁ ଅଗ୍ରାଧିକାର ଦିଆଯାଇଛି ଯାହା ଆଖରତ୍‌ରେ ହସନାତ୍ (ଉତମତା)ର କାରଣ ହେବ । ପୁଣି କହିଲେ କି ଏହି ଦୁଆର ଶିକ୍ଷାରୁ ସ୍ୱଷ୍ଟ ରୂପେ ବୁଝା ପଡ଼ିଯାଉଛି କି ଜଣେ ମୋମିନ୍‌ଙ୍କୁ ସଂସାର ହାସଲ କରିବା ପାଇଁ ହସନାତୁଲ୍ ଆଖିରତ୍‌କୁ ଧ୍ୟାନ ରଖିବା ଉଚିତ୍ ଏବଂ ତତ୍‌ସହିତ ହସନତ୍ ଦୁନିଆ ଶବ୍ଦରେ ସେହି ସମସ୍ତ ଉତମ ସାଧନ ଗୁଡିକ ହାସଲ କରିବା, ସଂସାର ହାସଲ କରିବା ଚର୍ଚ୍ଚାରେ ଆସିଗଲା ଯାହାକୁ ଜଣେ ମୋମିନ୍ ମୁସଲ୍‌ମାନ୍ ହାସଲ କରିବା ପାଇଁ ଗ୍ରହଣ କରିବା ଉଚିତ୍ । ଏ ସଂସାରକୁ ଏଭଳି ଶୈଳୀରେ ହାସଲ କର ଯାହାକୁ ଗ୍ରହଣ କରିବା ଦ୍ୱାରା ଭଲ ବି ଭଲ ହେବ । ନା କି ଏପରି ଶୈଳୀରେ ହାସଲ କର ଯଦ୍ୱାରା ମଣିଷର ଦୁଃଖର କାରଣ ହେବ । ଏହିପରି ଦୁନିଆ ନିଶ୍ଚିତ ରୂପେ *ହସନତୁଲ୍ ଆଖିରତେ* ର କାରଣ ହେବ । (ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୯୧-୯୨, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ତେଣୁ ଆମମାନଙ୍କ ମଧ୍ୟରୁ ସମସ୍ତଙ୍କୁ ଏପରି କରିବା ଉଚିତ୍ ଓ ଏପରି ସଂସାର ଉପାର୍ଜନ କରିବା ଉଚିତ୍ ଯାହା ପରକାଳ ପାଇଁ ଉତମ ଫଳର କାରଣ ହେବ । ଏପରି ନହେଉ କି ଏହି ସାଂସାରିକ ମାୟାମୋହରେ ଭୋଳ ହୋଇ ନିଜକୁ ଭୁଲିଯିବା ଓ ପରକାଳରେ ଉତମ ଫଳ ପାଇବା ପରିବର୍ତେ ଅଲ୍ଲାଃତାଲାଙ୍କୁ ଅସନ୍ତୁଷ୍ଟ କରିବାର କାରଣ ହେବା ଓ ଏ ଦୁନିଆର ମାୟାମୋହ ଓ ଭୋଗ ବିଳାସ ଏପରି କି ଯାହା ମନୁଷ୍ୟ ଭିତରେ ଅଧିକରୁ ଅଧିକ ବିଶୃଙ୍ଖଳା ସୃଷ୍ଟି କରିଥାଏ । ମଣିଷ ନିଜ ଆଡୁ ଏକଥା ଭାବିଥାଏ କି ଏ ଦୁନିଆରେ ମୋତେ ଶାନ୍ତି ମିଳିପାରିବ କିନ୍ତୁ ପ୍ରକୃତରେ ଶାନ୍ତି ମିଳିନଥାଏ ବରଂ ଅଶାନ୍ତି ସୃଷ୍ଟି ହୋଇଥାଏ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏକଥାକୁ ସ୍ୱଷ୍ଟ କରି କହୁଛନ୍ତି କି ଏପରି ଭାବନାହିଁ ଯେ କୌଣସି ପ୍ରକାଶ୍ୟ ଧନସମ୍ପତି ବା ହୁକୁମତ୍ ବା ଧନସମ୍ପତି ବା ମାନସମ୍ମାନ ବା ଅଧିକ ମାତ୍ରାରେ ସନ୍ତାନ ସନ୍ତତି କୌଣସି ବ୍ୟକ୍ତିଙ୍କୁ ଆରାମ୍, ଶାନ୍ତି ଓ ସ୍ଥିରତାର କାରଣ ହୋଇଥାଏ । ଓ ଏହା ସ୍ୱର୍ଗର କାରଣ ହୋଇଥାଏ ବୋଲି ଅର୍ଥାତ୍ ଯେପରି ସେ ସ୍ୱର୍ଗ ଭିତରେ ଅଛି ବା ତାକୁ ଏହି ସ୍ୱର୍ଗ ମିଳିଯାଇଛି ଯାହା ତୁମେ ଭାବୁଅଛ । କହିଲେ-ଏପରି କଦାପି ନୁହେଁ । ବାସ୍ତବରେ ସେହି ଶାନ୍ତି, ଆତ୍ମସନ୍ତୋଷ ଓ ତୃପ୍ତି ଯାହା ସ୍ୱର୍ଗର ପୁରସ୍କାର ମଧ୍ୟରୁ ଅଛି ଓ ଯେଉଁଥିରେ ସ୍ୱର୍ଗ ମିଳିପାରିବ ତାହା ସବୁ ଏହି ସାଂସାରିକ ବସ୍ତୁଦ୍ୱାରା ମିଳିନଥାଏ । ତାହା ଇଶ୍ୱରଙ୍କ ମଧ୍ୟରେ ଜୀବିତ ରହିବା ଓ ମରିବାରୁ ମିଳିପାରେ । ଯାହାପାଇଁ ଅମ୍ବେୟା ଆ:ସ ମାନେ ବିଶେଷ ରୂପେ ଇବ୍ରାହିମ୍ ଏବଂ ଯାକୁବ୍ ଆ:ସ ଙ୍କର ଏ ଉପଦେଶ ଥିଲା କି *ଫଲା ତମୁତୁନ୍ନା ଇଲ୍ଲା ୱ ଅନ୍‌ତୁମ୍ ମୁସ୍‌ଲିମୁନ୍* ଅର୍ଥାତ୍ ତୁମେ ସେପର୍ଯ୍ୟନ୍ତ ମରନାହିଁ ଯେପର୍ଯ୍ୟନ୍ତ ତୁମେ ଅଲ୍ଲାଃତାଲାଙ୍କ ଆଜ୍ଞାବହତା ସ୍ୱୀକାର ନ କରିଛ । ଏହାର ଅର୍ଥ ହେଉଛି ତୁମକୁ ସବୁବେଳେ ଅଲ୍ଲାଃତାଲାଙ୍କ ଆଜ୍ଞାବହତା ସ୍ୱୀକାର କରିବା ଅବସ୍ଥାରେ ରହିବା ଉଚିତ୍ । ମୃତ୍ୟୁର କୌଣସି ସମୟ ଧାର୍ଯ୍ୟ ନାହିଁ । ଏପରି ନହେଉ କି ମୃତ୍ୟୁ ଆସିଯିବ ଓ ତୁମେ ଆଜ୍ଞାବହତା ସ୍ୱିକାର କରିବାରୁ ଦୂରେଇ ଯାଇଥିବ । ଆପଣ ଆ:ସ କହୁଛନ୍ତି କି ସସଂାରର ସୁଖ ଏକପ୍ରକାର ଅପବିତ୍ର ଲାଳସା ସୃଷ୍ଟି କରି ତଲବ ଓ ଶୋଷକୁ ବଢ଼ାଇ ଦେଇଥାଏ । ଇସ୍‌ତିକାଆ ରୋଗୀଙ୍କ ପରି ତୃଷ୍ଣା ନିବାରଣ ହୋଇନଥାଏ ଅର୍ଥାତ୍ ଏପରି ରୋଗୀ ଯାହାର ରୋଗ ଏପରି ହୋଇଥାଏ କି ପାଣି ପିଇବା ଦ୍ୱାରା ମଧ୍ୟ ତାର ଶେଷ ମେଂଟି ନଥାଏ । ସେ ଏତେ ପାଣି ପିଏ କି ଶେଷରେ ସେ ଶେଷ ହୋଇଯାଏ । ତେଣୁ ଏପରି ବେକାର ଅଭିଳାଷା ଓ କାମନାର ବହ୍ନି ସବୁ ହେଉଛି ନିଆଁ ଯାହା ମନୁଷ୍ୟର ହୃଦୟକୁ ଶାନ୍ତି ପ୍ରଦାନ କରେନାହିଁ । ବରଂ ମନୁଷ୍ୟକୁ ଏକ ପ୍ରକାର ଅଧିରତା ଓ ବିଚଳତା ହୋଇଥାଏ । ପୁଣି କହୁଛନ୍ତି କି ସେଥିପାଇଁ ମୋ ବନ୍ଧୁମାନଙ୍କ ଦୃଷ୍ଟିରେ ଏକଥା କଦାପି ଲୁଚି ନରହୁ କି ମନୁଷ୍ୟ ଧନସମ୍ପତି ବା ସ୍ତ୍ରୀ ପିଲାଙ୍କ ପ୍ରେମରେ ଓ ଜୋସ୍ ଓ ନିଶାରେ ଏପରି ପାଗଳ ନ ହୋଇଯାଆନ୍ତୁ କି ଯଦ୍ୱାରା ଇଶ୍ୱରଙ୍କ ଓ ତା ମଧ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଯିବ । (ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୧୦୧-୧୦୨, ଏଡିଶନ୍-୧୯୮୫, ମୁଦ୍ରଣ- ଇଂଲିସ୍ ସ୍ଥାନ)ଅର୍ଥାତ୍ ଯଦି ସଂସାର ଓ ସାଂସାରିକ ବସ୍ତୁ ଗୁଡିକରେ ଆବଶ୍ୟକତାରୁ ଅଧିକା ମଜିଯିବ ଓ ବୁଡିଯିବ ତେବେ ଏପରି ଅବସ୍ଥା ସୃଷ୍ଟି ହୋଇଯାଇଥାଏ କି ଅଲ୍ଲାଃତାଲାଙ୍କ ପାଇବାରେ ଏକ ପ୍ରତିବନ୍ଧକ ସୃଷ୍ଟି ହୋଇଯାଏ । ଅର୍ଥାତ୍ ପର୍ଦ୍ଦା ମଝିରେ ଆସିଯାଇଥାଏ । ଏଥିରେ ନା ତ ଭକ୍ତ ଇଶ୍ୱରଙ୍କ ଆଡକୁ ବଢ଼ିଥାଏ ଓ ନା ଇଶ୍ୱର ଭକ୍ତଙ୍କ ଆଡକୁ ଢ଼ଳିଥାଏ । ଅଲ୍ଲାଃତାଲା ତ ଏହା କହୁଛନ୍ତି ଭକ୍ତ ପ୍ରଥମେ ମୋ ଆଡକୁ ଆସିବା ପାଇଁ ଚେଷ୍ଟା କରିବ ତେବେ ମୁଁ ତା ଆଡକୁ ଆସିବି ଯେପରିକି ହଦିସ୍‌ରେ ମଧ୍ୟ ବର୍ଣ୍ଣନା ଅଛି କି ଯଦି ଭକ୍ତ ଗୋଟିଏ ପାଦ ଆଗକୁ ବଢ଼ିବ ତେବେ ଅଲ୍ଲାଃତାଲା ଦୁଇକଦମ୍ ଆସିବେ । ଯଦି ଭକ୍ତ ଚାଲିକରି ଆସିବ ତେବେ ଅଲ୍ଲାଃତାଲା ଦୌଡିକରି ଆସିବେ । (ସହି ବୁଖାରୀ କିତାବୁଲ୍ ତୌହିଦ୍....ହଦିସ୍ ନଂ-୭୪୦୫) ସୁତରାଂ ଯଦି ଏହି ପ୍ରତିବନ୍ଧକକୁ ଦୂର କରିବାକୁ ଚାହୁଁଛ ତେବେ ସଂସାରକୁ ଦୀନ୍‌ର କ୍ରୀତଦାସ କରି ଦୂର କରାଯାଇପାରିବ । ଆପଣ ପୁଣି ଆହୁରି ମଧ୍ୟ କହୁଛନ୍ତି କି ଧନ ଦୌଲତ ଓ ସନ୍ତାନ ସେଇଥିପାଇଁ ଫିତ୍‌ନା ବୋଲାଇଥାଆନ୍ତି । ସେ ସବୁ ଭକ୍ତ ଓ ଖୁଦାଙ୍କ ମଧ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିଥାନ୍ତି । ପୁଣି ଆପଣ କହୁଛନ୍ତି ଧନ ଦୌଲତ ଓ ସନ୍ତାନମାନେ ମଧ୍ୟ ମନୁଷ୍ୟଙ୍କ ପାଇଁ ଏକ ପ୍ରକାର ନର୍କ ସୃଷ୍ଟି କରିଥାନ୍ତି । ଏବଂ ଯେତେବେଳେ ସେଗୁଡିକ ତାଠାରୁ ଅଲଗା କରିଦିଆଯାଏ ସେ ବହୁତ ଅଶାନ୍ତି ଓ ବିଚଳିତ ହୋଇଯାଇଥାଏ । ଆପଣ ପୁଣି କହୁଛନ୍ତି- ଦୁଇଟି ଜିନିଷର ଆପୋଷ ସମ୍ପର୍କ ଓ ଦୁଇଟି ଜିନିଷର ରଗଡାରେ ଉତାପ ସୃଷ୍ଟି ହୋଇଥାଏ । ନିଜ ହାତକୁ ମଧ୍ୟ ରଗଡିବା ଦ୍ୱାରା ଉତାପ ସୃଷ୍ଟି ହୋଇଥାଏ । ସେହିପରି ପଥରକୁ ଘଷିବା ଦ୍ୱାରା ମଧ୍ୟ ଉତାପ ସୃଷ୍ଟି ହୋଇଥାଏ । ସେହିପରି ମଣିଷର ପ୍ରେମ ଏବଂ ଦୁନିଆ ଓ ସାଂସାରିକ ପ୍ରେମ ସହିତ ଘଷି ହେବା ଦ୍ୱାରା ଯେଉଁ ଉତାପ ସୃଷ୍ଟି ହୋଇଥାଏ ସେଥିରେ ଇଶ୍ୱରଙ୍କ ପ୍ରେମ ଜଳିଯାଏ ଅର୍ଥାତ୍ ଅଲ୍ଲାଃତାଲାଙ୍କର ପ୍ରେମ ଶେଷ ହୋଇଯାଏ । ମନୁଷ୍ୟର ପ୍ରେମ ଓ ସଂସାରର ପ୍ରେମ ଯେତେବେଳେ ଆପୋଷରେ ଘର୍ଷଣ ହୋଇଥାଏ ସେଥିରୁ କଣ ଫଳ ବାହାରିବ ? ଅର୍ଥାତ୍ ଅଲ୍ଲାଃତାଲାଙ୍କ ପ୍ରେମ ଶେଷ ହୋଇଯିବ ଓ ଜଳିଯିବ । ପୁଣି କହୁଛନ୍ତି କି ହୃଦୟ ଅନ୍ଧକାରମୟ ହୋଇ ଇଶ୍ୱରଙ୍କଠାରୁ ଦୂରେଇଯାଏ ଓ ପ୍ରତ୍ୟେକ ପ୍ରକାରର ବିଚଳତାର ଶିକାର ହୋଇଯାଏ । ପୁଣି କହୁଛନ୍ତି କି ସଂସାର ସହିତ ଯେଉଁ ସମ୍ପର୍କ ସୃଷ୍ଟି ହେଉଛି ତାହା ଇଶ୍ୱରଙ୍କର ହୋଇ ସୃଷ୍ଟି ହେଉ ଓ ତା ସହିତ ଯେଉଁ ପ୍ରେମ ହେଉଛି ତାହା ଇଶ୍ୱରଙ୍କ ପ୍ରେମରେ ହିଁ ହେଉ । ଅର୍ଥାତ୍ ସାଂସାରିକ ବସ୍ତୁ ସହିତ ଯେଉଁ ପ୍ରେମ ରହିଛି ତାହା ଏଥିପାଇଁ ହେଉ କି ଇଶ୍ୱର ଏକ ସୀମା ପର୍ଯ୍ୟନ୍ତ ତା ସହିତ ପ୍ରେମ କରିବା ପାଇଁ ବୈଧ କରିଛନ୍ତି । ଏବଂ ତାହା ଇଶ୍ୱରଙ୍କ ପ୍ରେମଯୋଗୁଁ ହିଁ ହେଉ । ପୁଣି କହୁଛନ୍ତି କି ଇଶ୍ୱରଙ୍କ ପ୍ରେମ ସହିତ ଘଷି ହୋଇ ଗଏରୁଲ୍ଲାଃ (ଅଣଇଶ୍ୱର)ଙ୍କ ପ୍ରେମ ଜଳିଯାଇଥାଏ । ଯେତେବେଳେ ଏହି ଘର୍ଷଣ ସୃଷ୍ଟି ହେବ ସେତେବେଳେ ଅଲ୍ଲାଃଙ୍କ ବ୍ୟତୀତ ଅନେକ ସହିତ ଥିବା ପ୍ରେମ ଶେଷ ହୋଇଯିବ । ଫଳତଃ ଗୋଟିଏ ଜ୍ୟୋତି ପରିପ୍ରକାଶ ହେବ । ପୁଣି ଇଶ୍ୱରଙ୍କ ଇଛା, ତାର ଇଛା ଓ ତାର ଇଛା, ଇଶ୍ୱରଙ୍କ ଇଛା ହୋଇଯାଏ । ପୁଣି ଭକ୍ତ ଏକଥାରେ ରାଜି ହୋଇଯାଇଥାଏ ଯଦ୍ୱାରା ସେ ଯାହା ଚାହିଁଥାଏ ଇଶ୍ୱର ତାହା ଚାହିଁଥାନ୍ତି । ପୁଣି ଆପଣ କହୁଛନ୍ତି କି ଏ କଥାକୁ ଛାଡିଦେଲେ ମନୁଷ୍ୟର ଅବସ୍ଥା ନର୍କ ହୋଇଯାଏ ଅର୍ଥାତ୍ ଇଶ୍ୱରଙ୍କ ବିନା ଜୀବନ ବିତାଇବା ନର୍କ ପରି ହୋଇଥାଏ । (ମଲ୍‌ଫୁଜାତ୍ ଖଣ୍ଡ-୨, ପୃଷ୍ଠା-୧୦୨-୧୦୩, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ଆପଣ ପୁଣ କହୁଛନ୍ତି କି ଇଶ୍ୱର ତୁମଠାରୁ ଏହା ଚାହୁଁଛନ୍ତି କି ତୁମେ ସମ୍ପୂର୍ଣ୍ଣ ରୂପେ ମୁସଲ୍‌ମାନ ହୋଇଯାଓ । ମୁସଲ୍‌ମାନ୍ ଶବ୍ଦଟି ଏହା ପ୍ରକାଶ କରୁଛି କି ସମସ୍ତ ବସ୍ତୁଠାରୁ ଅଲଗା ହୋଇଯାଅ ଅର୍ଥାତ୍ ସମ୍ପୂର୍ଣ୍ଣ ରୂପେ ଇଶ୍ୱରଙ୍କ ଆଡକୁ ଢ଼ଳିଯାଅ । ଏପରି ନହେଉ କି ବର୍ତମାନ ଇଶ୍ୱରଙ୍କ ଆଡକୁ ଢ଼ଳିଯାଅ ଓ ଯେତେବେଳେ ଲାଭ ଦେଖିବ ସଂସାର ଆଡକୁ ଢ଼ଳିଯିବ ଓ ଇଶ୍ୱରଙ୍କୁ ଭୁଲିଯିବ । ଆପଣ କହୁଛନ୍ତି କି ଅଲ୍ଲାଃତାଲା ମୁସଲ୍‌ମାନଙ୍କୁ ମୁସଲ୍‌ମାନ ରୂପେ ଜନ୍ମ କରି ବହୁତ ଦୟା କରିଛନ୍ତି । କିନ୍ତୁ ସର୍ତ ଏହା କି ସେ ଏଥିରେ ଚିନ୍ତା କରୁ ଓ ଏହକୁ ବୁଝୁ । (ମଲ୍‌ଫୁଜାତ୍ ଖଣ୍ଡ-୨, ପୃଷ୍ଠା-୩୦୪, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ଯେପରିକି ମୁଁ କହିଥିଲି କି ମଣିଷ ହେଉଛି ଦୁର୍ବଳ । ବେଳେବେଳେ ସଂସାରର କୌତୁହଳ ତାକୁ ସେଥିପ୍ରତି ଟାଣିନେବା ପାଇଁ ଚେଷ୍ଟା କରିଥାଏ । ମଣିଷ ସଂସାର ପ୍ରତି ଅଧିକ ଢ଼ଳିଯାଏ ଓ ଇଶ୍ୱର ଓ ତାର ଧର୍ମରୁ ଦୂରେଇ ଯାଇଥାଏ ବା କିଛି କାର୍ଯ୍ୟରେ ଦୁର୍ବଳତା ସୃଷ୍ଟି ହୋଇଯାଏ । ଅଲ୍ଲାଃତାଲାଙ୍କ ସମସ୍ତ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ମଣିଷ ସମ୍ପୂର୍ଣ୍ଣ ରୂପେ ଦୃଷ୍ଟି ଦିଏନାହିଁ । ହକ୍ ପ୍ରଦାନ କରିନଥାଏ । ସ୍ତ୍ରୀ ପିଲାଙ୍କ ଅଧିକାର ପ୍ରଦାନ କରିନଥାଏ । ପାରିବାରିକ ସମସ୍ୟା ସୃଷ୍ଟି କରିଥାଏ । ଘରେ ଝଗଡାଝାଟି କରିଥାଏ ବା ନିଜ କାରବାରରେ ଇମାନ୍‌ଦାରୀ ଦେଖାଏନାହିଁ ଓ କାରବାର ଯୋଗୁ ନମାଜ ଛାଡିଦିଏ । ଏହିପରି ବହୁତ କଥା ଅଛି । ତେଣୁ ଅଲ୍ଲାଃତାଲା ମଣଷକୁ ଏହି ଦୁର୍ବଳତାରୁ ବାହାରିବା ପାଇଁ ମଧ୍ୟ ବ୍ୟବସ୍ଥା କରିଛନ୍ତି ଓ ଆମେ ଅହେମଦୀମାନେ ବହୁତ ସୌଭାଗ୍ୟବାନ୍ କି ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଛି ଯାହା ଆମକୁ ବାରମ୍ବାର ବିଭିନ୍ନ ଅବସରରେ ରାସ୍ତାରୁ ବିଚ୍ୟୁତ ହେବାରୁ ବଂଚାଇବା ପାଇଁ ମାର୍ଗଦର୍ଶନ କରିଥାଏ ।

ପୁଣି ଆପଣ ଅଲ୍ଲାଃତାଲାଙ୍କ ଅନୁମତିରୁ ଆଉଗୋଟିଏ ମଧ୍ୟ ବ୍ୟବସ୍ଥା କରିଛନ୍ତି କି ଏହି ଜଲ୍‌ସାର ପ୍ରତିଷ୍ଠା କରିଛନ୍ତି, ଯେଉଁଠି ଆମେ ବର୍ଷକରେ ଥରେ ଏକତ୍ରିତ ହୋଇ ନିଜର ଆଧ୍ୟାତ୍ମିକ ଉନ୍ନତି ପାଇଁ ଚେଷ୍ଟା କରୁଅଛେ । ତେଣୁ ଜଲ୍‌ସାରେ ସାମିଲ୍ ହୋଇଥିବା ସମସ୍ତ ଲୋକମାନଙ୍କୁ ଏହି ଉଦ୍ଦେଶ୍ୟଟିକୁ ସର୍ବଦା ସମ୍ମୁଖରେ ରଖିବା ଉଚିତ୍ କି ଆମେ ଅଲ୍ଲାଃତାଲାଙ୍କ ନିକଟତର ହେବା । ଦୀନକୁ ଅଗ୍ରାଧିକାର ଦେବା ଓ ସଂସାରର ରହି ଏ ସଂସାରକୁ ଦୀନ୍‌ର ସେବକ ବନାଇବା ।

ଏହି ଆତ୍ମା ନା କେବଳ ନିଜର ଭିତରେ ସୃଷ୍ଟି କରନ୍ତୁ ବରଂ ନିଜ ସନ୍ତାନ ମାନଙ୍କ ମଧ୍ୟରେ ମଧ୍ୟ ଏ ଆତ୍ମା ଫୁଙ୍କନ୍ତୁ କି ଅଲ୍ଲାଃତାଲା ଆମଠାରୁ କଣ ଚାହୁଁଛନ୍ତି ଓ ମଣିଷ ଜୀବନର ଉଦ୍ଦେଶ୍ୟ କଣ । ପିଢ଼ୀପରେ ପିଢ଼ୀ ଏହି କଥାକୁ ନିଜ ସନ୍ତାନମାନଙ୍କ ହୃଦୟରେ ସ୍ଥାପିତ କରି ଚାଲନ୍ତୁ । କି ଏ ଦୁନିଆକୁ ଦୀନ୍‌ର ସେବକ ବନାଇବା ପାଇଁ ଅଲ୍ଲାଃତାଲାଙ୍କର ଯେଉଁ ନିର୍ଦ୍ଦେଶାବଳୀ ଗୁଡିକ ରହିଛି ସେଥିରେ ପରିଚାଳିତ ହେବାପାଇଁ ଚେଷ୍ଟା କର । ଏହି ଶେଷ ଯୁଗରେ ଆମର ଇସ୍‌ଲାହ୍ ନିମନ୍ତେ ଓ ଆମ ଉପରେ ଦୟା କରି ଅଲ୍ଲାଃତାଲା ଯେଉଁ ମସିହ୍ ମଉଦ୍ ଓ ମେହ୍‌ଦୀଙ୍କୁ ପଠାଇଛନ୍ତି ତାଙ୍କ ବୟତରେ ଆସି ଆମେ ସର୍ବଦା ତାଙ୍କ କଥା ଉପରେ ପରିଚାଳିତ ହେବା ଏଥିରେ ହିଁ ଆମର ଉନ୍ନତି ହେବ ଓ ଏହାଦ୍ୱାରା ହିଁ ଆମ ପିଢ଼ୀର ଉନ୍ନତି ହେବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ଉଦ୍ଦେଶ୍ୟକୁ ବର୍ଣ୍ଣନା କରି ଗୋଟିଏ ସ୍ଥାନରେ କହୁଛନ୍ତି ‘‘ସମସ୍ତ ନିଷ୍ଠାବାନ୍ (ବ୍ୟକ୍ତିବିଶେଷ ଯେଉଁମାନେ) ସିଲ୍‌ସିଲା ବୟତ୍ ଏହି ଅଧମ ସହିତ ପରିପ୍ରକାଶ କରୁଛନ୍ତି, ବୟତ କରିବାର ଉଦ୍ଦେଶ୍ୟ ହେଉଛି ଏହାକି ଯଦ୍ୱାରା ସାଂସାରିକ ପ୍ରେମ ଥଣ୍ଡା ପଡ଼ିଯିବ ଏବଂ ନିଜର ମୌଲା କରିମ୍ (ଅର୍ଥାତ୍ ସୃଷ୍ଟିକର୍ତ୍ତା) ଏବଂ ରସୁଲେ ମକ୍‌ବୁଲ୍ ସ:ଆ:ସଙ୍କ ପ୍ରେମ ହୃଦୟରେ ବିଜୟ ଲାଭ କରୁ ଓ ଏପରି ଅବସ୍ଥା ସୃଷ୍ଟି ହୋଇଯାଉ ଯଦ୍ୱାରା ପରକାଳର ଯାତ୍ରା ଘୃଣିତ ନହେଉ’’ । (ଆସ୍‌ମାନି ଫୈସ୍‌ଲା ରୁହାନି ଖଜାଏନ୍, ଖଣ୍ଡ-୪, ପୃଷ୍ଠା-୩୫୧ ) ତେଣୁ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଓ ତାହାଙ୍କ ରସୁଲ୍ ସହିତ ସମ୍ପୂର୍ଣ୍ଣ ପ୍ରେମ ନହୋଇଛି ସେପର୍ଯ୍ୟନ୍ତ ନା ତ ସାଂସାରିକ ପ୍ରେମ କମ୍ ହୋଇପାରିବ ଓ ନା ମନୁଷ୍ୟକୁ ମରିବା ସମୟରେ ଆତ୍ମଶାନ୍ତି ମିଳିପାରିବ ଓ ନା ମରିବା ସମୟରେ ବିଚଳତା ଦୂର ହୋଇପାରିବ । ଏହା ହେଉଛି ସେହି ଉଦ୍ଦେଶ୍ୟ ଯେଉଁଥିପାଇଁ ଅଲ୍ଲାଃତାଲା ଆପଣ ଆ:ସଙ୍କ ଜରିଆରେ ଏହି ସିଲ୍‌ସିଲାକୁ କାଏମ୍ କରିଛନ୍ତି ଓ ଆମକୁ ଏଥିରେ ସାମିଲ୍ ହେବାପାଇଁ ଆମକୁ ସୌଭାଗ୍ୟ ପ୍ରଦାନ କରିଛନ୍ତି ଓ ଯେଉଁଥିପାଇଁ ଆପଣ ବୟତ୍ ନେଇଛନ୍ତି ଓ ବୟତ କରିଥିବା ଲୋକମାନଙ୍କ ଉପରେ ଏହି ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଛନ୍ତି । ଯଦି ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ଆମେ ଚେଷ୍ଟା କରୁନାହେଁ ତେବେ ଆମ ବୟତ କରିବାର ଦାବୀ କେବଳ ଖାଲି ଦାବୀ ଅଟେ ଓ ବାସ୍ତବରେ ନା ତ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଚିହ୍ନିପାରିଲେ ଓ ନା ଆପଣଙ୍କୁ ମାନିଲେ ଓ ନା ଆମେ ବୟତ୍‌ର ହକ୍‌କୁ ପ୍ରଦାନ କରିପାରିଲେ ।

ପ୍ରଥମେ ଯେବେ ଜଲ୍‌ସାର ଶୁଭାରମ୍ଭ ହେଲା ସେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଯେତେବେଳେ ଏକଥା ଜଣାପଡ଼ିଲା କି ଜଲ୍‌ସାର ଉଦ୍ଦେଶ୍ୟକୁ ଲୋକମାନେ ପୁରଣ କରୁନାହାଁନ୍ତି ବୋଲି ଏଥିରେ ଆପଣ ଭୀଷଣ ଅସନ୍ତୋଷ ପରିପ୍ରକାଶ କରି କହିଲେ କି ଏବର୍ଷ ମୁଁ ଜଲ୍‌ସା ଅନୁଷ୍ଠିତ କରାଇବି ନାହିଁ ଓ ସେବର୍ଷ ଜଲ୍‌ସା ଅନୁଷ୍ଠିତ ମଧ୍ୟ ହେଲାନାହିଁ ଓ ଏହାକୁ ମୁଲତବି କରିବାର ଆପଣ ଯେଉଁ ଘୋଷଣା କରିଥିଲେ ତାହା ଏପରି ଥିଲା କି ପ୍ରତ୍ୟେକ ନିଷ୍ଠାବାନ୍ ବ୍ୟକ୍ତିଙ୍କୁ ଆଜି ବିଚଳିତ କରିଦେବ ଓ ବିଚଳିତ ହେବା ଉଚିତ୍ । ଆପଣ ଆ:ସ କହୁଛନ୍ତି କି ‘‘ଏହି ଜଲ୍‌ସାର ଉଦ୍ଦେଶ୍ୟ ଓ ଅସଲ ମତଲବ ଏହାଥିଲା କି ଆମ ଜମାତ୍‌ର ଲୋକମାନେ କିଭଳି ବାରମ୍ବାର ସାକ୍ଷାତ୍ କରିବା ଦ୍ୱାରା ତାଙ୍କ ଭିତରେ ଏପରି ଏକ ପରିବର୍ତ୍ତନ ସୃଷ୍ଟି ହେଉ ଯଦ୍ୱାରା ସେମାନଙ୍କ ହୃଦୟ ପରକାଳ ଆଡକୁ ସମ୍ପୂର୍ଣ୍ଣ ରୂପେ ଢ଼ଳିଯିବ ଓ ସେମାନଙ୍କ ଭିତରେ ଇଶ୍ୱର ଭୟ ସୃଷ୍ଟି ହେବ ଓ ସେମାନେ ନିଷ୍ଠା, ଇଶ୍ୱରଭକ୍ତି, ସଞ୍ଜମୀ, ନମ୍ର ହୃଦୟ, ଆପୋଷ ପ୍ରେମଭାବ ଓ ଆପୋଷ ଭାଇଚାରାରେ ଅନ୍ୟମାନଙ୍କ ପାଇଁ ଏକ ଦୃଷ୍ଟାନ୍ତ ହୋଇଯାଆନ୍ତୁ । ଏବଂ ବିନମ୍ରତା ଓ ସତ୍ୟବାଦିତା ତାଙ୍କ ଭିତରେ ସୃଷ୍ଟି ହୋଇଯାଉ ଏବଂ ଧାର୍ମିକ ଅଭିଯାନ ପାଇଁ ଉତ୍ସାହ ପ୍ରକାଶ କରନ୍ତୁ’’ । (ଶାହାଦତୁଲ୍ କୁର୍‌ଆନ୍, ରୁହାନି ଖଜାଏନ୍, ଖଣ୍ଡ-୬, ପୃଷ୍ଠା-୩୯୪)

ପୁଣି କହିଲେ- ଏ ଜଲ୍‌ସା ତ ଏପରି ନୁହେଁ କି ଯେପରି ସାଂସାରିକ ମେଳା ବରଂ ଏହାକୁ ଏଇଥିପାଇଁ ଅନୁଷ୍ଠିତ କରାଯାଇଛି ଏହାର ଉଦ୍ଦେଶ୍ୟରେ ସୁନ୍ଦର ଫଳ ମିଳିବ । ଯଦି ଏପରି ନୁହେଁ ତେବେ ଏହି ଜଲ୍‌ସା ବେକାର । (ଶାହାଦତୁଲ୍ କୁର୍‌ଆନ୍, ରୁହାନି ଖଜାଏନ୍, ଖଣ୍ଡ-୬, ପୃଷ୍ଠା-୩୯୫) ଯଦି ନିୟତ୍ ଠିକ୍ ନାହିଁ ଓ ଭଲ ଫଳ ହାସଲ ହେଉନାହିଁ, ସେହି ଉଦ୍ଦେଶ୍ୟ ସବୁ ପୁରଣ ହେଉନାହିଁ ଯେଉଥିପାଇଁ ଜଲ୍‌ସା ଅନୁଷ୍ଠିତ କରାଯାଇଛି ତେବେ ଏହା ସମ୍ପୂର୍ଣ୍ଣ ରୂପେ ବେକାର ଓ କିଛି ଲାଭ ନାହିଁ । ଆପଣ ଯାହା କହିଛନ୍ତି କି ବାରମ୍ବାର ସାକ୍ଷାତ୍ କରିବା ଦ୍ୱାରା ଏପରି ପରିବର୍ତ୍ତନ ସୃଷ୍ଟି କରନ୍ତୁ । ଏ ସାକ୍ଷାତ୍ କାହା ସହିତ । ଏହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତା ସାକ୍ଷାତ୍ । ତେଣୁ ଯଦି ଏପରି ଲୋକେ ଯେଉଁମାନେ ମସିହ୍ ମଉଦ୍ ଆ:ସଙ୍କ ସମୟରେ ନିଜର କିଛି ଦୁର୍ବଳତା ଯୋ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ନାରାଜ କରିଦେଲେ ତେବ ଆଜିକାଲି ଅଲ୍ଲାଃତାଲା ସଠିକ୍ ଜାଣିଥିବେ କି ସଂଖ୍ୟା ଦୃଷ୍ଟିରୁ ଆମେ କେତେ ଓ ଆମର ଅବସ୍ଥା କଣ ଓ ଆମେ କେଉଁ ଦଳ ଭିତରେ ଆସୁଛେ । ସେହି ଲୋକମାନଙ୍କ ମଧ୍ୟରେ ଗଣାହେଉଛେ ଯାହାଙ୍କ ଉପରେ ହଜର୍‌ତ୍ ମସିହ୍ ମଉଦ୍ ଆ:ସ ନାରାଜ ହୋଇଥିଲେ । ତେଣୁ ଏହି ଦୃଷ୍ଟିକୋଣରୁ ସମସ୍ତଙ୍କୁ ନିଜ ନିଜର ଅନୁଶୀଳନ କରିବା ଉଚିତ୍ ହେବ କି ଯଦି ଉପରୋକ୍ତ ସ୍ତର ନାହିଁ, ଯେଉଁ ସ୍ତର ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଚାହୁଁଥିଲେ ତେବେ ଆମେ ଜଲ୍‌ସାରେ ସାମିଲ୍ ହେବାର ହକ୍‌ଦାର୍ ନୁହଁନ୍ତି ବା ଏହା ଦେଖନ୍ତୁ କି ଆମେ ହକ୍‌ଦାର୍ ଅଛି କି ନାହୁଁ? ବା କେବଳ ଏଇଥିପାଇଁ କି ଆମେ ହେଉଛୁ ଜନ୍ମଗତ ଅହେମଦୀ ବା ପୁରୁଣା ଅହେମଦୀ ଓ ଅନେକ ବର୍ଷରୁ ବୟତ କରି ବା ବାପ ଅଜାଙ୍କ ସନ୍ତାନ ଯୋଗୁ ଅହେମଦୀ ହୋଇ ଏଥିରେ ସାମିଲ୍ ହୋଇଅଛୁ । ଏହାଦ୍ୱାରା ଉପରୋକ୍ତ ଉଦ୍ଦେଶ୍ୟ ପୂରଣ କରୁନାହଁ, ଯାହାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଚାହୁଁଥିଲେ ବା ଏ ନିୟତ୍‌ରେ ଆସୁନାହଁ କି ଆମେ ସେହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ନିଜର ସମସ୍ତ ସାମର୍ଥ୍ୟ ସହିତ ଚେଷ୍ଟା କରିବା ବା ଚେଷ୍ଟା କରୁଅଛେ । ଯଦି କରୁନାହେଁ ତେବେ ପୁଣି ଏହି ଜଲ୍‌ସାକୁ ଆସିବା ଗୋଟିଏ ମେଳାକୁ ଆସିବା ସହିତ ସମାନ । ତେଣୁ ଏକଥାରୁ ପ୍ରତ୍ୟେକ ନିଷ୍ଠାପର ଅହେମଦୀମାନଙ୍କ ହୃଦୟରେ ଏକ ଚିନ୍ତା ସୃଷ୍ଟି ହେବା ଉଚିତ୍ । ଏବେ ତ ପ୍ରତ୍ୟେକ ବର୍ଷ ପୃଥିବୀର ବିଭିନ୍ନ ଦେଶରେ ଜଲ୍‌ସା ଅନୁଷ୍ଠିତ ହେଉଛି । କିଛି ଦେଶରେ ମୁଁ ନିଜେ ସାମିଲ୍ ହେଉଛି ଓ କିଛି ଜଲ୍‌ସାରେ ଏମ୍.ଟି.ଏ ମାଧ୍ୟମରେ ଯୋଗ ଦିଆଯାଉଛି । ୟୁରୋପ୍‌ର କିଛି ଜଲ୍‌ସାରେ ଆପଣମାନେ ବହୁତ ସଂଖ୍ୟାରେ ସାମିଲ୍ ହେଉଛନ୍ତି । ବର୍ତ୍ତମାନ ମଧ୍ୟ ଅନେକ ଲୋକ ଏପରି ମୋ ସମ୍ମୁଖରେ ବସିଛନ୍ତି ଯେଉଁମାନେ ଅନେକ ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ୟୁ.କେ ଜଲ୍‌ସା ପରେ ଜର୍ମାନୀର ଜଲ୍‌ସାରେ ବହୁତ ଲୋକ ସାମିଲ୍ ହୋଇଛନ୍ତି ଓ ପ୍ରତ୍ୟେକ ଜଲ୍‌ସାରେ ଜଲ୍‌ସାର ଉଦ୍ଦେଶ୍ୟ, ଧର୍ମଜ୍ଞାନ ଓ ଆଧ୍ୟାତ୍ମିକ ଉନ୍ନତିର କଥା ଭାଷଣ ମାଧ୍ୟମରେ କରାଯାଉଛି । ଏପରି ଅନେକ ଲୋକ ମୋତେ ଦେଖୁଛନ୍ତି କି ଗୋଟିଏ ବିଶେଷ ପରିବେଶ ଥଲା ଯେଉଁଥିରେ ଆମେ ଆଧ୍ୟାତ୍ମିକ ଦୃଶ୍ୟକୁ ଦେଖିବାକୁ ପାଇଲୁ । ଆପୋଷରେ ପ୍ରେମ ଓ ଭାଇଚାରାର ଦୃଶ୍ୟକୁ ଆମେ ଦେଖିଲୁ ଓ ଲୋକମାନେ ଏହାମଧ୍ୟ ଲେଖୁଛନ୍ତି କି ଆମ ସହିତ କିଛି ଅତିଥି  ଯାଇଥିଲେ, ସେମାନେ ମଧ୍ୟ ଏହାକୁ ଦେଖି ବହୁତ ପ୍ରଭାବିତ ହୋଇଛନ୍ତି । ତେଣୁ ଏହି କଥା ଯୋଗୁ ଗୋଟିଏ ବର୍ଷରେ ଏକାଧିକ ଜଲ୍‌ସାରେ ସାମିଲ୍ ହେବା ଯୋଗୁ ଆମ ଅବସ୍ଥାରେ ଏକ ବିପ୍ଲବ ସୃଷ୍ଟି ହେବା ଉଚିତ୍ । ଏପରି ସମୟ ଥିଲା ଯେବେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିର୍ଦ୍ଦେଶ ଦେଉଥିଲେ କି ବର୍ଷକରେ ଥରେ ଜଲ୍‌ସାରେ ସାମିଲ୍ ହୁଅ, ଯଦ୍ୱାରା ତୁମ ଭିତରେ ପବିତ୍ର ପରିବର୍ତ୍ତନ ସୃଷ୍ଟି ହୋଇ ପରକାଳ ଘୃଣିତ ନହେଉ ଓ ଅଲ୍ଲାଃତାଲା ଏବଂ ତାଙ୍କ ମଖ୍‌ଲୁକ୍‌ଙ୍କ ଅଧିକାର ପ୍ରତି ଏକ ବିଶେଷ ଧ୍ୟାନ ସୃଷ୍ଟି ହେଉ । କିନ୍ତୁ ବର୍ତ୍ତମାନ ଏପରି ଅବସ୍ଥା କି କିଛି ଲୋକେ ବର୍ଷକରେ ଏକାଧିକ ଜଲ୍‌ସାରେ ସାମିଲ୍ ହେଉଛନ୍ତି । ତେଣୁ ଅନୁଶୀଳନ କରନ୍ତୁ କି ଏପରି ପରିସ୍ଥିତିରେ କିଭଳି ବିପ୍ଲବ ଆସିବା ଉଚିତ୍ । ନିଶ୍ଚିତ ରୂପେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଗୋଟିଏ ସାକ୍ଷାତ୍‌କାର୍ ବହୁତ ଜଲ୍‌ସା ଉପରେ ଭାରି ପଡୁଥିଲା ଓ ଆପଣଙ୍କ ସହିତ ମିଶି ନିଜ ଭିତରେ ଏକ ବିପ୍ଳବ ସୃଷ୍ଟି ହେଉଥିଲା । କାରଣ ନବୀଙ୍କର ଗୋଟିଏ ପଦମର୍ଯ୍ୟାଦା ରହିଛି । କିନ୍ତୁ ବର୍ତ୍ତମାନ ଲଗାତାର ବହୁତ ଗୁଡିକଏ ଜଲ୍‌ସା ଦେଖିବା ଏବଂ ସାମିଲ୍ ହେବା କିଛିଟା ପବିତ୍ର ପରିବର୍ତ୍ତନର କାରଣ ହେବା ଉଚିତ୍ । ବର୍ତ୍ତମାନ ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କଥା ବର୍ଣ୍ଣନା କରାଯାଉଛି ଓ ପୁଣି ଏହାଠାରୁ ବଳି ଆଁ ହଜ୍‌ରତ୍ ସ:ଆ:ସଙ୍କ କଥନକୁ ବିଭିନ୍ନ ତକ୍‌ରିର୍‌ରେ ବର୍ଣ୍ଣନା କରାଯାଉଛି ଓ ଏହଠାରୁ ବଳି ଅଲ୍ଲାଃତାଲାଙ୍କ ବାଣୀର ତଫସିର୍ (ବ୍ୟାଖ୍ୟା) ବର୍ଣ୍ଣନା କରାଯାଉଛି । ଯଦି ମନୁଷ୍ୟର ସଙ୍କଳ୍ପ ରହିବ ଓ ନିୟତ ପୁଣ୍ୟ ରହିବ ତେବେ ପବିତ୍ର ପରିବର୍ତ୍ତନର ସାଧନ ଏବେ ମଧ୍ୟ ମହଜୁଦ୍ ଅଛି । ଖଲିଫା ଓ୍ୱକ୍ତ ଆପଣଙ୍କୁ କିଛି କହୁଛନ୍ତି କି ସେ ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରତିନିଧିତ୍ୱରେ କହୁଛନ୍ତି । ଖିଲାଫତ୍ ଜାରି ରହିବା ଓ ତା ସହିତ ସଂଲଗ୍ନ ହୋଇ ଆପଣ ଆ:ସଙ୍କ ବର୍‌କାତ୍ ନିୟମିତ କାଏମ୍ ରିହବାର ଖୁସି ଖବର ଅଲ୍ଲାଃତାଲାଙ୍କ ଠାରୁ ଜ୍ଞାନ ପାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଦେଇଥିଲେ । ବରଂ ଆଁ ହଜ୍‌ରତ୍ ସ:ଆ:ସ ଦେଇଥିଲେ । ଯାହାଙ୍କ ସମ୍ବନ୍ଧରେ ହଜର୍‌ତ୍ ମସିହ୍ ମଉଦ୍ ଆ:ସ କହିଥିଲେ କି ସେହି ବର୍‌କାତ୍ ଅର୍ଥାତ୍ ଖିଲାଫତ୍‌ର ବର୍‌କାତ୍ ଜାରି ରହିବାର ପ୍ରତିଶ୍ରୁତି ତୁମପାଇଁ ରହିଛି । ତେଣୁ ଏହି ଦୃଷ୍ଟିକୋଣରୁ ଆଜି ମୁଁ ଏ ଅବସରରେ ଏହି ବିଷୟରୁ ଲାଭ ଉଠାଇ ଏମ୍.ଟି.ଏ ଶୁଣିବା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରାଉଛି ।

ପାକିସ୍ତାନ୍‌ରେ ଜଲ୍‌ସା ଉପରେ ପ୍ରତିବନ୍ଧକ ଲାଗିଛି । ତେଣୁ ସେଠିକାର ଲୋକମାନେ ଜଲ୍‌ସା କରିପାରୁ ନାହାଁନ୍ତି । ତେଣୁ ଏମ୍.ଟି.ଏ ମାଧ୍ୟମରେ ନିୟମିତ ଖୁତ୍‌ବାଗୁଡିକ ଶୁଣନ୍ତୁ, ଦେଖନ୍ତୁ, ଜଲ୍‌ସା ଦେଖନ୍ତୁ ଓ ପୁଣି ତା ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରନ୍ତୁ । ଏହି ମାଧ୍ୟମକୁ ଅଲ୍ଲାଃତାଲା ଆମପାଇଁ ଉନ୍ମୁକ୍ତ କରିଛନ୍ତି । ଜଲ୍‌ସାର ପ୍ରୋଗ୍ରାମ୍‌କୁ ଏମ୍.ଟି.ଏରେ ଦେଖାଯାଇ ସେଥିରୁ ଲାଭ ଉଠାଇବା ପାଇଁ ଚେଷ୍ଟା କରନ୍ତୁ । ଏହାଦ୍ୱାରା ୬୦-୭୦ ପ୍ରତିଶତ ତୃଷ୍ଣା ମେଂଟାଇ ଦିଆଯାଇପାରିବ ଏବଂ ଯଦି ପବିତ୍ର ପରିବର୍ତ୍ତନ ଚାହିଁବେ ତେବେ ଏହା ଶତ ପ୍ରତିଶତ ହୋଇପାରିବ । କିନ୍ତୁ ଆପଣମାନେ ଯେଉଁମାନେ ଏଠି ୟୁରୋପ୍ ଆସିଛନ୍ତି ମୁଁ ଆପଣମାନଙ୍କୁ କହିବାକୁ ଚାହୁଁଛି କି ଆପଣମାନେ ତ ଜଲ୍‌ସାରେ ସାମିଲ୍ ହେଉଛନ୍ତି ଓ କିଛି ଲୋକ ବର୍ଷକରେ ଏକାଧିକ ଜଲ୍‌ସାରେ ସାମିଲ୍ ହେଉଛନ୍ତି । ତେଣୁ ସେମାନେ ନିଜ ଅବସ୍ଥାରେ ଏକ ବିପ୍ଳବପୂର୍ଣ୍ଣ ପରିବର୍ତ୍ତନ ଆଣିବାପାଇଁ ଚେଷ୍ଟା କରିବା ଉଚିତ୍ । ଏହି ଟ୍ରେନିଂ କ୍ୟାମ୍ପ୍ ଯାହାକୁ ଅଲ୍ଲାଃତାଲା ଯୋଗାଇ ଦେଇଛନ୍ତି ଏଥିରେ ଆସିବାର ଲାଭ ତେବେ ଯାଇକି ହବ ଯେବେ ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ଇଛା ମୁତାବକ ସଂସାରକୁ ନିଜର ସେବକ ବନାଇ ନିଜ ଭିତରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବାବାଲା ହେବା । ଏଠାକୁ ଆସି ଜଲ୍‌ସାର କାର୍ଯ୍ୟକ୍ରମକୁ ମଗ୍ନର ସହିତ ଶୁଣନ୍ତୁ ଓ ଏ ନିୟତ୍ ସହିତ ଶୁଣନ୍ତୁ କି ଆମେ ସେହି କଥାଗୁଡିକ ଉପରେ ପରିଚାଳିତ ହେବା ଯଦ୍ୱାରା ନିଜ ଭିତରେ ପୁଣ୍ୟ ପରିବର୍ତ୍ତନ ସୃଷ୍ଟି ହୋଇପାରିବ ।

ଜଲ୍‌ସାର କାର୍ଯ୍ୟକ୍ରମ ଗୁଡିକୁ ମଗ୍ନତାର ସହିତ ଶୁଣିବା ପ୍ରତି ଧ୍ୟାନ ଆକର୍ଷଣ କରାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ଅବସରରେ କହୁଛନ୍ତି କି ‘‘ସମସ୍ତଙ୍କୁ ଧ୍ୟାନର ସହିତ ଶୁଣିବା ଉଚିତ୍ ଓ ସମ୍ପୂର୍ଣ୍ଣ ମଗ୍ନ ଓ ମନଧ୍ୟାନ ଦେଇ ଶୁଣନ୍ତୁ କାରଣ ଏ ମାମଲା ହେଉଛି ଇମାନ୍‌ର ମାମଲା’’ ଏହି ବାକ୍ୟ ଯାହା ଆପଣ କହିଲେ ‘‘ଏହି ମାମଲା ହେଉଛି ଇମାନ୍‌ର ମାମଲା’’ ଏହା କୌଣସି ସାଧାରଣ କଥା ନୁହେଁ, ମାମୁଲି ବାକ୍ୟ ନୁହେଁ, ଚିନ୍ତା କରିବାର ବାକ୍ୟ କାରଣ ଏହା ହେଉଛି ଇମାନ୍‌ର ମାମଲା । ଏଥିରେ ଆଳସ୍ୟତା, ଦେଖାଇବା ଯୋଗୁ ବହୁତ ଖରାପ ଫଳ ବାହାରିଥାଏ’’ । ପୁଣି ପହୁଛନ୍ତି କି ‘‘ଯେଉଁ ଲୋକମାନେ ଇମାନ୍‌ରେ ଦୁର୍ବଳତା ଦେଖାଇଥାନ୍ତି ଓ ଯେବେ ସେମାନଙ୍କୁ ସମ୍ବୋଧନ କରି କିଛି କୁହାଯାଏ ସେତେବେଳେ ସେମାନେ ମଗ୍ନର ସହିତ ଶୁଣନ୍ତି ନାହିଁ । ସେହି କଥାଗୁଡିକୁ ବର୍ଣ୍ଣନା କରିବା ବାଲା କେଉଁଭଳି ହୋଇଥାଆନ୍ତୁ ଓ କେତେ ଲାଭପ୍ରଦ କଥା ହେଉ ନା କାହିଁ କିଛି ଲାଭ ମିଳିନଥାଏ । ଏହିପରି ଲୋକଙ୍କ ବାବଦରେ କୁହାଯାଇଥାଏ କି ସେମାନେ କାନ ରଖିଥାନ୍ତି କିନ୍ତୁ ଶୁଣିପାରନ୍ତି ନାହିଁ । ହୃଦୟ ରଖିଥାନ୍ତି କିନ୍ତୁ ବୁଝିପାରନ୍ତି ନାହିଁ । ତେଣୁ ମନେରଖ ଯାହାକିଛି ବର୍ଣ୍ଣନା କରାଯାଉଛି ତାହାକୁ ଧ୍ୟାନର ସହିତ ଓ ବହୁତ ମଗ୍ନର ସହିତ ଶୁଣ କାରଣ ଯିଏ ଧ୍ୟାନର ସହିତ ଶୁଣୁନାହିଁ ସେ ଯଦି ବହୁ ଯୁଗ ପର୍ଯ୍ୟନ୍ତ ଲାଭବାନ୍ ଅସ୍ତିତ୍ୱଙ୍କ ସଙ୍ଗତରେ ରହିବ ତେବେ ମଧ୍ୟ ତାକୁ କିଛି ଲାଭ ପହଂଚିପାରିବ ନାହିଁ’’ ।

(ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୧୪୨-୧୪୩, ଏଡିଶନ୍ - ୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ତେଣୁ ଯେଉଁମାନେ ଏହି ଜଲ୍‌ସାରେ ସାମିଲ୍ ହେବାକୁ ଆସିଛନ୍ତି ଓ ସମସ୍ତେ ଯୋଗ ଦେଇଥିବା ବ୍ୟକ୍ତି ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମରେ ସାମିଲ୍ ହୁଅନ୍ତୁ, ଧୈର୍ଯ୍ୟର ସହିତ ବସନ୍ତୁ, ସବୁ ତକ୍‌ରିର୍ ଗୁଡିକ ଶୁଣନ୍ତୁ ଓ ଯେଉଁ ସବୁ କଥାଗୁଡିକ ବର୍ଣ୍ଣନା କରାଯାଇଛି ସେଥିରୁ ଜ୍ଞାନ ଓ କାର୍ଯ୍ୟ ଶୈଳୀ ଆହରଣ କରିବାର ଲାଭ ଉଠାନ୍ତୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତକ୍‌ରିର୍ ଶୁଣିବା ପ୍ରତି ଧ୍ୟାନ ଆକର୍ଷଣ କରାଇ କହୁଛନ୍ତି କି ସବୁ ବନ୍ଧୁଗଣ ଧ୍ୟାନର ସହିତ ଶୁଣନ୍ତୁ । ମୁଁ ମୋ ନିଜ ଜମାତ୍ ଓ ନିଜକୁ ଓ ନିଜପାଇଁ ଚାହୁଁଛି ଓ ପସନ୍ଦ କରୁଛି କି ଲେକ୍‌ଚର୍ ଭିତରେ ଯେଉଁ ପ୍ରକାଶ କଥାଗୁଡିକ କୁହାଯାଇଛି ତାକୁ ପସନ୍ଦ କରାନଯାଉ ଏବଂ (କେଉଁ ଶୈଳୀରେ ଏହା କୁହାଯାଇଛି) ସେଗୁଡିକ ଉପରେ ତୁମର ଉଦ୍ଦେଶ୍ୟ ଆସି ନରହୁ ଅର୍ଥାତ୍ ଭାଷଣ ଦେବାବାଲା କିପରି ମନମୁଗ୍ଧକାରୀ ଭାଷଣ ଦେଉଛନ୍ତି, ଶବ୍ଦଗୁଡିକ କେତେ ଓଜନିଆ (ଇତ୍ୟାଦି ଇତ୍ୟାଦି) । ମୁଁ ଏଥିରେ ରାଜି ନୁହେଁ'' । ପୁଣି କହୁଛନ୍ତି ''ମୁଁ ତ ଏହା ପସନ୍ଦ କରିଥାଏ, ଯେଉଁଥିରେ କୌଣସି ଦେଖାଣିଆ ଭାବ ନଥିବ । ମୋର ପ୍ରାକୃତିକ ଅବସ୍ଥା ଏହାକୁ ପସନ୍ଦ କରିଥାଏ'' । ''ଅର୍ଥାତ୍ ଯେଉଁ କାମ ହେଉଛି ତାହା ଅଲ୍ଲାଃତାଲାଙ୍କ ପାଇଁ ହେଉ, ଯେଉଁ ପ୍ରଥା ହେଉଛି ତାହା ଖୁଦାଙ୍କ ଖାତିର୍ ହେଉ'' । (ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୩୯୮-୩୯୯, ଏଡିଶନ୍-୧୯୮୫) ''ମୁସଲ୍‌ମାନ୍‌ଙ୍କ ମଧ୍ୟରେ ଅବନ୍ନତି ଆସିବାର ବହୁତ ବଡ କାରଣ ହେଉଛି ଯେତେ ପ୍ରକାରର କନ୍‌ଫରେନ୍‌ସ୍, ଅଞ୍ଜୁମନ୍ ଏବଂ ମଜ୍‌ଲିସ୍ ଲଗାଯାଉଛି ସେଠାରେ ବଡ ବଡ ବାକ୍ ଚତୁର ବକ୍ତା ଓ ଲେକ୍‌ଚରାର୍‌ମାନେ ନିଜର ଲେକ୍‌ଚର୍ ଓ ଭାଷଣକୁ ପଢୁଛନ୍ତି । କବିମାନେ କୌମ୍ ଅବସ୍ଥା ବିଷୟରେ କବିକା ପାଠ କରୁଛନ୍ତି କିନ୍ତୁ ସେଥିରେ କୌଣସି ପ୍ରଭାବ ପଡୁନାହିଁ । ଏହି କୌମ୍ ଦିନକୁ ଦିନ ଉନ୍ନତି କରିବା ପରିବର୍ତ୍ତେ ଅବନ୍ନତି ହେଉଅଛି'' । ପୁଣି କହୁଛନ୍ତି କି ''ପ୍ରକୃତ କଥା ହେଉଛି ଏହା କି ସେହି ସଭାଗୁଡିକରେ ଯୋଗ ଦେଉଥିବା ଲୋକେ ନିଷ୍ଠାର ସହିତ ଆସନ୍ତି ନାହିଁ'' (ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୪୦୧, ଏଡିଶନ୍-୧୯୮୫)

ତେଣୁ ଏହା ହେଉଛି ଆପଣ ଆ:ସଙ୍କ ପ୍ରକୃତ ପସନ୍ଦ । ଆପଣଙ୍କର ଇଚ୍ଛା ନିଜ ଅନୁଗାମୀ ମାନଙ୍କ ପାଇଁ ଏହା କି ସାମୁହିକ ଭାବେ ତକ୍‌ରିର୍ ଏବଂ ବକ୍ତାଙ୍କ ଜୋସ୍ ଦ୍ୱାରା କେହି ପ୍ରଭାବିତ ନହୁଅନ୍ତୁ ବରଂ ବିଷୟବସ୍ତୁକୁ ବୁଝି ସେଗୁଡିକର ନିଜ ଜୀବନର ଅଂଶବିଶେଷ କରନ୍ତୁ । ଯଦି କେବଳ ତକ୍‌ରିର୍ ଶୁଣିବା ଓ ଜଲ୍‌ସାଗାଃରୁ ବାହାରି ତାକୁ ଭୁଲାଇ ଦେବା ତେବେ ଏହା କୌଣସି ଉନ୍ନତି ନୁହେଁ ବରଂ ଏହା ଅବନତି ଆଡକୁ ନେଇଯାଏ । କିନ୍ତୁ ତା ଉପରେ ଅମଳ କରୁନାହାଁନ୍ତି ଓ ଯେଉଁ କୌମ୍‌ରେ ଅମଳ ନାହିଁ ସେ କଦାପି ଉନ୍ନତି ପରିପାରିବ ନାହିଁ । ସଂସାରରେ ଆଜି ମୁସଲ୍‌ମାନଙ୍କର ଯେଉଁ ଅବସ୍ଥା ତାହା ଏ କଥା ପ୍ରମାଣ କରୁଛି କି କେବଳ କଥା କିନ୍ତୁ ଅମଳ ନାହିଁ । ତଣ୍ଡେ ଯଦି ଆମେ ହଝରଥ ମସିହ୍ ମଉଦ୍ ଆ:ସଙ୍କୁ ଆମେ ମାନିଛେ ତେବେ ସେହି ସବୁ ଦୁର୍ବଳତା ଯାହା ମୁସଲ୍‌ମାନ ମାନଙ୍କ ମଧ୍ୟରେ ସୃଷ୍ଟି ହୋଇଯାଇଛି, ତାକୁ ଦୂର କରାଯାଉ ନଚେତ୍ ଲାଭ ମିଳିବ ନାହିଁ । ଆମେ ଗୋଟିଏପଟେ ତ ଏ ଦାବି କରୁଛେ କି ସଂସାରବାସୀଙ୍କୁ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ପତାକା ତଳେ ନେଇ ଆସିବା । ଅନ୍ୟପଟେ ସଂସାର ଆମ ଉପରେ ବିଜୟ ପାଉଛି ।......

ସୁତରାଂ ଏଠାକୁ ଆସିବାର ଅସଲ ଉଦ୍ଦେଶ୍ୟକୁ ନିଜ ସମ୍ମୁଖରେ ରଖନ୍ତୁ । ଯେଉଁମାନଙ୍କୁ ଜଲ୍‌ସା ଶୁଣିବାର ଅଛି ଓ ସେହି କଥା ଉପରେ ପରଚାଳିତ ହେବାର ଅଛି ସେମାନେ ଏଠାରେ ଆସି ଶୁଣନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକଙ୍କୁ ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଜଲ୍‌ସାର ବର୍‌କତ୍‌ର ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦୁଆର ବର୍‌କତ୍‌ରୁ ଲାଭ ଉଠାଇବା ବାଲା ହୁଅନ୍ତୁ ଓ ନିଜ କଥନ ଓ କର୍ମଦ୍ୱାରା ସସଂସାରବାସୀକୁ ଇସ୍‌ଲାମ୍‌ର ବାସ୍ତବିକ ସ୍ୱରୂପକ ଦେଖାଇବା ବାଲା ହୁଅନ୍ତୁ । ଏ ଦୁନିଆାର ସର୍ବଦା ପ୍ରତ୍ୟେକ ଅହେମଦୀ ପାଇଁ ଏକ ଦ୍ୱିତୀୟ ହୈସିୟତ୍ ରଖିଛି । ଅସଲ ଉଦ୍ଦେଶ୍ୟ ହେଉଛି ଦୀନ୍ ଏବଂ ଅଲ୍ଲାଃତାଲାଙ୍କର ସାନିଧ୍ୟ ଓ ପ୍ରସନ୍ନତା । ଅଲ୍ଲାଃତାଲାଙ୍କ ପ୍ରସନ୍ନତାର ବାସ୍ତବିକତାକୁ ଯିଏ ବୁଝିଯିବ ସେ ଅଲ୍ଲାଃତାଲାଙ୍କ ହକ୍ ପ୍ରଦାନ କରିବା ବାଲା ହୋଇଯିବ ଓ ଅଲ୍ଲାଃତାଲାଙ୍କ ମଖ୍‌ଲୁକ୍‌ର ହକ୍ ପ୍ରଦାନକାରୀ ହୋଇପାରିବ । ଶାନ୍ତି, ପ୍ରେମ, ଭାଇଚାରା ସୃଷ୍ଟିକାରୀ ହୋଇପାରିବ ଓ ଆଜିକାଲି ଏହାର ବହୁତ ଆବଶ୍ୟକତା ରହିଛି । ଏ ସଂସାରରେ ଯେଉଁ ଅସ୍ଥିରତା ଦେଖାଦେଇଛି ଯଦି ତାକୁ ଦୂର କରିବାକୁ ହେବ ତେବେ କେବଳ ଏହି ପ୍ରକାରରେ କି ଆମେ ସଂସାରବାସୀକୁ ନିଜ ଇଶ୍ୱରଙ୍କୁ ଚିହ୍ନାଇବା ଆଡକୁ ନେଇଆସିବା । ମଖ୍‌ଲୁକ୍‌ର ହକ୍ ପ୍ରଦାନ କରିବା ପ୍ରତି ନେଇ ଆସିବା ଓ ବର୍ତ୍ତମାନ ଜଣେ ଅହେମଦୀଙ୍କ ପାଇଁ ଏହା ବହୁତ ବଡ ଦାୟିତ୍ୱ । ତେଣୁ ଏଥିପ୍ରତି ପ୍ରତ୍ୟେକଙ୍କୁ ଧ୍ୟାନ ଦେବା ଉଚିତ୍ ।

ଜଲ୍‌ସା ଦୃଷ୍ଟିକୋଣରୁ କିଛି ଇନ୍ତେଜାମି କଥା ମଧ୍ୟ କରିବାକୁ ଚାହିଁବି । ସର୍ବପ୍ରଥମେ ଜଲ୍‌ସା ପାଇଁ ଏ ଯେଉଁ ଜାଗା ନିଆଯାଇଛି ଏହାର ପରିବେଶକୁ ଧ୍ୟାନରେ ରଖନ୍ତୁ । ଏହାଦ୍ୱାରା ନା କୌଣସି ଇନ୍ତେଜାମିଆକୁ କଷ୍ଟ ହେଉ ନା ବାହାରକୁ ବାହାରିବ ସମୟରେ ଓ ସଡକରେ ପଡୋଶୀମାନଙ୍କୁ କୌଣସି କଷ୍ଟ ପହଁଚୁ । ଏକଥାକୁ ନିଶ୍ଚିତ କରିବା ଉଚିତ୍ । ତେବେ ଯାଇ ଅଣ ମୁସଲ୍‌ମାନ୍ ମାନଙ୍କୁ ଇସ୍‌ଲାମ୍‌ର ସଠିକ୍ ଜ୍ଞାନ ମିଳିବ । ଯେତେବେଳେ ତାଙ୍କ ଉପରେ ଏକଥା ପରିପ୍ରକାଶ ହେବ କି ଅହେମଦୀ କିପରି ପଡୋଶୀମାନଙ୍କ ମଧ୍ୟ ଧ୍ୟାନ ରଖୁଛନ୍ତି ଓ କାନୁନ୍‌କୁ ମାନି ଚଳୁଛନ୍ତି ଓ ଏତେ ସଂଖ୍ୟାରେ ଠୁଳ ହେବା ସତ୍ୱେ କୌଣସି ପ୍ରକାର ଅସୁବିଧାର କାରଣ ହେଉନାହାଁନ୍ତି ।.... ପୁଣି ଜଲ୍‌ସା ଦିନ ଗୁଡିକରେ ଯେଉଁ ଅସଲ ଉଦ୍ଦେଶ୍ୟ ରହିଛି ଦୁଆ କରିବାର ତାକୁ ମଧ୍ୟ ଆଖି ଆଗରେ ରଖନ୍ତୁ । ଦରୁଦ୍ ପଢ଼ନ୍ତୁ । ଜିକ୍‌ରେ ଏଲାହି କରନ୍ତୁ । ନମାଜ୍ ସମୟରେ ଏଠି ଯଦି ନମାଜ୍ ହେଉଥିବା ବା ମିଶନ୍ ହାଉସ୍‌ରେ ନମାଜ ହେଉଥିବ ସଠିକ୍ ସମୟରେ ଆସନ୍ତୁ ।.....ଅଲ୍ଲାଃତାଲା ସବୁ କ୍ଷେତ୍ରରୁ ଏ ଜଲ୍‌ସାକୁ ବାବର୍‌କତ୍ କରନ୍ତୁ ।

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ବ୍ୟବସ୍ଥା ଗୁଡିକ ଦେଖିଲେ ଓ ବିଭିନ୍ନ ବିଭାଗ ଗୁଡିକର ଜାଏଜା ନେଲେ ଓ ହିଦାୟତ୍ ପ୍ରଦାନ କଲେ ।

ଲଜ୍‌ନାମାନଙ୍କ ବ୍ୟବସ୍ଥା ଗୁଡିକର ନିରୀକ୍ଷଣ କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏମ୍.ଟି.ଏ ଷ୍ଟୁଡିଓ ଓ ତା ସମ୍ବନ୍ଧିତ ବ୍ୟବସ୍ଥା ଗୁଡିକର ନିରୀକ୍ଷଣ କଲୋ ଓ କିଛି ବିଷୟ ସେ ବାବଦରେ ପଚାରି ବୁଝିଲେ । ଯେଉଁଠି ଏମ୍.ଟି.ଏ ଷ୍ଟୁଡିଓ ଅଛି ସେହି ପରିସର ମଧ୍ୟରେ ପୁସ୍ତକ ଷ୍ଟୋର୍ ଏବଂ ବୁକ୍‌ଷ୍ଟଲ୍ ତତ୍ ସହିତ ଜଲ୍‌ସାସାଲାନାର ବିଭିନ୍ନ ଦଫ୍‌ତର୍ ଅସ୍ଥାୟୀ ରୂପେ ଟେଂଟ୍ ଲଗାଯାଇ କରାଯାଇଥିଲା । ସେଠାରେ ଗୋଟିଏ ବଡ ଟେଂଟ୍ ଲଗାଯାଇ ଜଲ୍‌ସାକୁ ଆସିଥିବା ଅତିଥିମାନଙ୍କ ନିମନ୍ତେ ଏହି ସ୍ଥାନକୁ ଜଲ୍‌ସାଗାଃର ଗୋଟିଏ ଅଂଶ ରୂପେ ବନାଯାଇଥିଲା । ଯେଉଁ ଲୋକମାନଙ୍କୁ ହଲ୍ ଭିତରେ ଜାଗା ମିଳିବନାହିଁ ସେମାନେ ଏଠି ବସୁଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ଅଫିସର୍ ସାହେବ୍ ଜଲ୍‌ସାସାଲାନା ଏହି ଟେଂଟ୍ ପ୍ରସଙ୍ଗରେ ବ୍ୟାଖ୍ୟା କରି ବତାଇଲେ କି ଏଠାରେ ନିୟମିତ ଟେଲିଭିଜନ୍ ରଖାଯାଇଛି ଯଦ୍ୱାରା ଯେଉଁମାନେ ଏହି ଟେଂଟ୍ ଭିତରେ ରହିବେ, ଜଲ୍‌ସାର କାର୍ଯ୍ୟକ୍ରମ ଗୁଡିକ ଦେଖିପାରିବେ । ଏହି ଟେଂଟ୍‌ର ଚତୁଃପାର୍ଶ୍ୱରେ ଯେଉଁ ଖାଲି ସ୍ଥାନ ରହିଛି ଆବଶ୍ୟକ ସ୍ଥଳେ ସେଗୁଡିକ ମଧ୍ୟ ବ୍ୟବହାର କରାଯାଇପାରିବ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁସ୍ତକାଳୟ ଏବଂ ବୁକ୍ ଷ୍ଟଲ୍‌ର ମୁଆଇନା କଲେ । ସେଠାରେ ବିଭିନ୍ନ ପ୍ରକାରର ମେଜ ଓ ଷ୍ଟାଣ୍ଡ୍‌ଗୁଡିକ ବହୁତ ସୁନ୍ଦର ରୂପେ ସଜା ହୋଇ ତା ଉପରେ ପୁସ୍ତକ ଗୁଡିକ ରଖାଯାଇଥିଲା ଯଦ୍ୱାରା ପୁସ୍ତକଗୁଡିକ ହାସଲ କରିବା ପାଇଁ ଆସୁଥିବା ଲୋକମାନେ ସହଜରେ ନିଜର ମନ ମୁତାବକ ପୁସ୍ତକକୁ ହାସଲକରିପାରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନ୍ୟାସ୍‌ନାଲ୍ ସେକ୍ରେଟାରୀ ଇଶାଅତ୍‌ଙ୍କ ଠାରୁ ପଚାରି ବୁଝିଲେ କି କଣ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ପୁସ୍ତକ ହସ୍ତି ବାରି ତାଆଲାର ୧୦ଟି ଦଲିଲ୍ ଜର୍ମାନୀ ଭାଷାରେ ଅନୁବାଦ ହୋଇ ପ୍ରକାଶ ହୋଇସାରିଛି । ଏଥିରେ ସେକ୍ରେଟାରୀ ସାହେବ୍ ବତାଇଲେ କି ବର୍ତ୍ତମାନ ପର୍ଯ୍ୟନ୍ତ ସେହି ପୁସ୍ତକର ଅନୁବାଦ ହୋଇନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହିଦାୟତ୍ କଲେ କି ଉକ୍ତ ପୁସ୍ତକଟିର ଅନୁବାଦ କରାଇ ପ୍ରକାଶ କରନ୍ତୁ । ଏହାପରେ ହଜୁର୍ ଅନୁଓ୍ୱର୍ ଜାଏଦାଦ୍ ବିଭାଗ, ୧୦୦ଟି ମସ୍‌ଜିଦ୍ ନିର୍ମାଣ କରିବାର ବିଭାଗ, ଗ୍ରୀନ୍ କାର୍ଡ୍ ଏରିଆ ପ୍ରଦାନ କରିବା ବିଭାଗ, ଶିକ୍ଷା ବିଭାଗ, ଓ୍ୱସିୟତ୍ ବିଭାଗ, ରିସ୍ତାନାତା ବିଭାଗ, ଓ୍ୱକ୍‌ଫେ ନୌ ବିଭାଗ, ଅହେମଦୀୟା ଆର୍କିଟେକ୍‌ସ୍ ଆଣ୍ଡ୍ ଇଞ୍ଜିନିୟର୍ ଆସୋସିଏସନ୍, ହ୍ୟୁମାନିଟି ଫାର୍ଷ୍ଟ, ଅଡିଓ ବିଭାଗ ଏବଂ ଓ୍ୱସାୟା ବିଭାଗ ଇତ୍ୟାଦିର ଦଫ୍‌ତର୍ ଗୁଡିକ ଯେଉଁଠି ସ୍ଥାପନ କରାଯାଇଥିଲା, ସେଗୁଡିକୁ ପରିଦର୍ଶନ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ହ୍ୟୁମାନିଟି ଫାର୍ଷ୍ଟ ବିଭାଗର ମୁଆଇନା କଲେ । ଆଫ୍ରିକାରେ ବ୍ୟବହାର କରିବା ପାଇଁ ଏଠିକାର ଗ୍ରାଭିଟି ଲାଇଟିର ଗୋଟିଏ ନମୁନା ରଖାଯାଇଥିଲା । ହଜୁର୍ ଅନୁଓ୍ୱର୍ ଏ ସମ୍ବନ୍ଧରେ ପଚାରି ବୁଝିଲେ । ହ୍ୟୁମାନିଟି ଫାର୍ଷ୍ଟ ଜର୍ମାନୀର ଚେୟାର୍‌ମ୍ୟାନ୍ ଡକ୍‌ଟର୍ ଅତ୍‌ହର୍ ଜୁବେର୍ ସାହେବ୍ ତାକୁ ଅନ୍ କରି ଦେଖାଇଲେ । ଏହି ଲାଇଟ୍ କୌଣସି ଜିନିଷରେ ମଧ୍ୟ ଲଟକାଇ ଦିଆଯାଇପାରିବ । ଗୋଟିଏପଟୁ ଗୋଟିଏ ଜଞ୍ଜିର୍ ଭିଡାଯାଇଥାଏ ଏବଂ ଜଞ୍ଜିର୍‌ର ଅନ୍ୟପଟେ ଥିବା ଭାଗଟି ଉପରକୁ ଚାଲିଯାଏ ଓ ପୁଣି ୨୦ମିନିଟ୍‌ର ଅବଧି ପରେ ଏହା ପୁଣି ଚାଲିଆସେ । ଏହି ୨୦ମିନିଟ୍ ସମୟ ପର୍ଯ୍ୟନ୍ତ ଉକ୍ତ ଲାଇଟ୍‌ଟି ଜଳି ରହେ । କୋଡିଏ ମିନିଟ୍ ଜଳିବା ପରେ ପୁଣି ଜଞ୍ଜିର୍‌ଟି ଟାଣିଦେଲେ ତାହା ବନ୍ଦ୍ ହୋଇଯାଏ । ଏହିପରି ଆପଣଙ୍କ ମନ ମୁତାବକ ଏହାକୁ ଜଳାଇ ପାରିବେ ।

ହଜୁର୍ ଅନୁଓ୍ୱର୍ ଡାକ୍ତର୍ ସାହେବ୍‌ଙ୍କୁ କହିଲେ କି ପୁରୁଣା ଯୁଗରେ ପବନ ଦେବପାଇଁ ଏହିଭଳି ପଙ୍ଖା ତିଆରି କରାଯାଉଥିଲା । ଅର୍ଥାତ୍ ଦୁଇପଟେ ଡୋର ଲଗାଇ ତାକୁ ହଲାଉଥିଲେ, ଯଦ୍ୱାରା ପଙ୍ଖାଟି ଚାଲୁଥିଲା । ଏବେ ଆପଣ ଯେଉଁଭଳି ଏହି ଲାଇଟ୍‌ଟିକୁ ପ୍ରସ୍ତୁତ କରିଛନ୍ତି ସେହିଭଳି ଏପରି କୌଣସି ପଙ୍ଖା ମଧ୍ୟ ବନାନ୍ତୁ ଯାହା ଏହିପରି ବ୍ୟବହାର କରାଯାଉ ଚଲାଯାଇପାରିବ ।

ହ୍ୟୁମାନିଟି ଫାର୍ଷ୍ଟ‌ର ସଦସ୍ୟମାନେ ଗୋଟିଏ ଏମର୍‌ଜିଏନ୍‌ସି କିଟ୍ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ଏପରି ସମସ୍ତ ପ୍ରକାରର ମୁଳ ଜିନିଷ ଗୁଡିକୁ ଯୋଗାଇ ଦିଆଯାଇଛି । ଯଦ୍ୱାରା ଜଣେ ମଣିଷ ଦୁଇ ସପ୍ତାହ ଜୀବନ ବଂଚାଇ ପାରିବ । ଏହି କିଟ୍‌ରେ ଖାଦ୍ୟ ଓ ପାନୀୟ ବସ୍ତୁ, ରାତିରେ ଶୋଇବା ପାଇଁ ବିଛଣା, ଟର୍ଚ୍ଚ୍, ଛୋଟ ରେଡିଓ, ଏହିଭଳି ଅତ୍ୟାବଶ୍ୟକ ବସ୍ତୁଗୁଡିକ ରହିଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ପ୍ରେମର ସହିତ ନିଜ ତରଫରୁ ଅର୍ଥ ପଇଠ କରି ଏହି କିଟ୍ ମଧ୍ୟ କିଣିଲେ ଓ ଏତଦ୍‌ବ୍ୟତୀତ ହ୍ୟୁମାନିଟି ଫାର୍ଷ୍ଟ ଯେଉଁସବୁ ଭିନ୍ନ ଭିନ୍ନ ବସ୍ତୁ ପ୍ରସ୍ତୁତ କରିଥିଲା ସେଥିମଧ୍ୟରୁ ଗୋଟିଏ ଗୋଟିଏ ମଧ୍ୟ ସାମ୍ପୁଲ୍ କିଣିଲେ ।

ଏଠାରେ ମୁଆଇନା କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁରୁଷମାନଙ୍କ ନିମନ୍ତେ ପ୍ରସ୍ତୁତ ହୋଇଥବା ଜଲ୍‌ସାଗାଃକୁ ଗଲେ । ଯେଉଁଠି ପ୍ରୋଗ୍ରାମ୍ ମୁତାବକ ଜଲ୍‌ସାସାଲାନାର ଡ୍ୟୁଟି ସମ୍ବନ୍ଧରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବାର ଥିଲା । ସମସ୍ତ ନାଜିମ୍ ମାନେ ନିଜ ନିଜର ମାଓ୍ୱିନ୍ ଏବଂ କାର୍‌କୁନାନ୍‌ଙ୍କ ସହିତ ଧାଡି ଧାଡି ହୋଇ କ୍ରମାନୁସାରେ ବସିଥିଲେ । ଅଫିସର୍ ଜଲ୍‌ସାସାଲାନା, ଅଫିସର୍ ଜଲ୍‌ସାଗାଃ ଏବଂ ଅଫିସର୍ ଖିଦ୍‌ମତେ ଖଲ୍‌କ୍‌ଙ୍କ ବ୍ୟତୀତ ନାଏବ୍ ଅଫିସର୍‌ମାନଙ୍କ ସଂଖ୍ୟା ଥିଲା ୧୩ ଓ ନାଜିମ୍ ମାନଙ୍କର ସଂଖ୍ୟା ଥିଲା ୭୧, ନାଏବ୍ ନାଜିମ୍ ମାନଙ୍କର ସଂଖ୍ୟା ଥିଲା ୧୮୬ । ଯେବେ କି ମୁନ୍‌ତଜିମ୍‌ଙ୍କ ସଂଖ୍ୟା ଥିଲା ୩୩୯ ଓ ମାଓ୍ୱିନ୍ ମାନଙ୍କର ସଂଖ୍ୟା ଥିଲା ୫୮୫୬ । ଏତଦ୍‌ବ୍ୟତୀତ ୨୦୦ ଜଣ ଅତ୍‌ଫାଲ୍ ପିଲା ଥିଲେ । ସେହିପରି ସର୍ବମୋଟ ୬୭୬୯ ପୁରୁଷ ଓ ପିଲାମାନେ ଡ୍ୟୁଟି ଦେବାପାଇଁ ପ୍ରସ୍ତୁତ ଥିଲେ ।

ଏହି ତକ୍‌ରିବ୍‌ର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ସହିତ ହେଲା ଯାହା ମୋକରମ୍

ଅନିକ୍ ଅହେମଦ୍ ସାହେବ୍ ପାଠ କଲେ ଏବଂ ପରେ ଏହାର ଉର୍ଦ୍ଦୁ ଏବଂ ଜର୍ମାନୀ ଭାଷାରେ ଅନୁବାଦ ଉପସ୍ଥାପନ କଲେ । ଏହାପରେ ହଜୁର୍ ଅନୱର୍ ଅ:ବ:ଅ ଭାଷଣ ପ୍ରଦାନ କଲେ ।

**ମୁଆଇନା କାର୍କୁନାନ୍ ଅବସରରେ ହଜୁର୍ ଅନୱର୍‌ଙ୍କ ଭାଷଣ**

ହଜୁର୍ ଅନୱର୍ ଅ:ବ:ଅ ତଶହୁଦ୍ ତଉଜ ଏବଂ ତସ୍‌ମିଆ ପାଠ କରିବା ପରେ କହିଲେ- ଅଲ୍ଲାହ୍‌ତାଲାଙ୍କ ଫଜଲରୁ ଜମାତ୍ ଅହେମଦୀୟା ଜର୍ମାନୀର ଜଲ୍‌ସାସାଲାନା ଆରମ୍ଭ ହେଉଅଛି । ଜଲ୍‌ସାର ପ୍ରସ୍ତୁତି ନିମନ୍ତେ ବିଗତ ଅନେକ ଦିନ ହେବ ଏଠାରେ କାର୍ଯ୍ୟ ଚାଲିଛି । ଅଫିସର୍ ସାହେବ୍ ଜଲ୍‌ସାସାଲାନା ଏବଂ ବାକି ବିଭାଗରୁ ମଧ୍ୟ ଯେଉଁ ସବୁ ରିପୋର୍ଟ୍‌ସ୍ ମୋତେ ମିଳୁଅଛି ତା ମୁତାବକ ଅଲ୍ଲାହ୍‌ତାଲାଙ୍କ ଦୟାବଳରୁ ଏବର୍ଷ ପାକିସ୍ତାନ୍‌ରୁ ଯେଉଁ ନୁଆ ଲୋକମାନେ ଆସିବାକୁ ଅଛନ୍ତି, ସେମାନେ ମଧ୍ୟ ଜଲ୍‌ସା କାର୍ଯ୍ୟର ପ୍ରସ୍ତୁତି ନିମନ୍ତେ ନିଜକୁ ପେଶ୍ କରିଛନ୍ତି ଓ ନିଃସ୍ୱାର୍ଥପର ହୋଇ ସେମାନେ ବହୁତ ବଡ ସେବା କରିଛନ୍ତି । ଅଲ୍ଲାହ୍‌ତାଲା ସେ ସମସ୍ତଙ୍କୁ ଉତମ ପ୍ରତିବଦଳ ପ୍ରଦାନ କରନ୍ତୁ । ପୂର୍ବରୁ ଯେଉଁମାନେ କାମ କରୁଥିଲେ ସେମାନେ ତ ତାଙ୍କ ସହିତ ମିଶି କାମ କରୁଛନ୍ତି । ଅଲ୍ଲାହ୍‌ତାଲା ସେମାନଙ୍କୁ ମଧ୍ୟ ଆହୁରି ଅଧିକା କାର୍ଯ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ସେମାନଙ୍କୁ ସାମର୍ଥ୍ୟକୁ ମଧ୍ୟ ବଢ଼ାଇ ଚାଲନ୍ତୁ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ- ଯେଉଁଠି ଜଲ୍‌ସା ସାଲାନାର ବ୍ୟବସ୍ଥା ସମ୍ବନ୍ଧରେ କଥା ଉଠୁଛି ସେଠି ପ୍ରତ୍ୟେକ ବର୍ଷ କିଛି ନା କିଛି ଉନ୍ନତି ପରିଲକ୍ଷିତ ହେଉଛି । ପଛବର୍ଷର ଦୋଷ ଦୁର୍ବଳତା ଗୁଡ଼ିକ ଉପରେ ଦୃଷ୍ଟି ଦିଆଯାଉଛି । ମୁଁ ଆଶା କରୁଛି କି ଏ ବର୍ଷ ମଧ୍ୟ ଯେଉଁ ବ୍ୟବସ୍ଥା କରାଯାଇଛି ସେଥିରେ ଉନ୍ନତି ଆଣିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଇଥିବ ଏବଂ ଏପର୍ଯ୍ୟନ୍ତ ଯାହାକିଛି ମୁଁ ଦେଖିଲି ଏଥିରୁ ମୁଁ ଜାଣିପାରୁଛି କି ଏଥିରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରାଯାଇଛି ।

ହଜୁର୍ ଅନୱର୍ ଅ:ବ:ଅ କହିଲେ- ଏବର୍ଷ ଗୋଟିଏ କଥାର ଅଭିଯୋଗ ଲୋକମାନଙ୍କ ତରଫରୁ ଆସିଛି ଓ ସେମାନେ ଲେଖିଛନ୍ତି କି ପ୍ରଥମେ ମୁଁ ଖୁତ୍‌ବାକୁମା, ପରେ ନମାଜ ପଢ଼ିବା ପାଇଁ ଉପରମହଲାର ଶେଷ କୋଣକୁ ଯାଇଥିଲି । ବର୍ତ୍ତମାନ ସେଠାକୁ ଯିବିନାହିଁ । ବରଂ ଏଠି ଏହି ହଲ୍‌ରେ ନମାଜ ପଢ଼ାଇବି । ସେଥିପାଇଁ ଇନ୍ତେଜାମିଆ ଏ ବ୍ୟବସ୍ଥା କରିଛନ୍ତି କି ବାହାରେ ଗୋଟିଏ ଟେଂଟ୍ ଲଗାଯାଇଛି, ଯେଉଁଥିରେ Over flow ହୋଇଥିବା ଲୋକମାନେ ନମାଜ ପଢ଼ିବେ । ଏମାନଙ୍କର ଧାରଣା କି ସମସ୍ତ Over flow ହେଉଥିବା ଲୋକେ ଏହି ସ୍ଥାନରେ ଜାଗା ଧରିନେବେ । କିନ୍ତୁ ମୋତେ ଲେଖିଥିବା ଲୋକଙ୍କର ଧାରଣା କି ଏହି ସ୍ଥାନଟି କମ୍ ହୋଇଯିବ । ସେ ଯାହାହେଉ ଯାଗା କମ୍ ହୋଇଯିବା ଗୋଟିଏ ଦୃଷ୍ଟିକୋଣରୁ ଭଲ, କିନ୍ତୁ ଇନ୍ତେଜାମିଆକୁ ଏହା ଦେଖିବା ଉଚିତ୍ କି ସେଥିଯୋଗୁ କୌଣସି ପ୍ରକାରର ଅବ୍ୟବସ୍ଥା ନହେଉ । ଯଦି ସେହି ସ୍ଥାନଟି ଅଳ୍ପ ଅଛି ତେବେ ତା ବଦଳରେ ଅଲଗା ଯାଗାର ବ୍ୟବସ୍ଥା ପୂର୍ବରୁ ହେବା ଉଚିତ୍ । ଏପରି ନହେଉ କି ସମୟ ଆସିଲେ ଯାଇ ବ୍ୟବସ୍ଥା କରାଯିବ । ତେଣୁ ଏହି ବିଭାଗରେ କାମ କରୁଥିବା କାର୍‌କୁନ୍‌ମାନେ, ଯେପରିକି ମୁଁ କହିସାରିଛି ଓ ସେମାନଙ୍କ ନିଗ୍ରାନ୍ ଓ ସେମାନଙ୍କ ଅଫିସର୍ ଏବଂ ନାଜିମ୍ ପୂର୍ବରୁ ଏ କଥା ଉପରେ ଚିନ୍ତା କରି ନିଅନ୍ତୁ ଓ ଏପରି ବ୍ୟବସ୍ଥା କରନ୍ତୁ କି ଠିକ୍ ସମୟରେ କୌଣସି ପ୍ରକାରର Panic ସୃଷ୍ଟି ନହେଉ ବା Rush ନହେଉ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ- ବ୍ୟବସ୍ଥା ସମ୍ବନ୍ଧରେ ମୁଁ ବିଶେଷ ରୂପେ ମହିଳାମାନଙ୍କ ପାଇଁ ଟଏଲେଟ୍‌ସ୍ ଇତ୍ୟାଦି ପ୍ରତି ମୁଁ ଧ୍ୟାନ ଆକର୍ଷଣ କରାଇଥିଲି । ଏ ବର୍ଷ ସେଥିରେ ଉନ୍ନତି ପରିଲକ୍ଷିତ ହେବା ଉଚିତ୍ ଓ ଅଧିକ ସଂଖ୍ୟାରେ ଟଏଲେଟ୍‌ର ବ୍ୟବସ୍ଥା କରିବା ଉଚିତ୍ । ମହିଳାମାନଙ୍କର ଆବଶ୍ୟକତା ଅଧିକ ଓ ସେମାନଙ୍କ ସହିତ ତାଙ୍କ ପିଲାମାନେ ମଧ୍ୟ ଥାଆନ୍ତି । ସେଇଥିପାଇଁ ପୁରୁଷ ମାନଙ୍କ ଅପେକ୍ଷା ମହିଳାମାନଙ୍କ ଆବଶ୍ୟକତା ଅଧିକା ହୋଇଥାଏ । ତେଣୁ ଏଥିପ୍ରତି ମଧ୍ୟ ଇନ୍ତେଜାମିଆଙ୍କୁ ଧ୍ୟାନଦେବା ଉଚିତ୍ । ଯେଉଁ ଅଫିସରମାନେ ଅଛନ୍ତି ସେମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଯେଉଁମାନେ ସ୍କିମ୍ ବନାଉଛନ୍ତି ସେମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଯଦି ବର୍ତମାନ ବ୍ୟବସ୍ଥା ନାହିଁ ତେବେ ଚିନ୍ତା କରନ୍ତୁ କି ବାରଘଂଟାରେ ବା ଚବିଶି ଘଂଟା ଭିତରେ କଣ ବ୍ୟବସ୍ଥା କରାଯାଇପାରିବ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ- ଅସଲ କଥା ହେଉଛି କାର୍‌କୁନ୍ ମାନଙ୍କର କାର୍ଯ୍ୟ କରିବା । ଯେପରିକି ମୁଁ କହିସାରିଛି ଯେ ବର୍ତ୍ତମାନ କାର୍ଯ୍ୟ କରିବା ଦୃଷ୍ଟିକୋଣରୁ ସମସ୍ତ ବିଭାଗର କର୍ମୀମାନେ ନିପୁଣ ହୋଇସାରିଛନ୍ତି । ତାହା ଖାଦ୍ୟ ପ୍ରସ୍ତୁତକାରୀ ବିଭାଗ ହେଉ ବା ଖାଦ୍ୟ ଖୁଆଇବାର ବିଭାଗ ହେଉ, ପାର୍କିଂ କରାଇବାର ବିଭାଗ ହେଉ, ସିକ୍ୟୁରିଟି ବିଭାଗ ହେଉ ବା ଏଠି ଜଲ୍‌ସାଗାହ ଭିତରେ ଯେଉଁ ବ୍ୟବସ୍ଥା ଅଛି ସେ ସମସ୍ତ ବିଭାଗ ହେଉ, ସେହିପରି ବାକି ଅନ୍ୟାନ୍ୟ ସମସ୍ତ ବିଭାଗ ଗୁଡିକ ହେଉ । ପୁରଷ ମାନଙ୍କ ନିମନ୍ତେ ଓ ମହିଳାମାନଙ୍କ ନିମନ୍ତେ ଯେଉଁ ବିଭାଗ ଅଛି, ତାହା ସବୁ ଯୋଜନା ଦୃଷ୍ଟିକୋଣରୁ ବହୁତ ଉତମ ବ୍ୟବସ୍ଥା କରାଯାଇଛି । କିନ୍ତୁ ଯୋଜନା ସେ ସମୟରେ କାମ କରିଥାଏ ବା ଲୋକମାନଙ୍କୁ ଆତ୍ମସନ୍ତୋଷ ସେତେବେଳେ ମିଳିଥାଏ ଯେତେବେଳେ କର୍ମୀମାନେ ମଧ୍ୟ ଉତମ ରୂପେ ନିଜର କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିଥାନ୍ତି ଓ ଆମ ପାଇଁ ସବୁଠାରୁ ଉତମ କାର୍ଯ୍ୟକୁ ସମ୍ପାଦନ କରିବା ତାହା ହେବ, ବିଶେଷ ରୂପେ ପ୍ରତ୍ୟେକ କାର୍‌କୁନ୍ ଓ ସ୍ୱେଚ୍ଛାସେବକମାନେ ଯେତେବେଳେ ନିଜର କାମଗୁଡିକ ହସ ହସ ଚେହେରା ସହିତ କରିବେ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ- ସାଧାରଣତଃ ମୋ ପାଖକୁ ଏଠାରୁ ଅନେକ ଅଭିଯୋଗ ପହଂଚୁଛି । ୟୁ.କେ ରେ ମଧ୍ୟ ଜଲ୍‌ସା ବହୁତ ବ୍ୟାପକ ରୂପେ ଅନୁଷ୍ଠିତ ହୋଇଥାଏ । ସେଠାରୁ ମଧ୍ୟ ଅଭିଯୋଗ ଆସେ କିନ୍ତୁ ବହୁତ କମ୍ । କିନ୍ତୁ ଏଠି ଅଧିକା ଅଭିଯୋଗ ହେଉଛି ଏବଂ ବିଶେଷ ରୂପେ ମହିଳାମାନଙ୍କ ତରଫରୁ ଅନେକ ଅଭିଯୋଗ ମିଳୁଛି କି ଖାଦ୍ୟ ଖୁଆଇବା ପାଇଁ ଯେଉଁ ଝିଅପିଲାମାନେ ଡ୍ୟୁଟି ଦେଉଛନ୍ତି ସେମାନଙ୍କର ବ୍ୟବହାର ବୟସ୍କା ମହିଳାମାନଙ୍କ ସହିତ ଓ ପିଲାଙ୍କୁ ସାଙ୍ଗରେ ଆଣିଥିବା ମହିଳାମାନଙ୍କ ସହିତ ଭଲ ନଥାଏ । ଅତିଥିମାନେ ଯାହା କୁହନ୍ତୁ ପଛେ, ଆପଣମନେ ଯେଉଁମାନେ ସ୍ୱେଚ୍ଛାସେବୀ କର୍ମୀଅଛ, ଓ ଯେଉଁମାନେ ନିଜକୁ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନଙ୍କ ସେବା ନିମନ୍ତେ ସ୍ୱେଚ୍ଛାସେବକ ରୂପେ ନିଜକୁ ପେଶ୍ କରିଛ, ଆପଣମାନଙ୍କର ଏ କାମ ହେବା ଉଚିତ୍ କି ଆପଣମାନେ ହସହସ ମୁହଁରେ ସମସ୍ତ କାର୍ଯ୍ୟକୁ ସମ୍ପାଦନ କରିବା ଉଚିତ୍ । ଏହାର ପ୍ରତିବଦଳରେ ଆପଣଙ୍କୁ ଯେତେପଛେ ଖରାପ କୁହାଗଲେ କୁହାଯାଉ । ଯଦି ଏବେ ମଧ୍ୟ ସେହି ଅଭିଯୋଗ ଆସିବ, ସଦର୍ ସାହିବା ଲଜ୍‌ନା ମଧ୍ୟ ନୋଟ୍ କରିନିଅନ୍ତୁ ଓ ତାଙ୍କା ନାଜିମାତ୍‌ମାନେ ମଧ୍ୟ ଏକଥାକୁ ନୋଟ୍ କରି ନିଅନ୍ତୁ ଯେ ନାଁ ତ ନାଜିମାତ୍‌ଙ୍କ ତରଫରୁ ଓ ନା କୌଣସି କାର୍‌କୁନାତ୍‌ଙ୍କ ତରଫରୁ ଏହି ପ୍ରକାରର କୌଣସି ଅଭିଯୋଗ ଆସିବା ଉଚିତ୍ ନୁହେଁ । ଅର୍ଥାତ୍ କୌଣସି ମହିଳା କାର୍‌କୁନ୍ ଅନ୍ୟ କାହାକୁ ଖରାପ ଉତର ଦେଇଥିବ ବା ହସହସ ଚେହେରାରେ ଉତର ଦେଇନଥିବ । ଏପରି ଅଭିଯୋଗ ଯାହା ମଧ୍ୟ ହେବ ଓ ଯାହା ବିରୋଧରେ ଏ ଅଭିଯୋଗ ହେବ ଆସନ୍ତାକୁ ପୁଣି ତାଙ୍କ ଡ୍ୟୁଟି ଲଗାଇବେ ନାହିଁ । ଏହିପରି କାର୍‌କୁନ୍‌ମାନେ ମଧ୍ୟ ବିଶେଷ ରୂପେ ଧ୍ୟାନ ରଖନ୍ତୁ କି ଯେପରି କୌଣସି ପ୍ରକାରର ଅଭିଯୋଗ ନଆସୁ । ବିଶେଷ ରୂପେ ଯେଉଁ ସମସ୍ତ ବିଭାଗ ଗୁଡିକ ରହିଛି, ସିକ୍ୟୁରିଟି ବ୍ୟବସ୍ଥାରେ ବେଳେବେଳେ କଡା ସ୍ୱଭାବ ଗ୍ରହଣ କରିବାକୁ ପଡ଼ିଥାଏ, ଚେକ୍ କରିବାକୁ ପଡ଼ିଥାଏ କିନ୍ତୁ ଉତମ ଚରିତ୍ର ଉପସ୍ଥାପନ କରିବାର ପରିଧି ଭିତରେ ରହି ଚେକ୍ କରନ୍ତୁ । ସେହିପରି ଖାଦ୍ୟ ଖୁଆଇବା ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ୍ କଂଟ୍ରୋଲ୍, ଏହପରି ସମସ୍ତ ସ୍ଥାନରେ ଆପଣମାନଙ୍କର ଉତମ ଚରିତ୍ର ଉପସ୍ଥାପନ କରିବା ଉଚିତ୍ ଏବଂ ହସହସ ଚେହେରାରେ କାର୍ଯ୍ୟକୁ ସମ୍ପାଦନ କରିବା ଉଚିତ୍ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ- ଅଲ୍ଲାହ୍‌ତାଲାଙ୍କ ଫଜଲରୁ ବିଭିନ୍ନ ଅତିଥିମାନଙ୍କ ତରଫରୁ ମଧ୍ୟ ଓ ୟୁ.କେ ରେ ରହୁଥିବା ଲୋକମାନଙ୍କ ତରଫରୁ ମଧ୍ୟ ଏବର୍ଷ ଯେଉଁ ମୋଟାମୋଟି ରିପୋର୍ଟ୍ ମୋତେ ମିଳିଛି ଅର୍ଥାତ୍ ୟୁ.କେ ର ଜଲ୍‌ସାସାଲାନାରେ କାର୍‌କୁନ୍ ଓ କାର୍‌କୁନାତ୍‌ମାନେ ହସହସ ଚେହେରା ସହିତ ନିଜର ଧାର୍ଯ୍ୟ ଡ୍ୟୁଟି ସମ୍ପାଦନ କରିଛନ୍ତି । ଏବଂ ଏହି ପ୍ରକାରର ବିଶେଷତା ହେଉଛି ଜମାତ୍ ଅହେମଦୀୟାର ପ୍ରତ୍ୟେକ ସଦସ୍ୟଙ୍କର । କେବଳ ଗୋଟିଏ ଦେଶର ଖୁଦାମ୍ ବା କାର୍‌କୁନ୍‌ମାନଙ୍କର ଏହି ବିଶେଷତା ନୁହେଁ । ସେଇଥିପାଇଁ ଆପଣମାନେ ମନେ ରଖନ୍ତୁ ଯେ ଜର୍ମାନୀର ସ୍ୱେଚ୍ଛାସେବକଙ୍କ ଉପରେ କିଛି ବର୍ଷ ହେବ ଯେଉଁ ଅଭିଯୋଗ ଲଗାଯାଉଛି ଓ ମୋ ପାଖକୁ ଲଗାତାର୍ ଯେଉଁ ଅଭିଯୋଗ ଆସୁଅଛି, ତାହା ଏବର୍ଷ ନ ହେଉ । ଅର୍ଥାତ୍ କୌଣସି କାର୍‌କୁନ୍, ସେମାନେ ଝିଅ ହୁଅନ୍ତୁ, ମହିଳା ହୁଅନ୍ତୁ, ପୁଅ ହୁଅନ୍ତୁ ବା ପୁରୁଷ ହୁଅନ୍ତୁ, କୌଣସି ପ୍ରକାରର ମଧ୍ୟ କୁବ୍ୟବହାର ଦେଖାଇବେ ନାହିଁ ବା ଠିକ୍‌ଭାବେ ଉତର ଦେବେ ଓ ସଠିକ୍ ମାର୍ଗଦର୍ଶନ କରାଇବେ ଏବଂ ହସହସ ମୁଖରେ କାର୍ଯ୍ୟ କରିବେ । ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନଙ୍କର ଯଦି ସେବା କରିବା ପାଇଁ ଚାହୁଁଛ ତେବେ ହସହସ ମୁଖରେ ସେବା କରନ୍ତୁ । ଯଦି ନିଜର ସ୍ୱଭାବ ଦୃଷ୍ଟିକୋଣରୁ ଏପରି କରିପାରୁନାହଁ ତେବେ ନିଜ ଡ୍ୟୁଟିରୁ ଅଲଗା ହୋଇଯାଆନ୍ତୁ । ଅଲ୍ଲାହ୍‌ତାଲା ଆପଣ ସମସ୍ତଙ୍କୁ ସଠିକ୍ ରୂପେ ସେବା କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ପୂର୍ବଠାରୁ ଅଧିକା ଉତମ ରଙ୍ଗରେ ଖିଦ୍‌ମତ୍ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାହ୍‌ତାଲା ଏ ଜଲ୍‌ସାକୁ ମଧ୍ୟ ପ୍ରତିକ୍ଷେତ୍ରରୁ ବା ବରକତ୍ କରନ୍ତୁ । ଆପଣମାନଙ୍କର ଯେଉଁ ଡ୍ୟୁଟି ରହିଛି ତାହା ଏପରି ହେଉ କି ଯଦ୍ୱାରା ପ୍ରତ୍ୟେକ ଆପଣମାନଙ୍କୁ ପ୍ରଶଂସା କରିବେ ଓ ସବୁଠାରୁ ବଳି ଏହା କି ଅଲ୍ଲାହ୍‌ତାଲାଙ୍କର କୃପାଦୃଷ୍ଟି ପଡି ଆମ ସେବା ଗୁଡିକ ଗ୍ରହଣୀୟ ହେଉ । ଏବେ ଦୁଆ କରି ନିଅ ।

ଅଭିଭାଷଣ ପ୍ରଦାନ କରିବା ପରେ ହଜୁର୍ ଅନୱର୍ ଅ:ବ:ଅ ଦୁଆ କରାଇଲେ । ହଜୁର୍ ଅନୱର୍‌ଙ୍କ ଅଭିଭାଷଣ ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ତାପରେ ପ୍ରୋଗ୍ରାମ୍ ମୁତାବକ ଠିକ୍ ୯ଟା ସମୟରେ ହଜୁର୍ ଅନୱର୍ ଅ:ବ:ଅ ମଗ୍‌ରିବ୍ ଓ ଇଶା ନମାଜ୍ ଜମା କରି ପଢ଼ାଇଲେ ।

ନମାଜ ପାଠ ପରେ ନିଜ ଆବାସସ୍ଥଳୀ ଆଡକୁ ଯିବା ସମୟରେ ହଜୁର୍ ଅନୱର୍ ଅ:ବ:ଅ ପ୍ରଦର୍ଶନୀର ମୁଆଇନା ମଧ୍ୟ କଲେ । ଏହି ତବ୍‌ଲିଗ୍ ପ୍ରଦର୍ଶନୀର ଗୋଟିଏ ଅଂଶରେ ଇସ୍‌ଲାମ୍ ଏବଂ ପବିତ୍ର କୋରାନ୍‌କୁ ବିଶେଷ ରୂପେ ପ୍ରଦର୍ଶନ କରାଯାଇଥିଲା । ଇସ୍‌ଲାମ୍ ପ୍ରସଙ୍ଗରେ ବିଭିନ୍ନ ବିଷୟ ଉପରେ ଆଧାରିତ ବାରଗୋଟି ବ୍ୟାନର୍ ଲଗାଯାଇଥିଲା । ଇସ୍‌ଲାମ୍‌ର ଐତିହାସିକ ଘଟଣା ଫିଲ ଠାରୁ ନେଇ ଆଁ ହଜରତ୍ ସ:ଆ:ସଙ୍କ ଦେହାନ୍ତ ପର୍ଯ୍ୟନ୍ତ Touch screen ଦ୍ୱାରା ବ୍ୟବସ୍ଥା କରାଯାଇଥିଲା । ଏହି ପ୍ରଦର୍ଶନୀରେ ପବିତ୍ର କୋରାନ୍‌ର ୫୭ଟି ଅନୁବାଦ ରଖାଯାଇଥିଲା । ଏତଦଭିନ୍ନ ଜର୍ମାନୀ ଭାଷାରେ ଯେଉଁ ପୁସ୍ତକ ଗୁଡିକ ଅଛି ସେଗୁଡିକର ଗୋଟିଏ ଷ୍ଟାଣ୍ଡ ମଧ୍ୟ ଲଗାଯାଇଥିଲା । ଏବଂ ଜର୍ମାନୀ ଭାଷାରେ ଥିବା ମାଗଣା ଲିଟ୍‌ରେଚର୍‌ର ଆଉ ଗୋଟିଏ ଷ୍ଟାଣ୍ଡ ମଧ୍ୟ ଲଗାଯାଇଥିଲା । କିଛି ଐତିହାସିକ୍ ଡକ୍ୟୁମେଂଟ୍‌ସ୍ ମଧ୍ୟ ଏହି ପ୍ରଦର୍ଶନୀରେ ଉପସ୍ଥାପନ କରାଯାଇଥିଲା । ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍ ଏବଂ ଅଲ୍ କଲମ୍ ପ୍ରୋଜେକ୍ଟ ମଧ୍ୟ ଏହି ପ୍ରଦର୍ଶନୀର ଅଂଶବିଶେଷ ଥିଲା । ୧୯୨୩ରୁ ନେଇ ୧୯୬୦ ପର୍ଯ୍ୟନ୍ତ ଜମାତ୍ ଅହେମଦୀୟା ଜର୍ମାନୀର ଇତିହାସକୁ ମଧ୍ୟ ଉପସ୍ଥାପନ କରାଯାଇଥିଲା । ଏହି ପ୍ରଦର୍ଶନୀର ନିରୀକ୍ଷଣ କରିବା ପରେ ହଜୁର୍ ଅନୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଜଲ୍‌ସାସାଲାନା ଚାଲିଥିବା ଦିନ ଗୁଡିକରେ ହଜୁର୍ ଅନୱର୍ ଅ:ବ:ଅଙ୍କ ରହଣି ଜଲ୍‌ସାଗାହ ଭିତରେ ଥିବା ଗୋଟିଏ ସ୍ଥାନ ସଂରକ୍ଷଣ ରଖାଯାଇଥାଏ ।

------------------

**୭ ସେପ୍ଟେମ୍ବର୍ ୨୦୧୮ (ଶୁକ୍ରବାର)**

ହଜୁର୍ ଅନୱର୍ ଅ:ବ:ଅ ଭୋର୍ ୫:୫୦ରେ ପୁରୁଷ ମାନଙ୍କ ନିମନ୍ତେ ଥିବା

ଜଲ୍‌ସାଗାଃରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ବର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁଓ୍ବର୍ ଅ:ବ:ଅ ଦଫ୍ତରୀ ଡାକ ଦେଖିଲେ ଓ ବିଭିନ୍ନ ପ୍ରକାରର ଦଫ୍ତରି କାର୍ଯ୍ୟ ସମ୍ପାଦନ କରିବାରେ ସମୟ ଅତିବାହିତ କଲେ ।

ଆଜି ଅଲ୍ଲାଃତାଲାଙ୍କ ଫଜଲରୁ ଜମାତ୍ ଅହେମଦୀୟା ଜର୍ମାନୀର ୪୩ତମ ଜଲସାସାଲାନାର ଶୁଭାରମ୍ଭ ହେଉଥିଲା ଓ ଆଜି ଜଲସାସାଲାନାର ପ୍ରଥମ ଦିନ ଥିଲା । ପ୍ରୋଗ୍ରାମ୍ ମୁତାବକ ଦ୍ୱିପ୍ରହର ଦିନ ୧:୫୫ରେ ହଜୁର୍ ଅନୁଓ୍ବର୍ ଅ:ବ:ଅ ପର୍ଚମ୍ କୁଶାଇ (ପତାକା ଉତଳନ) ଉତ୍ସବ ନିମନ୍ତେ ଜଲ୍‌ସାଗାଃର ଚାରିଗୋଟି ହଲ୍‌ର ମଝିରେ ଅବସ୍ଥିତ ଗୋଟିଏ ଖୋଲା ଲନ୍‌ରେ ପହଂଚିଲେ । ହଜୁର୍ ଅନୁଓ୍ବର୍ ଅ:ବ:ଅ ଲିଓ୍ବାଏ ଅହେମଦୀୟତ୍ (ଅହେମଦୀୟତ୍‌ର ପତାକା) ଉତଳନ କଲେ ଓ ଜମାତ୍ ଅହେମଦୀୟା ଜର୍ମାନୀର ଅମୀର୍ ସାହେବ୍ ଜର୍ମାନୀର ଜାତୀୟ ପତାକା ଉତଳନ କଲେ । ଏହାପରେ ହଜୁର୍ ଅନୁଓ୍ବର୍ ଅ:ବ:ଅ ଦୁଆ କରାଇଲେ । ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ଏଠି ଜଲ୍‌ସାଗାଃରୁ ସକାଳଠାରୁ ସିଧା ପ୍ରସାରଣ କାର୍ଯ୍ୟ ଆରମ୍ଭ କରିସାରିଥିଲା । ପର୍ଚମ୍ କୁଶାଇର ଏହି ଉତ୍ସବ ମଧ୍ୟ ସାରା ପୃଥିବୀରେ ସିଧା ପ୍ରସାରଣ କରାଗଲା । ଏହାପରେ ହଜୁର୍ ଅନୁଓ୍ବର୍ ଅ:ବ:ଅ ପୁରୁଷ ଜଲ୍‌ସାଗାଃରେ ପଦାର୍ପଣ କଲେ ଓ ଖୁତ୍‌ବାଜୁମା ପ୍ରଦାନ କଲେ । ଏହା ସହିତ ଜଲ୍‌ସାର ଉଦ୍‌ଘାଟନ ହେଲା । ଖୁତ୍‌ବାଜୁମାର ସମ୍ପୂର୍ଣ୍ଣ ଆଲେଖ୍ୟଟି ଅଖ୍‌ବାର୍ ବଦର୍ ୨୦ ସେପ୍ଟେମ୍ବର୍ ୨୦୧୮ ଅଙ୍କରେ ପ୍ରକାଶ ହୋଇସାରିଛି ।

ହଜୁର୍ ଅନୁଓ୍ବର୍ ଅ:ବ:ଅଙ୍କ ଏହି ଖୁତ୍‌ବାଜୁମା ଦିନ ୩ଟା ପର୍ଯ୍ୟନ୍ତ ଜାରି ରହିଲା । ଏହି ଖୁତ୍‌ବାଜୁମାଟି ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ଦ୍ୱାରା ସିଧା ପ୍ରସାରଣ କରାଗଲା ଓ ନିମ୍ନଲିଖିତ ୭ଗୋଟି ଭାଷାରେ ଅନୁବାଦ କରାଯାଉଥିଲା । ଇଂରାଜୀ, ଫ୍ରେନ୍‌ଚ୍, ଜର୍ମାନ୍, ଆରବୀ, ବଙ୍ଗଳା, ଇଣ୍ଡୋନେସିଆନ୍, ସ୍ୱାହିଲି । ଏତଦ୍‌ବ୍ୟତୀତ ନିମ୍ନଲିଖିତ ୭ଗୋଟି ଭାଷାରେ ମଧ୍ୟ ହଜୁର୍ ଅନୁଓ୍ବରଙ୍କ ଖୁତ୍‌ବାଜୁମାର ବ୍ୟବସ୍ଥା କରାଯାଇଥିଲା । ବୋସ୍‌ନିଆନ୍, ସ୍ପାନିସ୍, ବୁଲ୍‌ଗରିଆନ୍, ଫାର୍ସି, ରସିଆନ୍, ତୁର୍କଶ୍ ଏବଂ ଆଲ୍‌ବାନିୟାନ୍ । ଏହି ଭାଷାଗୁଡିକ ଜାଣିଥିବା ଲୋକମାନେ ଜଲ୍‌ସାଗାଃରେ ପ୍ରତ୍ୟକ୍ଷ ରୂପେ ଅନୁବାଦ ଶୁଣିଲେ । ଖୁତ୍‌ବାଜୁମା ପରେ ହଜୁର୍ ଅନୁଓ୍ବର୍ ଅ:ବ:ଅ ନମାଜ ଜୁମା ସହିତ ନମାଜ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ବର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ରେଡିଓ ୮୭.୯ଏଫ୍.ଏମ୍ ରେ ମଧ୍ୟ ହଜୁର୍ ଅନୁଓ୍ବରଙ୍କ ଖୁତ୍‌ବା ସିଧା ପ୍ରସାରଣ କରାଗଲା । ଏହି ରେଡିଓର ପରିଧି ହେଉଛି ୫କି.ମି । ଜଲସାସାଲାନାର ସମସ୍ତ ପ୍ରୋଗ୍ରାମ୍ ମଧ୍ୟ ଏହି ରେଡିଓ ମାଧ୍ୟମରେ ପ୍ରସାରଣ କରାଗଲା । ଏତଦ୍‌ବ୍ୟତୀତ ଅନ୍ୟ ସବୁ ସୁବିଧା, ଯେପରି Application ମଧ୍ୟ ରହିଛି । ଜଲସାସାଲାନା ଜର୍ମାନୀର ପ୍ରସାରଣ ଉର୍ଦ୍ଦୁ ଏବଂ ଜର୍ମାନୀ ଭାଷାରେ Jalsa Radio App ରେ ମଧ୍ୟ ଶୁଣାଯାଉଥିଲା ଏବଂ ଯେଉଁମାନଙ୍କ ନିକଟରେ ଇଂଟରନେଟ୍‌ର ସୁବିଧା ନାହିଁ ସେମାନଙ୍କ ପାଇଁ ଏହି ଆପ୍‌ରେ ସେହି ସୁବିଧା ରଖାଯାଇଛି କି ସେମାନେ ଫୋନ୍ ମାଧ୍ୟମରେ ନମ୍ବର୍ ମିଳାଇ ଜଲ୍‌ସାର ପ୍ରସାରଣ ନିଜ ଫୋନ୍ ମାଧ୍ୟମରେ ମଧ୍ୟ ଶୁଣିପାରିବେ ।

### ଜଲ୍‌ସାସାଲାନାର ପ୍ରେସ୍ କଭରେଜ୍

ଜଲ୍‌ସାସାଲାନାର କଭରେଜ୍ ନିମନ୍ତେ ବହୁ ସଂଖ୍ୟକ ପ୍ରେସ୍ ପ୍ରତିନିଧି ଜଲ୍‌ସାଗାଃରେ ଉପସ୍ଥିତ ଥିଲେ ।

| ଇଂଟର୍ ନ୍ୟାସ୍‌ନାଲ୍ ମିଡିଆ |
|---|
| Epa-European press photo agency. |
| Congo TV |
| Macedonian TV channel TV Kanal 8 Kocani |
| Macedonian TV channel TV Malesnet |
| Macedonian TV channel TV Iris stip |
| Masidonian TV channel TV Lova 12 Gevgelija |
| Alislam. MK Macedonia |
| Kars Komentaras Lithuania |
| Israel Hayom Online |
| Ruptly World Online |
| **ନ୍ୟାସ୍‌ନାଲ୍ ମିଡିଆ** |
| Welt Print Media |
| ZDF TV Channel |
| RTL TV Channel |
| CURISMON Print Media Online |
| (EPD) Evangelischer Pressedients News Agency. |
| DPA Karlsruhe |
| Deutsche Welle (Samstag) |
| SWR National ARD TV Channel. |
| **ଲୋକାଲ୍ ମିଡିଆ** |
| Badische Neuste Nachrichten |
| Baben TV |
| Online KA News |
| SWR Horfunk (Studio Krlsruhe) TV Channel |
| SWR Aktuell (Studio Krlsruhe) Radio Channel |
| Bayrischer Rundfunk (Montag) Radio Channel |

ଯେତେବେଳେ ହଜୁର୍ ଅନୁଓ୍ବର୍ ଅ:ବ:ଅ ନମାଜ ଜୁମା ଏବଂ ଅସର ପଢ଼ାଇବା ପରେ ଜଲ୍‌ସାଗାଃରୁ ନିଜ ଆବାସସ୍ଥଳୀକୁ ଫେରୁଥିଲେ ସେତେବେଳେ ହଜୁର୍ ଅନୁଓ୍ବରଙ୍କ ଆବାସସ୍ଥଳୀର ବାହାରେ ପ୍ରେସ୍ ଆଣ୍ଡ ମିଡିଆର ପ୍ରତିନିଧିଗଣ ଏବଂ ସାମ୍ବାଦିକମାନେ ହଜୁର୍ ଅନୁଓ୍ବରଙ୍କ ଆଗମନର ଅପେକ୍ଷାରେ ଛିଡା ହୋଇଥିଲେ । ଏମାନେ ସମସ୍ତେ ହଜୁର୍ ଅନୁଓ୍ବର୍ ଅ:ବ:ଅଙ୍କ ଫଟୋ ଉଠାଇଲେ ଏବଂ ହଜୁର୍ ଅନୁଓ୍ବରଙ୍କ ଆଗମନକୁ ରେକର୍ଡ଼ କଲେ ଓ ସେ ସବୁକୁ ନିଜର କଭରେଜର ଅଂଶ ବିଶେଷ ବନାଇଲେ ।

### ସାମୁହିକ ସାକ୍ଷାତ୍‌କାର

ଆଜି ସନ୍ଧ୍ୟାବେଳେ ସିନିଗାଲ୍, ତଜାକିସ୍ତାନ, ଲିଥୁଆନିଆ ଏବଂ ଆଫ୍ରିକିୟ ଦେଶଗୁଡିକରୁ ଆସିଥିବା ପ୍ରତିନିଧି ମଣ୍ଡଳ ଓ ଅତିଥିମାନଙ୍କ ସହିତ ସାମୁହିକ ସାକ୍ଷାତ୍‌କାର୍‌ର ପ୍ରୋଗ୍ରାମ୍ ରଖାଯାଇଥିଲା । ହଜୁର୍ ଅନୁଓ୍ବର୍ ଅ:ବ:ଅ ଠିକ୍ ୭:୩୦ରେ ସାକ୍ଷାତ୍‌କାର୍ ପାଇଁ ନିର୍ଦ୍ଧାରିତ ହୋଇଥିବା ହଲ୍ ଭିତରେ ପଦାର୍ପଣ କଲେ ଓ ସର୍ବପ୍ରଥମେ ସିଙ୍ଗାପୁର୍ ଦେଶରୁ ଆସିଥିବା ଗୋଟିଏ ଫ୍ୟାମିଲି ହଜୁର୍ ଅନୁଓ୍ବରଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ଓ ହଜୁରଙ୍କ ସହିତ ଫଟୋ ଉଠାଇବାର ସୁଯୋଗ ମଧ୍ୟ ପାଇଲେ ।

ଏହାପରେ ସିନିଗାଲ୍ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ବର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସିନିଗାଲ୍‌ରୁ ଜଲ୍‌ସାସାଲାନା ଜର୍ମାନୀ ନିମନ୍ତେ ଦୁଇଜଣ ଅତିଥି ଆସିଥିଲେ । ସେମାନଙ୍କ ଭିତରୁ ଜଣେ ହେଉଛନ୍ତି ଅଲହାଜି ଫାଲୁ ସିଲ୍ଲା ସାହେବ୍ । ସେ ସିନିଗାଲ୍ ଦେଶର ଗୋଟିଏ ବଡ ସହର ଅମ୍ବୁର୍‌ର ହେଉଛନ୍ତି ମେୟର୍ ଓ ସେ ମୁରିଦ୍ ଫିର୍‌କାର ଖଲିଫାଙ୍କ ପ୍ରତିନିଧି ହୋଇ ଏଠାକୁ ଆସିଥିଲେ ଓ ଦ୍ୱିତୀୟ ଅତିଥିଜଣକ ହେଉଛନ୍ତି ମୋର୍‌ତାଲ୍ ସାହେବ୍ । ସେ ସେଠିକାର ଗୋଟିଏ ଏନ୍.ଜି.ଓ MADEFS ର ହେଉଛନ୍ତି ସଭାପତି ଓ ସେ ସିନେଗାଲ୍ ଦେଶର ରାଷ୍ଟ୍ରପତିଙ୍କ ଅତି ନିକଟତମ ବନ୍ଧୁ ମଧ୍ୟ ଅଟନ୍ତି । ହଜୁର୍ ଅନୁଓ୍ବର୍ ଅ:ବ:ଅ ପରିଚୟ ହାସଲ କରିବା ପରେ ଅତିଥିମାନଙ୍କୁ ପଚାରିଲେ କି ଆପଣମାନଙ୍କୁ ଏ ଜଲ୍‌ସା କିପରି ଲାଗିଲା । ଏଥିରେ ଅଲହାଜି ଫାଲୁ ସିଲ୍ଲା ସାହେବ୍ କହିଲେ କି ଆମକୁ ଏ ଜଲ୍‌ସା ବହୁତ ଭଲ ଲାଗିଲା । ମୁଁ ଏହି ଜଲ୍‌ସାରେ ସାମିଲ୍ ହୋଇ ବହୁତ ଆନନ୍ଦିତ । ଏ ଜଲ୍‌ସା ଆମକୁ ବହୁତ ପ୍ରଭାବିତ କରିଛି । ମୁଁ ହଜୁରଙ୍କ ଖୁତ୍‌ବାଜୁମା ଶୁଣିଛି ଓ ହଜୁରଙ୍କ ପଛରେ ନମାଜ ପଢ଼ିବାର ସୌଭାଗ୍ୟ ମଧ୍ୟ ପାଇଛି । ହଜୁର୍ ଯେଉଁ ଶାନ୍ତି ଓ ପ୍ରେମର ବାର୍ତ୍ତା ଦେଇଛନ୍ତି ଆମେ ତାକୁ ଆଗକୁ ପହଂଚାଇବୁ । ହଜୁର୍ ସମ୍ମାନ, ଶାନ୍ତି, ଭାଇଚାରାର ଶିକ୍ଷା ଦେଇଛନ୍ତି । ବର୍ତ୍ତମାନ ସଂସାରକୁ ଏହା ହେଉଛି ବହୁତ ଆବଶ୍ୟକ । ଜଲ୍‌ସାରେ ଏତେ ସଂଖ୍ୟକ ଲୋକେ ଏବଂ ଡିସିପ୍ଲିନ୍‌କୁ ଦେଖି ବହୁତ ପ୍ରଭାବିତ ହୋଇଛି ।

ଅଲହାଜି ଫାଲୁ ସିଲ୍ଲା ସାହେବ୍ ବତାଇଲେ କି ଆମେ ଜମାତ୍‌କୁ ସହରର କେନ୍ଦ୍ର ସ୍ଥଳରେ ୭୦୦ ସ୍କୋୟାର୍ ମିଟର୍‌ର ଜମି ମସ୍‌ଜିଦ୍ ନିମନ୍ତେ ଦେଇଅଛୁ । ଏହି ଜମି ହେଉଛି ଖଲିଫା ମୁରିଦଙ୍କର ସମ୍ପତି । ସେ ଜମାତ୍ ଅହେମଦୀୟା ସହିତ ଭାଇଚାରା ଓ ନିଷ୍ଠାକୁ ପରିପ୍ରକାଶ କରିବା ପାଇଁ ଉକ୍ତ ଜମି ଖଣ୍ଡକ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି । ଏଥିରେ ହଜୁର୍ ଅନୁଓ୍ବର୍ ଅ:ବ:ଅ କହିଲେ । ସେହି ଜମିଟି ପାଖାପାଖି ଗୋଟିଏ କନାଲ୍ ଜମି ହେବ । ପୁଣି ସେ କହିଲେ ଜମାତ୍ ଏହା ଉପରେ ନିଜର ମସ୍‌ଜିଦ୍ ନିର୍ମାଣ କରୁ । ଆମେ ମସ୍‌ଜିଦ୍ ନିର୍ମାଣରେ ମଧ୍ୟ ସାହାଯ୍ୟ କରିବୁ । ଏହା ଶୁଣି ହଜୁର୍ ଅନୁଓ୍ବର୍ ଅ:ବ:ଅ କହିଲେ କି ମସ୍‌ଜିଦ୍‌ର ନିର୍ମାଣ ତ ଆମେ ନିଜେ ହିଁ କରିବୁ । ଏତିକି କେବଳ କରିଦିଅନ୍ତୁ କି ମସ୍‌ଜିଦ୍ ନିର୍ମାଣ ହେବା ସମୟରେ କୌଣସି ପ୍ରତିବନ୍ଧକ ସୃଷ୍ଟି ନହେଉ । ଏହା ହିଁ ତାଙ୍କର ସାହାଯ୍ୟ ହେବ । ଏଥିରେ ଫାଲୁ ସିଲ୍ଲା ସାହେବ୍ କହିଲେ- ଆମେ ସମସ୍ତେ ମିଳିମିଶି ରହୁଅଛୁ ଏବଂ ଆମ ଅମ୍ବୁର ସହରରେ ହଜୁର୍ ଅନୁଓ୍ବରଙ୍କର ପ୍ରତ୍ୟେକ ଶୁକ୍ରବାର ଦିନ ଖୁତ୍‌ବାଜୁମା ଲାଇଭ୍ ପ୍ରସାରଣ କରାଯାଉଛି ଓ ଆମେ ସମସ୍ତେ ଏହି ଖୁତ୍‌ବାକୁ ଶୁଣୁଛୁ । ଆମେ ଡାକ୍ତରଖାନା ପାଇଁ ମଧ୍ୟ ଜମି ଦେଇଛୁ ।

ଅନ୍ୟ ଅତିଥିଜଣକ ଅର୍ଥାତ୍ ମୋର୍‌ତାଲ୍ ସାହେବ୍ କହିଲେ କି ସେ ଡାକ୍ତରଖାନାର ଅନୁମତି ପରିପ୍ରେକ୍ଷୀରେ ଜମାତ୍‌କୁ ବହୁତ ସାହାଯ୍ୟ କରୁଛନ୍ତି । ପୁଣି ମୋରତାଲ୍ ସାହେବ୍ କହୁଛନ୍ତି କି ସେ ଗୋଟିଏ ଆରବୀ ସ୍କୁଲ୍ ହଜୁର୍ ଅନୁଓ୍ବରଙ୍କ ନାମରେ ଖୋଲିବାକୁ ଚାହୁଁଛନ୍ତି । ଏଥିରେ ହଜୁର୍ ଅନୁଓ୍ବର୍ ଅ:ବ:ଅ କହିଲେ- ମୋ ନାଁରେ ଖୋଲନ୍ତୁ ବା ଆପଣଙ୍କ ନାରେ ଖୋଲନ୍ତୁ, କୌଣସି ଅସୁବିଧା ନାହିଁ । ଖୁଦାତାଲା କରନ୍ତୁ କି ତାହା ସଫଳ ହେଉ । ଖୁଦାତାଲା ଆପଣଙ୍କୁ ଅଧିକରୁ ଅଧିକ ଖିଦ୍‌ମତ୍ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ମୋର୍‌ତାଲ୍ ସାହେବ୍ ପୁଣି କହିଲେ କି ମୋର ଆନ୍ତରିକ ଇଛା ଏହା କି ହଜୁର୍ ଯେବେ ଆଫ୍ରିକା ଆସିବେ ସେତେବେଳେ ଆମ ସ୍କୁଲ୍‌ର ମୁଳଦୁଆ ରଖିବେ । ଏଥିରେ ହଜୁର୍ ଅନୁଓ୍ବର୍ ଅ:ବ:ଅ କହିଲେ- ମୋର ସେଠାକୁ ଆସିବାର କେବେ ହେବ, ତାର କୌଣସି ଠିକଣା ନାହିଁ । (ତେଣୁ) ଆପଣ ନିଜର ସ୍କୁଲ୍ ବନାନ୍ତୁ । କୌଣସି ପ୍ରକାର ସାହାଯ୍ୟ କରିବାର ଆବଶ୍ୟକ ଯଦି ପଡିବ ତେବେ ଆମେ ନିଶ୍ଚିତ ରୂପେ କରିବୁ ।

ହଜୁର୍ ଅନୁଓ୍ବର୍ ଅ:ବ:ଅ ସିନିଗାଲ୍‌ର ମୁରବୀ ସିଲ୍‌ସିଲାଙ୍କୁ ହିଦାୟତ୍ ଦେଲେ କି ସେଠାରେ ଗୋଟିଏ ପ୍ରାଇମେରି ସ୍କୁଲ୍ ଆମେ ଯଥାଶିଘ୍ର ଆରମ୍ଭ କରାଇପାରିବା । ପ୍ରାଇମେରି ସ୍କୁଲର ଆରମ୍ଭ ସମୟରେ ତିନିଗୋଟି କ୍ଲାସ୍ ରୁମ୍ ବିଶିଷ୍ଟ ବ୍ଲକ୍ ଦ୍ୱାରା ଆରମ୍ଭ କରାଯାଇପାରିବ । ପୁଣି ଆବଶ୍ୟକ ସ୍ଥଳେ ଏହାକୁ ଆଗକୁ ବଢ଼ାଇ ଦିଆଯିବ ।

ଏଥିରେ ପୁଣି ସେ କହିଲେ କି ଯେବେ ମୁଁ ଡାକ୍ତରଖାନାରେ ହଜୁର୍ ଅନୁଓ୍ବରଙ୍କ ଫଟୋକୁ ଦେଖିଲି, ଯାହା କି ସେଠିକାର କାନ୍ଥରେ ଟଙ୍ଗା ଯାଇଥିଲା ସେତେବେଳେ ମୁଁ ଏହା ନିଷ୍ପତି କରିଦେଇଥିଲି କି ମୁଁ ଏହି ଡାକ୍ତରଖାନାର ଅନୁମତି ହାସଲ କରିବା ପାଇଁ ଚେଷ୍ଟା କରିବି ଓ ମୁଁ ଏହି ଡାକ୍ତରଖାନା ସମ୍ବନ୍ଧରେ ବହୁତ କାମ କରିଛି ।

ଅତିଥିମାନେ ହଜୁର୍ ଅନୁଓ୍ବର୍ ଅ:ବ:ଅଙ୍କୁ ସିନିଗାଲ୍ ଗସ୍ତ କରିବା ପାଇଁ ନିମନ୍ତ୍ରଣ ମଧ୍ୟ ଦେଲେ । ଏଥିରେ ହଜୁର୍ ଅନୁଓ୍ବର୍ ଅ:ବ:ଅ କହିଲେ ଯେବେ ଆଫ୍ରିକା ଗସ୍ତ ହେବ ଏବଂ କୌଣସି ଏପରି ମୌକା ମିଳିବ ସେତେବେଳେ ଯିବାପାଇଁ ଚେଷ୍ଟା କରାଯିବ । ଆପଣମାନେ ନିମନ୍ତ୍ରଣ ଦେଇଥିବାରୁ ଧନ୍ୟବାଦ । ଅଲ୍ଲାଃତାଲା ଆପଣମାନଙ୍କ ସଦିଚ୍ଛାକୁ ଗ୍ରହଣ କରନ୍ତୁ ।

ହଜୁର୍ ଅନୁଓ୍ବର୍ ପୁଣି କହିଲେ-ଆଫ୍ରିକା ନିକଟରେ ବହୁତ ସାଧନ ରହିଛି । କେବଳ ଆବଶ୍ୟକ ଏକଥାରେ ଅଛି କି ସରକାର ନ୍ୟାୟ ସହିତ ନିଜର ରିସୋର୍ସ୍ ଗୁଡିକୁ ବ୍ୟବହାର କରୁ । ଯଦି ଏପରି କରିବ ମୁଁ ଏକଥାରେ ନିଶ୍ଚିତ ଯେ ଆଫ୍ରିକା ଦିନେ ନା ଦିନେ ଏ ଦୁନିଆକୁ ଲିଡ୍ କରିବ ।

ଏଥିରେ ମୋର୍‌ତାଲ୍ ସାହେବ୍ କହିଲେ କି ଅଲ୍ଲାଃତାଲା ଆମକୁ ମଧ୍ୟ ଗ୍ୟାସ୍ ଓ ପେଟ୍ରୋଲ୍ ଦେଇଛନ୍ତି । ଏଥିରେ ହଜୁର୍ ଅନୁଓ୍ବର ଅ:ବ:ଅ

କହିଲେ ଏହାର ସଠିକ୍ ବ୍ୟବହାର କରିବା ପାଇଁ ଅଲ୍ଲାଃତାଲା ଶକ୍ତି ପ୍ରଦାନ କରନ୍ତୁ । ନାଇଜେରିଆ ପାଖରେ ମଧ୍ୟ ପେଟ୍ରୋଲ୍ ଅଛି । ଯେବେ କି ସେଠାରେ ସଠିକ୍ ବ୍ୟବହାର କରାଯାଉନାହିଁ । ତେଣୁ ଦେଖିନିଅନ୍ତୁ ତାର ଆର୍ଥିକ ପରିଣାମର ଅବସ୍ଥା କେମିତି ଅଛି । ଖୁଦାତାଲା ତାଙ୍କୁ ସାଧନ ତ ଦେଇଛି । ଏବେ ଆବଶ୍ୟକ ଏହା କି ସେମାନେ ଏହାର ସଠିକ୍ ଉପଯୋଗ କରନ୍ତୁ ।

ଖଲିଫା ମୁରିଦ୍‌ଙ୍କ ପ୍ରତିନିଧି ଅଲ୍‌ହାଜି ଫାଲୁ ସିଲ୍ଲା ସାହେବ୍ କହିଲେ କି ଖଲିଫା ହଜୁର୍ ଅନୁୱରଙ୍କ ପାଇଁ ବାର୍ତା ଦେଇଛନ୍ତି କି ୟୁରୋପ୍‌ରେ ଜମାତ୍ ଅହେମଦୀୟା ଇସ୍‌ଲାମ୍‌ର ଯେଉଁ ବାର୍ତା ପହଂଚାଉଅଛି ଏହାଦ୍ୱାରା ସେ ଇସ୍‌ଲାମ୍‌ର ଏପରି ଖିଦ୍‌ମତ୍ କରୁଅଛି ଯାହାକୁ ଆମେ କରିପାରୁନାହୁଁ । ତେଣୁ ଜମାତ୍‌ର ଏହି ସବୁ କାର୍ଯ୍ୟଗୁଡିକୁ ଦେଖି ଆମେ ଜମାତ୍ ସହିତ ଅଛୁ ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଅସଲ କଥା ହେଉଛି କି ଅଲଗା ଅଲଗା ଆସ୍ଥା ରଖିଥିବା ସତ୍ୱେ ମଧ୍ୟ ମିଳିମିଶି ଏକ ହୋଇ କାମ କରାଯାଉ । ଯଦି ମିଳିମିଶି କାମ କରାଯିବ ତେବେ ଆମେ ଇସ୍‌ଲାମ୍ ପାଇଁ ବହୁତ କାମ କରିପାରିବା ଓ ୟୁରୋପ୍‌ରେ ମଧ୍ୟ କାମ କରିପାରିବା ।

ଶେଷରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଆପଣମାନେ ଆସନ୍ତାବର୍ଷ ଜଲ୍‌ସାସାଲାନା ୟୁ.କେ ଆସିବା ପାଇଁ ଚେଷ୍ଟା କରନ୍ତୁ । ଜଲ୍‌ସାସାଲାନାର ନିଜର ଗୋଟିଏ ପରିଚୟ ଅଛି ଓ ଏକ ଦୃଶ୍ୟପଟ ନିହିତ ଅଛି । ଜଙ୍ଗଲ ଭିତରେ ଗୋଟିଏ ସହର ସ୍ଥାପନ ହୋଇଥାଏ । ଏହି ଦୃଶ୍ୟ ଆଫ୍ରିକୀୟ ଲୋକମାନଙ୍କୁ ବହୁତ ପସନ୍ଦ ଲାଗିଥାଏ ।

ଏହି ସାକ୍ଷାତ୍‌କାର୍ ୭:୫୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଏହି ଦୁଇଜଣ ସମ୍ମାନୀୟ ଅତିଥି ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ତଜାକିସ୍ତାନ୍ ଏବଂ ଲିଥୁଆନିଆରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ତଜାକିସ୍ତାନ୍‌ରୁ ୧୧ ଜଣ ସଦସ୍ୟ ଆସିଥିଲେ । ଯେବେ କି ଲିଥୁଆନିଆରୁ ୫୦ଜଣ ସଦସ୍ୟ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ସେହି ୫୦ଜଣକ ମଧ୍ୟରୁ ଆଜି ଏପରି ଦଶଜଣ ସଦସ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କରୁଛନ୍ତି ଯେଉଁମାନେ କୌଣସି ନା କୌଣସି କାରଣରୁ ଶିଘ୍ର ଫେରିଯିବାର ମନ ବଳାଇଛନ୍ତି ।

ପ୍ରତିନିଧି ମଣ୍ଡଳର ସଦସ୍ୟମାନେ ଜଣଜଣ ହୋଇ ନିଜର ପରିଚୟ ପ୍ରଦାନ କଲେ । ଓ ଜଲ୍‌ସା ସାଲାନା ଜର୍ମାନୀରେ ଯୋଗଦେବା ପାଇଁ ଜମାତ୍ ନିମନ୍ତ୍ରଣ କରିଥିବାରୁ ସେମାନେ ଧନ୍ୟବାଦ ଅର୍ପଣ କଲେ । ଏଠାକୁ ଆସି ଆମକୁ ବହୁତ ଖୁସି ଲାଗିଲା । ଏମାନଙ୍କ ମଧ୍ୟରୁ କିଛି ଲୋକ ଏପରି ଥିଲେ, ଯେଉଁମାନେ ପ୍ରଥମଥର ପାଇଁ ଜଲ୍‌ସାସାଲାନାରେ ସାମିଲ୍ ହୋଇଥିଲେ । ସେମାନଙ୍କ ମଧ୍ୟରୁ କିଛି ସଦସ୍ୟ ନିଜର ମନୋଭାବକୁ ବ୍ୟକ୍ତ ମଧ୍ୟ କଲେ ।

ଜଣେ ଅତିଥି କହିଲେ କି ମୋତେ ପାକିସ୍ତାନ୍‌ର ଇତିହାସ ବିଷୟ ଜଣା । ପାକିସ୍ତାନ୍‌ରେ ଯେଉଁ ଶେଷ ଜଲ୍‌ସା ୧୯୮୩ ମସିହାରେ ହୋଇଥିଲା ସେଥିରେ ବହୁ ସଂଖ୍ୟକ ଲୋକେ ସାମିଲ୍ ହୋଇଥିଲେ । ଏହି ସମସ୍ତ ତନ୍‌ଜିମ୍ (ବ୍ୟବସ୍ଥା) ଗୁଡିକୁ ଆକ୍ଟିଭ୍ କରିବାରେ ଖଲିଫତୁଲ୍ ମସିହ୍‌ଙ୍କର ବହୁତ ବଡ ରୋଲ୍ ରହିଛି । ପୃଥିବୀରେ ମୁସଲ୍‌ମାନମାନେ ନିଜର ଅଧିକାର ବିଷୟରେ ଅଜ୍ଞ ଅଛନ୍ତି ଓ ଆମକୁ ଆମର ଅଧିକାର ମିଳୁନାହିଁ । ତେଣୁ ମୁଁ ଜାଣିବାକୁ ଚାହୁଁଛି କି ଏ ବାବଦରେ ହଜୁର୍ ଅନୁୱର୍‌ଙ୍କର ଦୃଷ୍ଟିକୋଣ କଣ ରହିଛି ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଦୃଷ୍ଟିକୋଣ ଏହା କି ଆଁ ହଜ୍‌ରତ୍ ସ:ଆ:ସ ଯେଉଁ ପେଶ୍‌ଗୋଇ କରିଥିଲେ କି ଶେଷ ଯୁଗରେ ଯେବେ ମସିହ୍ ଓ ମେହ୍‌ଦୀ ଆସିବେ ଓ ସମସ୍ତ ମୁସଲ୍‌ମାନ୍ ମାନଙ୍କୁ ଗୋଟିଏ ହାତରେ ଏକତ୍ରିତ କରିବେ ''ଆଲା ଉମତିନ୍ ୱାହିଦା'' (ଗୋଟିଏ ଉମ୍ମତ୍‌ରେ) ଏବଂ ଏ ପୃଥିବୀରେ ଅଣ ମୁସଲ୍‌ମାନଙ୍କୁ ତବ୍‌ଲିଗ୍ କରି ଇସ୍‌ଲାମ୍‌ର ବାର୍ତା ପହଂଚାଇବେ । ସେମାନଙ୍କୁ ମୁସଲ୍‌ମାନ୍ କରିବେ । (କିନ୍ତୁ) ତାଙ୍କୁ ଏହି ମୁସଲ୍‌ମାନ୍ ମାନେ ମାନୁନାହାଁନ୍ତି, ଇମାମ୍ ରୂପେ ସ୍ୱୀକାର କରୁନାହାଁନ୍ତି । ପବିତ୍ର କୋରାନ୍‌ରେ ଯେଉଁ କାଫିର୍ (ଅମାନ୍ୟକାରୀ) ମାନଙ୍କର ଅବସ୍ଥା ବିଷୟରେ ବର୍ଣ୍ଣନା କରାଯାଇଛି କି *କୁଲୁବୁହୁମ୍ ଶତ୍‌ତା* ଅର୍ଥାତ୍ ସେମାନଙ୍କର ମନ ଫାଟି ଯାଇଛି । ତେଣୁ ଏହିପରି ଅବସ୍ଥା ହେଉଛି ଆଜିକାଲି ମୁସଲ୍‌ମାନଙ୍କର । ଆପୋଷରେ ଜଣେ ଅନ୍ୟଜଣକ ସହିତ ଲଢୁଅଛି । (ଯଦି) ମୁସଲ୍‌ମାନମାନେ ଏକ ହୋଇଯିବେ ଫିର୍‌କାବାଜି ଶେଷ କରିଦେବେ ତେବେ ସବୁକିଛି ଠିକ୍ ହୋଇଯିବ । ଯଦି ମସିହ୍ ଏବଂ ମେହ୍‌ଦୀକୁ ମାନୁନାହଁ ତେବେ ଅତିକମ୍‌ରେ ସରକାର୍ ସରକାର ଆପୋଷରେ ଏକ ହୋଇ ତ ରୁହନ୍ତୁ । ବର୍ତମାନ ପରିସ୍ଥିତିରେ କୌଣସି ମଧ୍ୟ ମୁସଲ୍‌ମାନ୍ ସରକାର ଏପରି ନାହାଁନ୍ତି ଯେଉଁମାନେ ଜଣେ ଅନ୍ୟଜଣକ ସହିତ ସହଯୋଗ କରୁଥିବେ । ବରଂ ଜଣେ ଅନ୍ୟଜଣକର ହେଉଛନ୍ତି ବିରୋଧୀ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଯଦି ସମଗ୍ର ପୃଥିବୀର ମୁସଲ୍‌ମାନ୍‌ମାନେ ଏକ ହୋଇଯିବେ ଏହା ବହୁତ ବଡ ଶକ୍ତି ରୂପେ ଉଭା ହେବ । ଅଲ୍ଲାଃତାଲା ଯେଉଁ ନିଜାମ୍‌କୁ ଜାରି କରିଛି ଅର୍ଥାତ୍ ଗୋଟିଏ ହାତରେ ଏକାଠି ହେବାପାଇଁ, ଏହାକୁ ସ୍ୱୀକାର କରିବାପୁ ପଡ଼ିବ । ଏହି ନିଜାମ୍ ସମ୍ବନ୍ଧରେ ଅଲ୍ଲାଃତାଲା ସୁରା ଜୁମାରେ ବର୍ଣ୍ଣନା କରିଛନ୍ତି ଓ ଆପଣ ସ:ଆ:ସ ତାକୁ ବିଭିନ୍ନ ହଦିସ୍‌ରେ ଆହୁରି ଅଧିକା ଖୋଲାଖୋଲି ଭାବେ ବର୍ଣ୍ଣନା କରିଛନ୍ତି । ତେଣୁ ଏହା ହେଉଛି ଏକମାତ୍ର ରାସ୍ତା ଯଦ୍ୱାରା ସାରା ସଂସାରର ମୁସଲ୍‌ମାନମାନଙ୍କୁ ଏକତ୍ରିତ କରାଯାଇପାରିବ ଓ ଈଶ୍ୱରଙ୍କ ପ୍ରେରିତ ଇମାମ୍‌କୁ ମାନିବାକୁ ହେବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆମେ ଅହେମଦୀମାନେ ହେଉଛୁ ବହୁତ କମ୍ ସଂଖ୍ୟକ । ଆମ ପାଖରେ ଶକ୍ତି ନାହିଁ, ଆମ ପାଖରେ ଧନ ନାହିଁ, ତେଲ ସମ୍ପତି ନାହିଁ, ସୁନା ଖଣି ନାହିଁ । ସାଉଦିଆରବ ନିକଟରେ ତେଲ ମଧ୍ୟ ଅଛି । ସେହିପରି ଅନ୍ୟାନ୍ୟ ଇସ୍‌ଲାମୀୟ ରାଷ୍ଟ୍ରଗୁଡିକ ନିକଟରେ ମଧ୍ୟ ତେଲ ଅଛି, ଧନ ଅଛି, ସରକାର ମଧ୍ୟ ଅଛି କିନ୍ତୁ ସେମାନଙ୍କ ମଧ୍ୟରୁ କାହାକୁ ଏ ସୌଭାଗ୍ୟ ମିଳୁନାହିଁ କି ସେମାନେ ଇସ୍‌ଲାମ୍‌ର ତବ୍‌ଲିଗ୍ କରିବେ ଓ ଇସ୍‌ଲାମ୍‌ର ରୂପକୁ ଦେଖାଇବେ । ଏହି ସୌଭାଗ୍ୟ ଯଦି କାହାକୁ ମିଳୁଅଛି ତାହାହେଲେ ସେ ଜମାତ୍ ଅହେମଦୀୟା ଓ ବହୁତ କମ୍ ସାଧନକୁ ନେଇ ଆମେ ସମଗ୍ର ସଂସାରରେ କାର୍ଯ୍ୟ କରୁଅଛୁ । ଏଥିରୁ କଣ ପ୍ରକାଶ ହେଉଛି ? ଏହାର ଅର୍ଥ ହେଉଛି ଏହା କି ଅଲ୍ଲାଃତାଲାଙ୍କର ସାହାଯ୍ୟ ଯଦି ସାଥିରେ ଅଛି ତେବେ ଏସବୁ କାର୍ଯ୍ୟ ସମ୍ପାଦନ ହୋଇପାରିବ । ଅଲ୍ଲାଃତାଲାଙ୍କର ବିନା ସାହାଯ୍ୟ ସହଯୋଗରେ ଏହିସବୁ କାର୍ଯ୍ୟ ହୋଇପାରିବ ନାହିଁ । ଯେବେ କି ଆମ ବିରୋଧରେ ସମଗ୍ର ମୁସଲ୍‌ମାନ୍ ଫତ୍‌ୱା ମଧ୍ୟ ଦେଉଛନ୍ତି ଓ ଆମ କାର୍ଯ୍ୟଗୁଡିକୁ ରୋକିବା ପାଇଁ ଚେଷ୍ଟା ମଧ୍ୟ କରୁଛନ୍ତି ଓ ଆମକୁ ଅଣ ମୁସ୍‌ଲିମ୍ ବୋଲି ମଧ୍ୟ କହୁଛନ୍ତି ଓ ଏହା ମଧ୍ୟ କହୁଛନ୍ତି କି ଏମାନଙ୍କର କଥାକୁ ମାନନାହିଁ ବୋଲି । କିନ୍ତୁ ଏହାସତ୍ୱେ ମଧ୍ୟ ଜମାତ୍ ଅହେମଦୀୟା ଦିନକୁ ଦିନ କମ୍ ସାଧନ ନେଇ ସାରା ସଂସାରରେ ତବ୍‌ଲିଗ୍ କରି ଚାଲିଛି । ତେଣୁ ଅଲ୍ଲାଃତାଲାଙ୍କର ବାଣୀକୁ ଶୁଣନ୍ତୁ, ତା ନବୀର ବାଣୀକୁ ଶୁଣନ୍ତି । ତେବେ ଯାଇ ଆମେ ଉନ୍ନତି କରିପାରିବା । ଏହା ହେଉଛି ମୋର ଉତର ।

ଆଉଜଣେ ଅତିଥି ପଚାରିଲେ କି ମୋର ଗୋଟିଏ ଇଛାକୁ ମୁଁ ଏଠାରେ ପ୍ରକାଶ କରିବାକୁ ଚାହୁଁଛି । ତାହା ହେଉଛି ଏପରି କି ବର୍ତମାନ ସମୟରେ ରୁଷିଆ ଓ ତାର ମଧ୍ୟ ଏସିଆରେ ଥିବା ଦେଶଗୁଡିକରେ ପର୍ଦ୍ଦା ସମ୍ବନ୍ଧିତ, ଦାଢ଼ି ସମ୍ବନ୍ଧୀୟ ଏବଂ ସାଧାରଣ ଭାବେ ସେହି ସବୁ ସ୍ଥାନରେ ଇସ୍‌ଲାମ୍‌ର ଅବସ୍ଥା ବହୁତ ଖରାପ ହେଉଅଛି । ଦୁଇଦିନ ପୂର୍ବେ ତଜାକିସ୍ତାନ୍‌ରେ କିଛି ଝିଅପିଲାଙ୍କୁ ସ୍କୁଲ୍‌କୁ ଆସିବା ପାଇଁ ଦିଆଗଲା ନାହିଁ କାରଣ ସେମାନେ ହିଜାବ୍ ପିନ୍ଧିଥିଲେ । ସେମାନେ ତାଙ୍କୁ ସ୍କୁଲ୍‌ରେ ପ୍ରବେଶ କରିବା ପାଇଁ ଦେଲେନାହିଁ । ହଜୁର୍ ଅନୁୱର୍‌ଙ୍କ ନିକଟରେ ଦୁଆ କରିବା ପାଇଁ ନିବେଦନ କରୁଅଛୁ କି ବର୍ତମାନ ସେଠାରେ ଡିକ୍‌ଟେଟର୍ ଲୋକେ ଅଛନ୍ତି । ସେମାନେ ସେଠାରୁ ଶିଘ୍ର ଚାଲିଯାଆନ୍ତୁ ଓ ତାଙ୍କ ସ୍ଥାନରେ ଭଲ ଲୋକ ଆସନ୍ତୁ ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଭଲ ମିଜାଜ୍‌ର ଲୋକ ଯେତେବେଳେ ଆସିବେ ସେତେବେଳେ ମଧ୍ୟ କୌଣସି ପରିବର୍ତନ ଆସିବନାହିଁ । କାରଣ ତାଙ୍କ ପାଖରେ ଜ୍ଞାନ ନାହିଁ ଓ ସାହସ ମଧ୍ୟ ନାହିଁ । ତେଣୁ ଯେତେବେଳେ ସରକାରରେ କୌଣସି ଲୋକ ଆସିଥାଏ ଅଳ୍ପ ସମୟ ମଧ୍ୟରେ ସେ ବୁଜ୍‌ଦିଲ୍ (ଦୁର୍ବଳ ହୃଦୟ) ହୋଇଯାଇଥାଏ । କାରଣ ଏତଦ୍ୱାରା ତା ଚୌକିଟି ସୁରକ୍ଷିତ ରହିପାରିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଯେଉଁମାନେ ରାଜନୀତିରେ ଅଛନ୍ତି ସେହିମାନେ ହିଁ ଆସିବେ ଓ ଏଥିରେ ସେହି ଲୋକମାନେ ଆସିଥାନ୍ତି ଯେଉଁମାନଙ୍କ ଉପରେ ବଡ଼ବଡ ଶକ୍ତି ଆଶିର୍ବାଦ କରିଥାନ୍ତି । ଏହା ହେଉଛି ଦଜ୍ଜାଲ୍ ଶକ୍ତିମାନଙ୍କର ଚତୁରତା । ଅନ୍ୟ କୌଣସି ଧର୍ମ ନିଜର ପ୍ରକୃତ ଅବସ୍ଥାରେ ଆଉ ନାହିଁ । ସେହିପରି ବାଇବଲ୍‌ରେ ଯେଉଁ ସବୁ ପରିବର୍ତନ ପୂର୍ବରୁ ହୋଇସାରିଛି ତାହାଛଡା ବର୍ତମାନ ସେହି ଶିକ୍ଷା ଉପରେ ପରିଚାଳିତ ହେବା ମଧ୍ୟ ଲୋକମାନେ ଛାଡି ସାରିଛନ୍ତି । Gay Marriges ଏବଂ ଅନ୍ୟ ଜିନିଷ ଅଛି ଯାହାକୁ ଏମାନେ ବର୍ତମାନ କହୁଛନ୍ତି କି ଏହା ସବୁ ବୈଧ କିନ୍ତୁ ପବିତ୍ର କୋରାନ୍‌ର ଶିକ୍ଷା ପୂର୍ବରୁ ଯେଉଁଭଳି ଅସଲ ଅବସ୍ଥାରେ ଥିଲା । ବର୍ତମାନ ସେହିଭଳି ଅବସ୍ଥାରେ ହିଁ ରହିଛି । (ତେଣୁ) ଏ ଲୋକମାନେ ଚାହୁଁଛନ୍ତି କି ଯେପରି ଆମ ଶିକ୍ଷାଗୁଡିକ ପରିବର୍ତନ ହୋଇଯାଇଛି ସେହିପରି ଇସ୍‌ଲାମ୍‌ର ଶିକ୍ଷାଗୁଡିକ ମଧ୍ୟ ବଦଳି ଯାଉ । ସେଇଥିପାଇଁ ପ୍ରଥମ ପଦକ୍ଷେପ ସେମାନେ ଏହା ନେଲେ କି ସ୍କୁଲ୍‌ର ଝିଅମାନଙ୍କ ମୁଣ୍ଡରୁ ହିଜାବ୍ ବାହାର କରିଦିଅ । ପୁଣି ଧିରେଧିରେ ଅନ୍ୟ ଜିନିଷଗୁଡିକ ମଧ୍ୟ କରିଚାଲିବେ । ଏବଂ ଏକଥା ମଧ୍ୟ ବହୁତ ଜୋର୍‌ରେ କହୁଛନ୍ତି କି ପବିତ୍ର କୋରାନ୍‌କୁ ମଧ୍ୟ ନୁଆ ଯୁଗ ସହିତ ପାଦରେ ପାଦ ମିଶାଇ ଚାଲିବା ଉଚିତ୍ । ଏଠିକାର ପାଶ୍ଚାତ୍ୟ ପ୍ରେସ୍ ମଧ୍ୟ ମୋ ଠାରୁ ଏହା ପଚାରି ବୁଝୁଛି । ଏଥିରେ ସେମାନଙ୍କୁ କହୁଛି ଯେ ତୁମେମାନେ ଏହା ଚାହୁଁଛ ଯେ ତୁମମାନଙ୍କର ଯେଉଁ ଚିନ୍ତାଧାରା ଓ ବୁଦ୍ଧି ଅଛି ତା ମୁତାବକ ଧର୍ମ ପରିଚାଳିତ ହେଉ । ଯେବେ କି ଅଲ୍ଲାଃତାଲାଙ୍କ ତରଫରୁ ଯେଉଁ ଶିକ୍ଷା ଆସିଥାଏ ସେ ତା ପଛରେ ହିଁ ଅନ୍ୟମାନଙ୍କୁ ପରିଚାଳିତ କରାଇଥାଏ । ନା କି ମଣିଷର ପଛେ ପଛେ ସେ ନିଜେ ଚାଲେ । ଏହା ତ ହେଉଛି ମୁସଲ୍‌ମାନ୍ ଦେଶ । ତେଣୁ ମୁସଲ୍‌ମାନ୍ ମାନଙ୍କୁ ଏହା ଆବଶ୍ୟକ କି ସେମାନେ ଛିଡା ହୁଅନ୍ତୁ ଓ ନିଜର ଯେଉଁ ଶିକ୍ଷା ଅଛି ଓ ପ୍ରଥା ଅଛି ସେଗୁଡିକୁ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରନ୍ତୁ । ବର୍ତମାନ ଇସ୍‌ଲାମୀୟ ଶିକ୍ଷାଗୁଡିକୁ ସୁରକ୍ଷା ପ୍ରଦାନ କରିବା ହେଉଛି ପ୍ରତ୍ୟେକ ଭଦ୍ର ମୁସଲ୍‌ମାନଙ୍କର କର୍ତବ୍ୟ ।

ଏଥିରେ ଅତିଥିଜଣକ ପ୍ରଶ୍ନ କଲେ କି ଏପରି ପରିସ୍ଥିତିରେ ଏ ପ୍ରଶ୍ନ ସୃଷ୍ଟି ହେଉଛି କି ଝିଅପିଲାମାନଙ୍କୁ ହିଜାବ୍ ବିନା ସ୍କୁଲ୍ ଯିବା ଉଚିତ୍ ହେବ ବା ସେମାନେ ଘରେ ବସି ରହିବେ ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ନୁହେଁ, ଠିକ୍ ଅଛି, ସାମହିକ ରୂପେ ଏହା କରନ୍ତୁ ଓ ସେଥିପାଇଁ ସଂଘର୍ଷ କରି ଚାଲନ୍ତୁ । ଓ ମୁହଁ ଖୋଲନ୍ତୁ କି ଆମର ଯେଉଁ ପ୍ରଥାଗୁଡିକ ଅଛି ସେଗୁଡିକୁ କାଏମ୍ ରଖିବା ଉଚିତ୍ ଓ କାହା ଉପରେ ଜୋର୍ ଯବର୍‌ଦସ୍ତ୍ କରିବା ଓ ନିଜର ଇଛାକୁ ଥୋପିବା ହେଉଛି ଭୁଲ୍ କଥା ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏହି ପାଶ୍ଚାତ୍ୟ ଦେଶଗୁଡିକରେ, ସ୍କୁଲ୍‌ରେ ଯେବେ କୌଣସି ପ୍ରତିବନ୍ଧକ ଲଗାଯାଉଛି ତେବେ ବେଳେବେଳେ ସ୍ଥାନୀୟ ପ୍ରଶାସନ ସ୍କୁଲ୍ ଗୁଡିକ ଉପରେ ଆକ୍‌ସନ୍ ନେଇଥାନ୍ତି । ଆମ ଝିଅପିଲାମାନେ ସେଠାରେ ଷ୍ଟାଣ୍ଡ୍ ନିଅନ୍ତି । ଏହାପରେ ସେମାନଙ୍କ ସପକ୍ଷରେ ମଧ୍ୟ କେଶ ଯାଇଥାଏ । ଓ ପୁଣି ଇନ୍ତେଜାମିଆ ଏକଥା ମାନିନେଇଥାଆନ୍ତି କି ଠିକ୍ ଅଛି କର । ଆପଣମାନେ ନିଜ ଓ୍ୱଲେମାମାନଙ୍କୁ କୁହନ୍ତୁ ଯେ ସେମାନେ ଏ ସମ୍ବନ୍ଧରେ ସ୍ୱର ଉତଳନ କରନ୍ତୁ ଏବଂ ନିଜ ସରକାରକୁ ବୁଝାନ୍ତୁ । ତୁମ ଓ୍ୱଲେମାମାନେ କେବଳ ଟଙ୍କା ଖାଇବା ପାଇଁ ଅଛନ୍ତି କି ?

ଉକ୍ତ ଅତିଥିମାନେ ଓ୍ୱଲେମା ମାନଙ୍କ ପ୍ରସଙ୍ଗରେ କହିଲେ କି ଆମ ସେଠାରେ ଯେଉଁ ମୁଲାମାନେ ଅଛନ୍ତି ସେମାନେ ବିଶେଷ ରୂପେ ଯୋଜନା କରି ଲେନିନ୍‌ର ଯେଉଁ ପ୍ରତିମୂର୍ତ୍ତି ଅଛି ତାକୁ ଠିକ୍ ଠାକ୍ କରିଛନ୍ତି । ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ମାଶାଅଲ୍ଲାଃ । ତାକୁ ତ ଠିକ୍ ଠାକ୍ କରିବେ କିନ୍ତୁ ନିଜର ଦିନୀ ଅବସ୍ଥାକୁ ଠିକ୍ କରିବେ ନାହିଁ ।

ମୁବଲିଗ୍ ସାହେବଙ୍କ ଅର୍ଦ୍ଧାଙ୍ଗିନୀ କହିଲେ କି ଯେଉଁଠି ଷ୍ଟାଣ୍ଡ କରିବାର ପ୍ରଶ୍ନ ଉଠୁଛି ସେଠାରେ ଏହି ଲୋକମାନେ ପ୍ରେସିଡେଂଟ୍‌କୁ ଏତେ ଗୁରୁତ୍ୱ ଦେଉଛନ୍ତି କି ଝିଅପିଲାମାନେ ଏ ସମ୍ବନ୍ଧରେ କିଛି ଭାବି ମଧ୍ୟ ପାରିବେ ନାହିଁ କି କଣ ଷ୍ଟାଣ୍ଡ ନେବେ । ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଝିଅପିଲାମାନେ ଭାବିପାରିବେ ନାହିଁ କିନ୍ତୁ ଓ୍ୱଲେମାମାନଙ୍କ ଜରିଆରେ ସ୍ୱର ଉତଳନ କରନ୍ତୁ ଏବଂ ପ୍ରେସିଡେଂଟ୍‌କୁ ଲେଖନ୍ତୁ ।

ସେ ପୁଣି କହିଲେ କି ପ୍ରେସିଡେଂଟ୍‌କୁ ଲେଖିବା ପାଇଁ ଏମାନଙ୍କ ନିକଟରେ ସାହସ ନାହିଁ । ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଯଦି ନ ଲେଖିପାରିବେ ତେବେ ସ୍କୁଲ୍ ନଯାଆନ୍ତୁ । ଆପଣ ପାକିସ୍ତାନୀ କି? ଆପଣ ପିଲାମାନଙ୍କୁ ପଠାନ୍ତୁ ନାହିଁ । ଷ୍ଟାଣ୍ଡ ନିଅନ୍ତୁ । ଯଦି ନେବାକୁ ହୁଏ ତେବେ କୁର୍‌ବାନୀ ମଧ୍ୟ ଦେବାକୁ ପଡେ ।

ଜଣେ ଫିଜିଓଥେରାପି କୋର୍ସ୍ କରୁଥିବା ଛାତ୍ର ପ୍ରଶ୍ନ କଲେ କି- ହଜୁର୍ ଏପରି କଣ କରିଛନ୍ତି ଯେ ଏପରି ପଦମର୍ଯ୍ୟାଦା ତାଙ୍କୁ ହାସଲ ହୋଇଛି । ଏହାର ଉତରରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ମୁଁ ତ ଏପରି କିଛି କରିନାହିଁ ଯଦ୍ୱାରା ଏପରି ପଦମର୍ଯ୍ୟାଦା ମିଳିବ । ଇଏ ଏପରି Dilemma ଯାହା ଏପର୍ଯ୍ୟନ୍ତ ମୁଁ ସମାଧାନ କରିପାରିନାହିଁ ।

ଆଉଜଣେ ଅତିଥି ପଚାରିଲେ କି ମୁଁ ମୋ ନିଜ ମାମଲା ଗୁଡିକ ବିଷୟରେ ସନ୍ଦେହ ଘେରରେ ରହୁଛି । ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- କଣ ଆପଣ ଖୁଦାଙ୍କ ଉପରେ ବିଶ୍ୱାସ ରଖୁନାହାଁନ୍ତି ?

ଏଥିରେ ମେହ୍‌ମାନ୍ ଜଣକ କହିଲେ- ବିଲକୁଲ୍ ରଖୁଛି ଇସା ଆ:ସଙ୍କ ଉପରେ । ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଆପଣଙ୍କର ଯାହା ବିଶ୍ୱାସ ଅଛି ସେ ବିଶ୍ୱାସ ତ ଅଛି, ଖୁଦାଙ୍କ ନିକଟରେ ଦୁଆ କରନ୍ତୁ । ଯଦି ଆପଣ ଏ ସମ୍ବନ୍ଧରେ କିଛି ଶଙ୍କାରେ ପଡ଼ିଛନ୍ତି ତେବେ ଏହାର ଅର୍ଥ ହେଉଛି ଏହା କି ଆପଣଙ୍କର ବିଶ୍ୱାସ ସୁଦୃଢ଼ ନାହିଁ । ସେଇଥିପାଇଁ ଆପଣଙ୍କୁ ଖୁଦାଙ୍କ ନିକଟରେ ପ୍ରାର୍ଥନା କରିବା ଉଚିତ୍ ହେବ କି ସେ ଆପଣଙ୍କୁ ସିଧା ମାର୍ଗରେ ପରିଚାଳିତ ହେବା ପାଇଁ ମାର୍ଗ ଦର୍ଶନ କରାନ୍ତୁ ଓ ଆପଣଙ୍କ ଇମାନ୍‌କୁ ସୁଦୃଢ଼ କରନ୍ତୁ । ମୋତେ ଏପରି ଲାଗୁଛି କି ଯଦି ଆପଣ ଦୃଢ଼ତାର ସହିତ କିଛି ଦିନ ଦୁଆ କରିବେ ତେବେ ଆପଣଙ୍କର ବିଶ୍ୱାସ ଓ ଇମାନ୍ ମଜବୁତ୍ ହୋଇଯିବ ।

ଲିଥୁଆନିଆ ସହିତ ସମ୍ବନ୍ଧ ରଖୁଥିବା ଜଣେ ମହିଳା ଅତିଥି ପଚାରିଲେ କି ମୋତେ ସୌଭାଗ୍ୟ ମିଳିଛି ଯେ ମୁଁ ହଜୁର୍ ଅନ୍ୱର୍‌ଙ୍କର କିଛି ଅଭିଭାଷଣର ଅନୁବାଦ ଲିଥୁଆନିଆ ଭାଷାରେ କରିଛି ଓ ଏହାଦ୍ୱାରା ମୁଁ ବହୁତ ଆନନ୍ଦିତ ମଧ୍ୟ ହୋଇଛି । ମୁଁ ଏ ଚେଷ୍ଟା କରିଥାଏ କି କିପରି ସଠିକ୍ ଶବ୍ଦ ଚୟନ କରିବି, ଯଦ୍ୱାରା ଶ୍ରୋତାଗଣଙ୍କୁ ହଜୁର୍ ଅନ୍ୱର୍‌ଙ୍କ କଥା ଗୁଡିକ ବୁଝା ପଡ଼ିପାରିବ । କିନ୍ତୁ ଏପରି ବ୍ୟକ୍ତି ଯାହାର ଜ୍ଞାନ କମ୍ ଥିବ ସେ ଅନୁବାଦ କରିବା ସମୟରେ କେଉଁ ସବୁ କଥା ଗୁଡିକୁ ଧ୍ୟାନ ରଖିବା ଉଚିତ୍ । ଫଳତଃ ସେ ହଜୁର୍ ଅନ୍ୱର୍‌ଙ୍କ ଶବ୍ଦଗୁଡିକର ସଠିକ୍ ରୂପେ ଅନୁବାଦ କରି ତାର ଭାବକୁ ପ୍ରକାଶ କରିପାରିବ ।

ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- କଣ ଆପଣ ମୋ ଭାଷଣ ଗୁଡିକୁ ଇଂରାଜୀ ଭାଷାରୁ ଲିଥୁଆନିଅନ୍ ଭାଷାରେ ଅନୁବାଦ କରୁଛନ୍ତି ? ସେହି ଭାଷଣ ଗୁଡିକରେ କେତେଗୁଡିଏ ଶବ୍ଦ ଉର୍ଦ୍ଦୁ ଭାଷାରେ ରହିଥାଏ ଓ ସେଗୁଡିକ ଇଂରାଜୀରେ ଅନୁବାଦ କରାଯାଇଥାଏ ଏବଂ ସେଗୁଡିକୁ ଆପଣ ଇଂରାଜୀରୁ ଲିଥୁଆନିଆନ୍ ଭାଷାରେ ଅନୁବାଦ କରୁଛନ୍ତି । ତେବେ ବେଳେବେଳେ ପ୍ରଥମରୁ କରାଯାଇଥିବା ଇଂରାଜୀ ଅନୁବାଦରେ କିଛି ଗ୍ୟାପ୍ ପଡିଯାଇଥାଏ ଯାହା ଆପଣଙ୍କୁ କେତେକାଂଶରେ କନ୍‌ଫ୍ୟୁଜ୍ କରିଥାଏ । ତେଣୁ ଏଥିପାଇଁ ମୁଁ ଏତିକି କହିବି କି ଆପଣଙ୍କୁ ଉର୍ଦ୍ଦୁ ଶିଖିବାକୁ ହେବ । ଯଦ୍ୱାରା ଆପଣ ମୁଁ କରିଥିବା ଉର୍ଦ୍ଦୁ ଭାଷାରେ ଅଭିଭାଷଣ ଗୁଡିକ ଅନୁବାଦ କରିପାରିବେ । ଉର୍ଦ୍ଦୁରୁ ଇଂରାଜୀ ଭାଷାରେ ଯେଉଁ ଅନୁବାଦ କରାଯାଉଛି ତାର ସ୍ତର ବିଷୟରେ ମୋତେ କିଛି ଜଣାନାହିଁ । କିନ୍ତୁ ଯେଉଁ ଭାଷଣ ଗୁଡିକ ଇଂରାଜୀ ଭାଷାରେ ହୋଇଥାଏ, ମୁଁ ଆଶା କରୁଛି କି ସେଗୁଡିକ ଲିଥୁଆନିଆନ ଭାଷାରେ ଅନୁବାଦ କରିବା ଅଧିକ ସହଜ ଲାଗୁଥିବ । ଏହା ତ ଆପଣଙ୍କ ଅନୁଭୂତି । ଏହାର ଅର୍ଥ ହେଉଛି କି ଯେଉଁ ଜିନିଷ ଗୁଡିକ ଆପଣଙ୍କୁ କନ୍‌ଫ୍ୟୁଜ୍ କରୁଛି ତାହା ବିଷୟବସ୍ତୁ ନୁହେଁ ବରଂ ଭାଷା ଅଟେ ।

ପୁଣି ସେହି ମହିଳା ଜଣକ କହିଲେ କି ହଜୁର୍ ଅନ୍ୱର୍ ଆପଣଙ୍କ ଭାଷଣ ଗୁଡିକ ବହୁତ ମାର୍ମିକ ଓ ତାତ୍ୱିକ । ଏହି କଥାଗୁଡିକର ଯେଉଁ ପ୍ରଭାବ ଲୋକମାନଙ୍କ ଉପରେ ପଡ଼ିଥାଏ ଏବେ ଜଣାନାହିଁ କି ମୁଁ ସେଥିପାଇଁ ଯୋଗ୍ୟା ଅଛି କି ନାହିଁ ମୁଁ ସମ୍ପୂର୍ଣ୍ଣ ରୂପେ ସେହି ପ୍ରଭାବଗୁଡିକୁ ଅନ୍ୟ ଭାଷାରେ ଉତରଣ କରିପାରିବି କି ନାହିଁ ।

ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଅଭିଭାଷଣ ଗୁଡିକର କିଛି ଶବ୍ଦ ବା କିଛି ବାକ୍ୟ ଏତେ ଶକ୍ତିଶାଳୀ ହୋଇଥାଏ ଯେ ଏହାଦ୍ୱାରା ଆପଣଙ୍କୁ ଏପରି ଅନୁଭବ ହୋଇଥାଏ କି ସେଗୁଡିକ ଠିକ୍ ରୂପେ ବୁଝିପାରିବେ ନାହିଁ ଓ ନିଜ ଜୀବନରେ ତାକୁ ପ୍ରୟୋଗ କରିପାରିବେ ନାହିଁ? ବା ଆପଣଙ୍କୁ ଏପରି ଲାଗୁଛି କି ଲୋକମାନଙ୍କୁ ସେହି କଥା ଉପରେ ଅମଲ କରିବା କଷ୍ଟକର ହେବେ ବୋଲି ?

ଏଥିରେ ସେ କହିଲେ- ମୁଁ ଭାବୁଛି କି ପ୍ରତ୍ୟେକ ଅନୁବାଦକାରୀ ନିଜ କାନ୍ଧ ଉପରେ ଏ ବୋଝକୁ ଉଠାଇ ରଖିଥାଏ କି ସେ କଥାକୁ As It is ଅନ୍ୟ ଭାଷାରେ ଅନୁବାଦ କରି ଲୋକମାନଙ୍କ ପର୍ଯ୍ୟନ୍ତ ପହଂଚାଇବାକୁ ହେବ ।

ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଏହା ତ ଆହୁରି ମଧ୍ୟ କଷ୍ଟକର କଥା । ଲୋକେ ତ ଏପରି ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣନା କରିପାରେନାହିଁ ଯେପର୍ଯ୍ୟନ୍ତ ଅସଲ ଭାଷା ଉପରେ ଆୟତ ନରଖିଥାଏ । ଆପଣ ଯେତିକି କରିପାରୁଛନ୍ତି ସେତିକି ଠିକ୍ ଅଛି ।

ଆଉଜଣେ ମହିଳା ପଚାରିଲେ କି ମୋ ନାମ ହେଉଛି ଔକ୍‌ସେ ଅହେମଦ୍ । ମୁଁ ଲିଥୁଆନିଆ ଦେଶର । କିନ୍ତୁ ବର୍ତମାନ ଜର୍ମାନୀରେ ବସବାସ କରୁଛି । ମୁଁ ପ୍ରାର୍ଥନା କରିବା ପାଇଁ ଆପଣଙ୍କ ନିକଟରେ ନିବେଦନ କରୁଛି କି ମୋ ପରିବାର ପାଇଁ ପ୍ରାର୍ଥନା କରନ୍ତୁ କି ଆମକୁ ଲିଥୁଆନିଆ ଫେରିଯିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହେଉ । ମୋର ଇଂରାଜୀ ସେତେଟା ଭଲନାହିଁ ।

ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ମୋତେ ଏପରି ଲାଗୁଛି କି ଆପଣ ପୂର୍ବରୁ ମଧ୍ୟ ମୋତେ ଏକଥା ବତାଇଥିଲେ ବୋଲି । ଏଥିରେ ସେ ମହିଳାଜଣକ କହିଲେ ମୁଁ ଏ ବିଷୟରେ ଆପଣଙ୍କୁ ଚିଠି ଲେଖିଥିଲି ।

ଆଉଜଣେ ମହିଳା ଅତିଥି କହିଲେ- ମୋ ନାଁ ହେଉଛି ଔରିଲିୟା । ମୋର ପ୍ରଶ୍ନ ହେଉଛି ଏହା କି ପୁରୁଷମାନେ ମହିଳାମାନଙ୍କ ସହିତ ମିଶିବା ପାଇଁ କାହିଁକି ସନ୍ତର୍ପଣ ଦେଖାଉଛନ୍ତି ? ମୁଁ ମହିଳାମାନଙ୍କ ସମ୍ମାନକୁ ବୁଝୁଛି । କିନ୍ତୁ ମୁଁ ଏହାର ପ୍ରକୃତ ଭାବ ଓ କାରଣ ଜାଣିବାକୁ ଚାହୁଁଛି ।

ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଇସ୍‌ଲାମ୍‌ର ଶିକ୍ଷା ହେଉଛି ଏହା କି ଯେଉଁଠି ଅଳ୍ପ କିଛି ମାତ୍ରାରେ ଯଦି ମଧ୍ୟ ଶଙ୍କା ଥିବ କି ଅମୁକ କଥା କରିବା ଦ୍ୱାରା ତାହା ସଠିକ୍ ମାର୍ଗରୁ ଓ ସଠିକ୍ ଅନୁଶୀଳନରୁ ଏହା ଅଲଗା କରିଦେବ ବୋଲି ତେବେ ମଣିଷ ଏପରି କଥା କରିବାରୁ ବଂଚିବା ଉଚିତ୍ । ଇସ୍‌ଲାମ୍ କହୁଛି କି ପୁରୁଷମାନେ ଏତେ ଭରଷାଯୋଗ୍ୟ ନୁହଁନ୍ତି । ଏହା ପୁରୁଷ ମାନଙ୍କର ଆଚରଣ ଯୋଗୁ ଇସ୍‌ଲାମ୍ ଏପରି ନିର୍ଦ୍ଦେଶ ଦେଇଛି । ଏହା ଏଇଥିପାଇଁ ନୁହେଁ କି ଆମେ ମହିଳାମାନଙ୍କୁ ନ୍ୟୁନ ଭାବୁଛୁ । ତେଣୁ ଇସ୍‌ଲାମ୍ କହୁଅଛି କି ତୁମେ ପୁଣ୍ୟବାନ୍ ହୁଅ ବା ନ ହୁଅ, ଉତମ କଥା ହେଉଛି ଏହା କି ମିଳାମିଶା କରିବାରୁ ବଂଚିତ ରୁହ । କେବଳ ନିଜର ରକ୍ତ ସମ୍ପର୍କୀୟଙ୍କ ସହିତ ମିଳାମିଶା କରିପାରିବ । ଆଜିକାଲି ଦେଖନ୍ତୁ କି ସଂସାରବାସୀ ଏ କଥାକୁ ବୁଝିସାରିଛନ୍ତି । ହଲିଉଡ୍‌କୁ ଦେଖନ୍ତୁ ପୁରୁଷଙ୍କ ବିରୋଧରେ କିପରି କୋଳାହଳ ଚାଲିଛି । ଏପରିକି ବର୍ଲିନ୍‌ଠାରେ ଗୋଟିଏ ସଂଗୀତ କାର୍ଯ୍ୟକ୍ରମ ଥିଲା ଯେଉଁଠି ମହିଳାମାନଙ୍କୁ ଅଲଗା କରିଦିଆଗଲା ।

ବର୍ତମାନ ଅନେକ ଫଙ୍କସନ୍ ଏପରି ହେଉଛି ଯାହା କେବଳ ମହିଳାମାନଙ୍କ ପାଇଁ ଅନୁଷ୍ଠିତ କରାଯାଉଛି । କାହିଁକି? କିଛି ତ ଖରାପ କଥା ଅଛି ଯେଉଁଥିପାଇଁ ଏପରି ମତ ସାମନାକୁ ଆସିଛି କି, ମହିଳାମାନଙ୍କର ଫଙ୍କସନ୍ ଅଲଗା ହେଉ ଓ ଏହା କେବଳ ମହିଳାମାନଙ୍କର ସମ୍ମାନ ଖାତିର୍ କରାଯାଉଛି ନଚେତ୍ ଯଦି ଆପଣମାନେ କୌଣସି ଅସୁବିଧାରେ ପଡ଼ିଛନ୍ତି ଓ ସାହାଯ୍ୟ ସହଯୋଗ ଚାହୁଁଛନ୍ତି ତେବେ ଆପଣ ମୋତେ ବା ଅନ୍ୟ କୌଣସି ପ୍ରକୃତ ମୁସଲ୍‌ମାନଙ୍କୁ ସାହାଯ୍ୟ ସହଯୋଗ କରିବାରେ ସର୍ବାଗ୍ରେ ପାଇବେ । ଯଦି ଆପଣ ଭୂମି ଉପରେ ପଡ଼ିଥିବେ, ବେମାର ଥିବେ ଓ ବେହୋସ୍ ହୋଇଯାଇଥିବେ ବା ଅନ୍ୟ କୌଣସି କଷ୍ଟରେ ପିଡୀତ ଥିବେ, ସେତେବେଳେ ମୁଁ ଆପଣଙ୍କୁ ଉଠାଇବି ଓ ଉଠାଇବା ପାଇଁ ଆପଣଙ୍କ ଶରୀର ଓ ହାତକୁ ଛୁଇଁବାକୁ ପଡିଲେ ମୁଁ ଛୁଇଁବି । ସୁତରାଂ ଯେଉଁଠି ମଧ୍ୟ ଏପରି ଆବଶ୍ୟକ ପଡିବ ସେଠାରେ ଆମେ ଏପରି କରିବୁ । କିନ୍ତୁ ଯଦି କୌଣସି ଆବଶ୍ୟକତା ନଥିବ ତେବେ ଆମପାଇଁ ଏହା ଜରୁରୀ ନୁହେଁ କି ଆମେ ହାତ ମିଳାଇବୁ ।

ତଜାକିସ୍ତାନ୍‌ରୁ ଆସିଥିବା ଜଣେ ଅତିଥି ମିର୍ଜା ରହିମ୍ ସାହେବ, ଯିଏ ହେଉଛନ୍ତି ଜଣେ ରାଜନୈତିଜ୍ଞ ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୋତେ ଜଲ୍‌ସାରେ ପ୍ରଥମଥର ପାଇଁ ସାମିଲ୍ ହେବାର ସୁଯୋଗ ମିଳିଛି ଓ ମୁଁ ଏଠାରେ ଜମାତ୍ ଅହେମଦୀୟାକୁ ଅତି ନିକଟରୁ ଦେଖିବାକୁ ପାଇଛି । ସମସ୍ତ କାର୍‌କୁନ୍ ମାନଙ୍କର ଉତ୍ସାହ ମୋ ପାଇଁ ଏକ ଉଦାହରଣ ଥିଲା କି କିପରି ସବୁ ମିଳିମିଶି ଦିନରାତି କାର୍ଯ୍ୟ କରୁଛନ୍ତି । ମୋ ମନରେ ଅନେକ ପ୍ରଶ୍ନ ଉଠିଥିଲା । ହଜୁର୍ ଅନ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ଅବଧିରେ ମୋ ମନରେ ଥିବା ସମସ୍ତ ପ୍ରଶ୍ନର ଉତର ମିଳିଗଲା ।

ହଜୁର୍ ଅନ୍ୱର୍‌ଙ୍କ ବ୍ୟକ୍ତିତ୍ୱ ହେଉଛି ବହୁତ ଜ୍ୟୋତିପୂର୍ଣ୍ଣ । ହଜୁର୍‌ଙ୍କୁ ଦେଖି ଓ ଜମାତ୍ ଅହେମଦୀୟାର ଲୋକମାନଙ୍କୁ ଦେଖିକରି ଜଣାପଡ଼ିଲା ଯେ ଆଜି ଏକତା କେବଳ ଜମାତ୍ ଅହେମଦୀୟା ନିକଟରେ ରହିଛି । ହଜୁର୍ ଅନ୍ୱର୍‌ଙ୍କୁ ରାଜନୀତି ବିଷୟରେ ଓ ସଂସାରର ପରିସ୍ଥିତି ଉପରେ ପ୍ରଗାଢ଼ ଜ୍ଞାନ ରହିଛି । ମୁସଲ୍‌ମାନ୍ ମାନଙ୍କ ବର୍ତମାନ ସମୟରେ ଯେଉଁ ଶୋଚନୀୟ ଅବସ୍ଥା ସୃଷ୍ଟି ହୋଇଛି ସେ ସମ୍ବନ୍ଧରେ ମୁଁ ପ୍ରଶ୍ନ କରିଥିଲି । ହଜୁର୍ ଏହାର ଉତର ବହୁତ ସ୍ପଷ୍ଟ ରୂପେ ଦେଇଛନ୍ତି । ମୋର ସମ୍ପୂର୍ଣ୍ଣ ରୂପେ ମନବୋଧ ହୋଇଗଲା । ମୁଁ ଭାବୁଛି କି ଜମାତ୍ ଅହେମଦୀୟା ଭବିଷ୍ୟତରେ ସମସ୍ତ ଉମ୍ମତେ ମୁସ୍‌ଲେମାଙ୍କୁ ଏକାଠି କରିପାରିବ । ମୋତେ ଏହି ଜମାତ୍ ନିଜର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ବହୁତ ଗାମ୍ଭୀର୍ଯ୍ୟ ଜଣାପଡୁଛି । ମୁଁ ଏହି ଜଲ୍‌ସାକୁ ଏବଂ ହଜୁର୍ ଅନ୍ୱର୍‌ଙ୍କ ସୁନ୍ଦର ସାକ୍ଷାତ୍‌କାର୍‌କୁ ସଦାସର୍ବଦା ମନେରଖିବି ।

ଆଉଜଣେ ଦିଲ୍ ଅଫ୍‌ରୋଜ ରସ୍ତୁମୋ ନାମକ ଅତିଥି, ଯିଏ ୟୁନିଭରସିଟିରେ ଲେକ୍‌ଚରର୍ ଅଛନ୍ତି ସେ ବର୍ଣ୍ଣନା କରୁଛନ୍ତି କି ମୁଁ ଜଲ୍‌ସାର ବ୍ୟବସ୍ଥା ଗୁଡିକ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ଅତିଥି ସତ୍କାର ଓ ସହଯୋଗର ଏପରି ଦୃଷ୍ଟାନ୍ତ ମୁଁ ମୋ ଜୀବନରେ ପ୍ରଥମଥର ଦେଖିବାକୁ ପାଇଛି । ଜମାତ୍ ଅହେମଦୀୟାକୁ ଏଠାରେ ବହୁତ ସ୍ୱାଧୀନତା ମିଳିଛି । ହଜୁର୍ ଅନ୍ୱର୍ ଲଜ୍‌ନାଙ୍କ ପାଇଁ ଯେଉଁ ଅଭିଭାଷଣ ପ୍ରଦାନ କଲେ ତାହା ବର୍ତମାନର ସମସ୍ୟା ଗୁଡିକର ପ୍ରକୃତ ସମାଧାନ । ଯଦି ସମଗ୍ର ସଂସାର ଏହା ଉପରେ ପରିଚାଳିତ ହୁଅନ୍ତା କି । ମୋତେ ହଜୁର୍ ଅନ୍ୱର୍‌ଙ୍କ ସହିତ ସାକ୍ଷାତ କରିବାର ମୌକା ମିଳିଲା । ହଜୁର୍ ଅନ୍ୱର୍‌ଙ୍କୁ

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ସାମ୍ବାଦିକତା ଓ ଆଜିକାଲିର ମିଡିଆର ସମସ୍ୟା ବିଷୟରେ ବହୁତ କିଛି ଜ୍ଞାନ ଅଛି । ମୁଁ ସାକ୍ଷାତ୍ କରିବା ପୂର୍ବରୁ ଏକଥା ଭାବୁଥିଲି କି ହଜୁର୍ ଜଣେ ଆଧ୍ୟାତ୍ମିକ ବ୍ୟକ୍ତିବିଶେଷ ଅଟନ୍ତି ବୋଲି । କିନ୍ତୁ ସାକ୍ଷାତ୍ କରିବା ପରେ ଜଣାପଡ଼ିଲା କି ହଜୁର୍ ଅନୁଓ୍ୱର୍ ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ହେବା ସହିତ ପୃଥିବୀର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ବହୁତ ଜ୍ଞାନ ରଖିଛନ୍ତି ଓ ହଜୁର୍ ସେଗୁଡିକର ସମାଧାନର ବାଟ ମଧ୍ୟ ଜାଣିଛନ୍ତି ।

ହଜୁର୍ ଅନୁଓ୍ୱର୍ ଠିକ୍ କହିଲେ କି ଆଜିର ଏହି ସଂସାରରେ ମିଡ଼ିଆ ବଭ୍ରାଟକୁ ପ୍ରସାର କରିବାରେ ସାମିଲ୍ ହୋଇଯାଇଛି । ଆଜି ଯଦି ମିଡିଆ ଚାହିଁବ ତେବେ ଏ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରାଇପାରିବ । ମୋର ଜମାତ୍ ଅହେମଦୀୟା ଓ ହଜୁର୍ ଅନୁଓ୍ୱର୍ଙ୍କ ସହିତ ଶୁଭକାମନା ରହିଛି ।

ଇଜ୍ଜତ୍ ଅମାନ୍ ସାହେବ୍ ସଦର୍ ଜମାତ୍ ତଜାକିସ୍ତାନ୍ ବର୍ଣ୍ଣନା କରୁଛନ୍ତି କି ମୁଁ ଜଲ୍‌ସାସାଲାନା ଜର୍ମାନୀରେ ଦ୍ୱିତୀୟଥର ପାଇଁ ସାମିଲ୍ ହୋଇଛି । ସମସ୍ତ ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା । ଏହା ସବୁ ହେଉଛି ଖିଲାଫତ୍‌ର ବର୍‌କାତ୍ । ହଜୁର୍ ଅନୁଓ୍ୱର୍ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ମିଳିଲା । ହିଜାବ୍ ସମ୍ବନ୍ଧରେ ହଜୁର୍ ଅନୁଓ୍ୱର୍ଙ୍କ ବ୍ୟାପକ ରୂପେ ଦିଆଯାଇଥିବା ଉତର ବହୁତ ଭଲ ଲାଗିଲା । ମୋତେ ଏପରି ଲାଗୁଛି କି ବର୍ତମାନ ସମୟରେ ହଜୁର୍ ଅନୁଓ୍ୱର୍ଙ୍କୁ ମହିଳାମାନଙ୍କ ଅଧିକାର ବିଷୟରେ ବହୁତ ଚିନ୍ତା ଅଛି । ଆଜି ଜମାତ୍ ଅହେମଦୀୟା ହିଁ ହଜୁର୍ ଅନୁଓ୍ୱର୍ଙ୍କ ନେତୃତ୍ୱରେ ମହିଳାମାନଙ୍କର ଅଧିକାରକୁ ଇସ୍‌ଲାମୀୟ ଶିକ୍ଷା ଆଲୋକରେ ଉଜାଗର କରୁଅଛି । ହଜୁର୍ ଅନୁଓ୍ୱର୍ ମହିଳାମାନଙ୍କୁ ବାପର୍ଦ୍ଦା କରାଇ ଏ ସମାଜକୁ ଏବଂ ଆସନ୍ତା ପିଢ଼ୀକୁ ସୁରକ୍ଷିତ କରୁଅଛନ୍ତି ।

ଲିଥୁଆନିଆରୁ ଆସିଥିବା ପ୍ରତିନିଧି ମଣ୍ଡଳର ସଦସ୍ୟମାନଙ୍କ ଭିତରେ ଜଣେ ମହିଳା ମିସେସ୍ ଆଓରିଲିୟା ଏନିଓ୍ୱର୍ତେ ସାହିବା ସାମିଲ୍ ଥିଲେ । ସେ ବର୍ଣ୍ଣନା କଲେ କି ଜଲ୍‌ସାର ପରିବେଶ ବହୁତ ପ୍ରେମପୁର୍ଣ୍ଣ ଓ ବନ୍ଧୁତ୍ୱପୁର୍ଣ୍ଣ ଥିଲା । ପ୍ରତ୍ୟେକ ଜଣେ ଅନ୍ୟଜଣକ ସହିତ ବହୁତ ପ୍ରେମର ସହିତ ବ୍ୟବହାର କରୁଥିଲା । ମୁଁ ବହୁତ ଦିନ ହେଲା ଜୀବନର ଉଦ୍ଦେଶ୍ୟ ସମ୍ବନ୍ଧରେ ଭାବୁଥିଲି । ଏହି ଜଲ୍‌ସାରେ ଯୋଗଦେବା ପରେ ମୁଁ ଜାଣିବାକୁ ପାଇଲି କି ଜୀବନର ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କ ସହିତ ମିଶି ଜଣେ ଅନ୍ୟଜଣକ ସେବା କରିବା ଓ ଅନ୍ୟର କାର୍ଯ୍ୟରେ ଆସିବା ।

ଲିଥୁଆନିଆରୁ ଆସିଥିବା ଜଣେ ଛାତ୍ର Mr. Eimis Vengrauskas ନିଜର ଭାବନାକୁ ବ୍ୟକ୍ତ କିର କହିଲେ କି ଏହି ଜଲ୍‌ସା ବାସ୍ତବରେ ଇସ୍‌ଲାମ୍‌ର ଅସଲ ସ୍ୱରୂପକୁ ଦେଖିବାର ଏକ ଏପରି ସୁଯୋଗ ଯାହାକୁ ମିଡିଆ ଦେଖାଇପାରୁନାହାଁନ୍ତି । ମୋ ପାଇଁ ସବୁଠାରୁ ପ୍ରଭାବଶାଳୀ କଥା ଏହା ଥିଲା କି ଲୋକମାନଙ୍କର ଆପୋଷରେ ପ୍ରେମପୁର୍ଣ୍ଣ ସମ୍ପର୍କ ଓ ସେମାନଙ୍କର ସଦାସର୍ବଦା ହସହସ ଚେହେରା । ଆପଣଙ୍କ ଖଲିଫାଙ୍କ ବ୍ୟକ୍ତିତ୍ୱ ବହୁତ ପ୍ରଭାବଶାଳୀ । ସେ ହେଉଛନ୍ତି ଜଣେ । ପ୍ରେମର ପ୍ରତୀକ । ତାଙ୍କୁ ଦେଖି ଏ ଅନୁଭବ ହେଉଛି କି ଯେପରି ପ୍ରେମକୁ ଗୋଟିଏ ଶରୀର ସଦୃଶ ଆମେ ଦେଖିପାରୁଛୁ ।

Mrs. Saule Bulavaite ନିଜର ଭାବନାକୁ ପରିପ୍ରକାଶ କରି କହିଲେ କି ମୋ ପାଇଁ ଜଲ୍‌ସାରେ ଯୋଗଦେବା ଓ ଖଲିଫାଙ୍କ ସହିତ ସାକ୍ଷାତ୍ କରିବା ହେଉଛି ଦ୍ୱିତୀୟ ଅବସର । ଏହି ଜଲ୍‌ସାଟି ପୂର୍ବଥର ଜଲ୍‌ସା ଅପେକ୍ଷା ଉତମ ଥିଲା । କାରଣ ଏ ଥରକ ମୋ ନିକଟରେ ଇସ୍‌ଲାମ୍‌ର ଜ୍ଞାନ ପୂର୍ବାପେକ୍ଷା ଅଧିକ ହୋଇଛି । ହଜୁର୍ ଅନୁଓ୍ୱର୍ଙ୍କ ଅଭିଭାଷଣ ଗୁଡିକ ଲିଥୁଆନିଅନ୍ ଭାଷାରେ ଅନୁବାଦ କରିବା ପରେ ମୁଁ ଏହା କହିପାରିବି କି ତାହା ହିଦାୟତ୍‌ର ଗୋଟିଏ ଆଲୋକ ଓ ଯିଏ ଯେତେ ପାଇବ ସେହି ଜ୍ୟୋତିରୁ ଲାଭ ଉଠାଇପାରିବ ।

ଲିଥୁଆନିଆରୁ ଆସିଥିବା ଆଉଜଣେ ମହିଳା ଅତିଥି Mrs. Dalia Umbrasiene ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହି ଜଲ୍‌ସାରେ ସାମିଲ୍ ହୋଇ ମୋତେ ଆପଣମାନଙ୍କ ପ୍ରଥାକୁ ବହୁ ନିକଟରୁ ଦେଖିବା ପାଇଁ ସୁଯୋଗ ମିଳିଲା । ମୁଁ ଜଲ୍‌ସାର ପ୍ରୋଗ୍ରାମ୍ ଓ ବ୍ୟବସ୍ଥାଗୁଡିକରୁ ବହୁତ ପ୍ରଭାବିତ ହୋଇଛି । ଆପଣଙ୍କ ଖଲିଫାଙ୍କ ସହିତ ସାକ୍ଷାତ୍‌କାର୍ କରିବା ଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି । ମୁଁ ସମସ୍ତଙ୍କ ପାଇଁ ଶୁଭକାମନା ପରିପ୍ରକାଶ କରୁଛି ।

ଲିଥୁଆନିଆରୁ ଆସିଥିବା ଆଉଜଣେ ମହିଳା ଅତିଥି Mrs. Ausra Umbrasaite ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୁଁ ଜଲ୍‌ସାସାଲାନା ଜର୍ମାନୀରେ ପ୍ରଥମଥର ପାଇଁ ଯୋଗ ଦେଇଛି ଓ ଏଥିରୁ ବହୁତ କିଛି ଶିଖିବାକୁ ପାଇଛି । ବର୍ତମାନ ସମୟରେ ଏଭଳି ଇଜ୍‌ତିମା ବହୁତ ଗୁରୁତ୍ୱପୁର୍ଣ୍ଣ । କାରଣ ସାଧାରଣତଃ ଲୋକମାନଙ୍କ ମନରେ ଇସ୍‌ଲାମ ସମ୍ବନ୍ଧରେ ବହୁତ କିଛି ଭୁଲ୍ ଧାରଣା ଅବସ୍ଥିତ । ଜମାତ୍ ଅହେମଦୀୟାର ଏହା ଏକ ସୌନ୍ଦର୍ଯ୍ୟ କି ସେମାନେ ଅନ୍ୟ ଧର୍ମକୁ ମାନୁଥିବା ଲୋକମାନଙ୍କୁ ମଧ୍ୟ ଏହି ଜଲ୍‌ସାରେ ଯୋଗଦେବା ପାଇଁ ନିମନ୍ତ୍ରଣ କରୁଛନ୍ତି । ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ ପରିଚାଳିତ ହେବାର ଦେଖି ଇସ୍‌ଲାମ୍ ସମ୍ବନ୍ଧରେ ଆହୁରି ଅଧିକ ଜ୍ଞାନ ଆହରଣ କରିବା ପାଇଁ ଉତ୍ସାହ ସୃଷ୍ଟି ହୋଇଛି ଏବଂ ଏହିପରି ମୁସଲ୍‌ମାନ୍ ଓ ଅଣ ମୁସଲ୍‌ମାନ୍‌ଙ୍କ ମଧ୍ୟରେ ଥିବା ଦୂରତା ଶେଷ ହୋଇପାରିବ । ମୋ ପାଇଁ ଏହା ବହୁତ ସମ୍ମାନର ବିଷୟ କି ମୋତେ ଏ ଜଲ୍‌ସାରେ ଜଣେ ଅତିଥି ରୂପେ ଯୋଗଦେବା ପାଇଁ ସୌଭାଗ୍ୟ ମିଳିଛି ।

ତଜାକିସ୍ତାନ୍ ଏବଂ ଲିଥୁଆନିଆର ଅତିଥିମାନଙ୍କ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଏହି ସାକ୍ଷାତ୍‌କାର୍ ୮:୧୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ପ୍ରତିନିଧି ମଣ୍ଡଳର ସସଦ୍ୟମାନେ ଜଣ ଜଣ ହୋଇ ହଜୁର୍ ଅନୁଓ୍ୱର୍ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ଏହାପରେ ଆଫ୍ରିକୀୟ ଦେଶଗୁଡିକ ଗାମ୍ବିୟା, ନାଇଜେରିଆ, ଘାନା, ସିନିଗାଲ, କଙ୍ଗୋ ବ୍ରାଜାଓ୍ୱିଲ୍‌ରୁ ଆସିଥିବା ଅତିଥି ଓ ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସାକ୍ଷାତ୍‌କାର୍‌ର ବ୍ୟବସ୍ଥା ଅହେମଦୀୟା ମୁସ୍‌ଲିମ୍ ପ୍ୟାନ୍ ଆଫ୍ରିକାନ୍ ଆସୋସିଏସନ୍ ଜର୍ମାନୀ କରିଥିଲା ।

ପ୍ରାରମ୍ଭରେ ହଜୁର୍ ଅନୁଓ୍ୱର୍ ଜାଏଜା ନେଲେ କି ପୁରୁଷ ଓ ମହିଳାମାନେ କେଉଁ କେଉଁ ଦେଶରୁ ଆସିଛନ୍ତି । ଏହି ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆଜି ଏଠାରେ ଗାମ୍ବିୟାର ସଦସ୍ୟମାନେ ଅଧିକା ଉପସ୍ଥିତ ଅଛନ୍ତି ଓ ଘାନାର ସଦସ୍ୟ କମ୍ ଅଛନ୍ତି । ଏହା ପ୍ରଥମଥର ଏପରି ହେଉଛି । କିନ୍ତୁ ୟୁ.କେ ଜଲ୍‌ସାରେ ଏପରି କଦାପି ହୋଇନାହିଁ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କୁ ପ୍ରଶ୍ନ ପଚାରିବା ପାଇଁ ଅନୁମତି ପ୍ରଦାନ କଲେ ।

ସର୍ବପ୍ରଥମେ ଜଣେ ଘାନାର ଅହେମଦୀ ପଚାରିଲେ କି ହଜୁର୍ ବିଭିନ୍ନ ଅବସରରେ ନିଜ ଅଭିଭାଷଣ ଗୁଡିକରେ ଗୋଟିଏ କଥା କହୁଛନ୍ତି କି ଯେଉଁ ଶିକ୍ଷକମାନେ ଅଛନ୍ତି ସେମାନେ ଛାତ୍ରଛାତ୍ରୀମାନଙ୍କର ଧ୍ୟାନକୁ ସେପଟକୁ ନେଇଯାଉଛନ୍ତି । ଅର୍ଥାତ୍ ଇଶ୍ୱରଙ୍କର କୌଣସି ଅସ୍ତିତ୍ୱ ନାହିଁ । ଏହିପରି ସେମାନେ ଛାତ୍ରଛାତ୍ରୀମାନଙ୍କ ମନ ଭିତରୁ ଇଶ୍ୱରଙ୍କ ଅସ୍ତିତ୍ୱକୁ ଲିଭାଇବାକୁ ଚାହୁଁଛନ୍ତି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହାର ଅର୍ଥ ହେଉଛି କି ଆପଣମାନଙ୍କୁ ପିଲାମାନଙ୍କ ପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିବ । ଯେତେବେଳେ ସେମାନେ ଘରକୁ ଆସିବେ ସେତେବେଳେ ଆପଣମାନେ ସେମାନଙ୍କର ଉତମ ତର୍‌ବିୟତ୍ ଘରେ କରିବେ । ପିଲାମାନଙ୍କୁ ଅଧିକା ସମୟ ଦିଅନ୍ତୁ । ଯଦ୍ୱାରା ସେମାନେ ଏକଥାରେ ନିଶ୍ଚିତ ହେବେ କି ଇଶ୍ୱରଙ୍କର ଅସ୍ତିତ୍ୱ ଅଛି । ବର୍ତମାନ ସମୟରେ ବିଭିନ୍ନ ପ୍ରକାରର ପ୍ରମାଣ ମିଳୁଛି । ସୋସିଆଲ୍ ମିଡିଆ ଦେଖନ୍ତୁ କି ଜଣେ ଆଫ୍ରିକୀୟ ପ୍ରଫେସର୍ କହୁଛନ୍ତି କି ଖୁଦା କେଉଁଠାରେ ଅଛନ୍ତି ? ଜଣେ ଛୋଟ ଝିଅ ଏହାର ଉତର ଦେଉଛି । ଯଦିଚ ଏହା ଗୋଟିଏ ଥଟ୍ଟା ପରିହାସ ରୂପରେ କରାଯାଇଛି, କିନ୍ତୁ ଏହି ପରିହାସ ଭିତରେ ଇଶ୍ୱରଙ୍କର ଅସ୍ତିତ୍ୱର ଗୋଟିଏ ଦୃଢ଼ ପ୍ରମାଣ ବର୍ଣ୍ଣନା କରାଯାଇଛି । ସୁତରାଂ ଆପଣମାନଙ୍କୁ ବହୁତ ପରିଶ୍ରମ କରି ଏ କାର୍ଯ୍ୟ କରିବାକୁ ହେବ । ତତ୍‌ସହିତ ନିଜ ଶିକ୍ଷକମାନଙ୍କୁ ମଧ୍ୟ ବୁଝାନ୍ତୁ କି ଯେଉଁଠି ଆମେ ମା'ବାପା ମାନେ ନିଜ ପିଲାମାନଙ୍କୁ ନିଜ ଧର୍ମ ମୁତାବକ ତର୍‌ବିୟତ୍ କରୁଅଛୁ ଓ ସେମାନଙ୍କୁ ଧର୍ମ ଶିକ୍ଷା ଦେଉଅଛୁ, ସେଠାରେ ଶିକ୍ଷକମାନେ ପିଲାମାନଙ୍କୁ ଧର୍ମରୁ ଅଲଗା ହେବାର କଥା କହୁଛନ୍ତି । ଏହାଦ୍ୱାରା ପିଲାମାନଙ୍କର ମନ ପ୍ରଭାବିତ ହେଉଛି । ତେଣୁ ଆପଣମାନେ ସେମାନଙ୍କୁ କୌଣସି ସ୍ୱାଧିନ ଦେଉନାହାଁନ୍ତି । ସ୍ୱାଧିନ ତ ସେତେବେଳେ ହେବ ଯେତେବେଳେ ସେମାନଙ୍କୁ କିଛି କୁହା ନଯିବ । ଯେତେବେଳେ ସେମାନେ ପ୍ରାପ୍ତ ବୟସ୍କ ହୋଇଯିବେ ସେମାନଙ୍କୁ ସେମାନଙ୍କର ନିଷ୍ପତି ତାଙ୍କୁ ନିଜେ କରିବାକୁ ଦିଅ । ଗୋଟିଏ ପିଲା ଯୁକ୍ତାତ୍ମକ ମସ୍ତିଷ୍କର ମାଲିକ ହୋଇନଥାଏ । ପିଲାଟି ନିଜେ ନିଷ୍ପତି କରିପାରେନାହିଁ କି ସେ ଠିକ୍ କରୁଛି କି ଭଲ୍ କରୁଛି ବୋଲି । ସେ ଯାହା ହେଉ ଏ ବିଷୟରେ ପ୍ରଥମ କଥା ହେଉଛି ଏହା କି ଆପଣମାନେ ପିଲାମାନଙ୍କ ସହିତ ଅଧିକ ସମୟ ବିତାନ୍ତୁ ଓ ଦ୍ୱିତୀୟ କଥାଟି ହେଉଛି ସେମାନଙ୍କ କମ୍ପୁଥିଲା । ଶିକ୍ଷକମାନଙ୍କ ସହିତ ମଧ୍ୟ କଥା ହୁଅନ୍ତୁ । ବହୁତ ଏପରି ମା' ବାପା ଅଛନ୍ତି ଯେଉଁମାନେ ଶିକ୍ଷକଙ୍କ ସହିତ କଥା ହୋଇଛନ୍ତି ବରଂ ମୋର ଏହା ମଧ୍ୟ ମନେ ଅଛି କି ଯେତେବେଳେ ମୁଁ ଘାନାରେ ଥିଲି ସେଠାରେ ମୋ ପିଲାମାନେ ମଧ୍ୟ ଇସାଇ ମାନଙ୍କ ସ୍କୁଲ୍‌ର ପଢୁଥିଲେ । ଗୋଟିଏ ଦିନ ମୋ ପୁଅ ତା ମୁହଁରୁ ଏ ଶବ୍ଦ ବାହାର କଲା କି ଇସା ଆ:ସ ହେଉଛନ୍ତି ଅଲ୍ଲାଃତାଲାଙ୍କର ପୁତ୍ର । ଏଥିରେ ମୁଁ ତାଙ୍କୁ କହିଲି କି ନୁହେଁ । ସେ ଅଲ୍ଲାଃଙ୍କର ପୁତ୍ର ନୁହଁନ୍ତି ବରଂ ଅଲ୍ଲାଃଙ୍କର ନବୀ ଅଟନ୍ତି । ଏପରି କଥା ତୁମକୁ କହିବା ଉଚିତ୍ ନୁହେଁ । ଦିନେ ଯେବେ ସ୍କୁଲ୍‌ରେ କିଛି ନଜମ୍ ପଢ଼ିବା ପାଇଁ କୁହାଗଲା ତ ସେଥିରେ ମଧ୍ୟ କିଛି ଏପରି ଶବ୍ଦ ଥିଲା କି ଯେପରି ଇସା ଆ:ସ ହେଉଛନ୍ତି ଅଲ୍ଲାଃତାଲାଙ୍କର ପୁତ୍ର । ମୋ ପୁଅ ସେହି ଶବ୍ଦକୁ କହିବା ପାଇଁ ମନା କରିଦେଲା । ଏଥିରେ ସେମାନେ ମୋ ଝିଅକୁ ସେକଥା କହିଲେ । ଆପଣଙ୍କୁ ଥାର୍ଡ୍ ଓ୍ୱାର୍ଲଡ୍‌ରେ ଥିବା ସ୍କୁଲ୍‌ମାନଙ୍କର ବ୍ୟବସ୍ଥା ତ ଜଣାଥିବ । ଏଥିରେ ସେ ଦୁଇଜଣଙ୍କୁ ଦଣ୍ଡ ମଧ୍ୟ ଦିଆଗଲା ଓ ମରାଗଲା । ତିନିଦିନ ପର୍ଯ୍ୟନ୍ତ ତାଙ୍କୁ ଦଣ୍ଡ ମିଳିଲା । ଚତୁର୍ଥ ଦିନ ମୁଁ ସେଠାକୁ ଗଲି ଓ ଯାଇ ସେମାନଙ୍କୁ ବତାଇଲି କି ଆମର ଏ ବିଶ୍ୱାସ ଅଛି କି ଇସା ଆ:ସ ଇଶ୍ୱରଙ୍କ ପୁତ୍ର ନୁହଁନ୍ତି ବରଂ ତାଙ୍କର ନବୀ ଅଟନ୍ତି । ଆଜିଠାରୁ ମୋ ପିଲାମାନେ କଦାପି ଏକଥା କହିବେ ନାହିଁ କି ଇସା ଖୁଦାଙ୍କ ପୁତ୍ର ବୋଲି । ସେମାନେ ଏପରି ଅବସରରେ ଚୁପ୍ ରହିବେ ବା କହିବେ କି ଇସା ହେଉଛନ୍ତି ଖୁଦାଙ୍କ ନବୀ । ଏହା ଶୁଣି ସ୍କୁଲ୍‌ର ଶିକ୍ଷକମାନେ କହିଲେ ଠିକ୍ ଅଛି । ଆଜିଠାରୁ ସେମାନଙ୍କୁ କିଛି କୁହାଯିବ ନାହିଁ । ପ୍ରତ୍ୟେକ ପରିବେଶ ଓ ପ୍ରତ୍ୟେକ ସ୍ଥାନରେ କିଛି ନା କିଛି ଅସୁବିଧା ଉପୁଜିଥାଏ, ଯାହାକୁ ମା'ବାପା ସମ୍ମୁଖୀନ କରିଥାନ୍ତି । ତେଣୁ ଏହି ଅସୁବିଧା ଆପଣମାନଙ୍କୁ ସମାଧାନ କରିବାକୁ ହେବ ।

ଆଉଜଣେ ପଚାରିଲେ କି ଅନେକ ଲୋକ ଏ ଅନୁଭବ କରିଛନ୍ତି ଯେ ଯେତେବେଳେ ସେମାନେ ହଜୁର୍ ଅନୁଓ୍ୱର୍ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଅପେକ୍ଷାରେ ଥାଆନ୍ତି ସେତେବେଳେ ସେମାନେ ଏହା ଭାବିଥାନ୍ତି ଯେ ହଜୁର୍ ଅନୁଓ୍ୱର୍ଙ୍କ ସହିତ କଣ କଥା ହେବେ ଓ ତାଙ୍କୁ କଣ ପଚାରିବେ । କିନ୍ତୁ ସେ ସବୁ କଥା ସାକ୍ଷାତ୍ କରିବା ସମୟରେ ସେମାନେ ଭୁଲିଯାଆନ୍ତି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏଥିରେ ତ ମୋର କୌଣସି ଭୁଲ୍ ନାହିଁ । ଯଦି ଆପଣ ସାକ୍ଷାତ୍ କରିବା ପୂର୍ବରୁ ଯେଉଁ କଥା କହିବାକୁ ଚାହୁଁଛନ୍ତି ତାକୁ ଭୁଲି ନାହାଁନ୍ତି ତେବେ ଏହାର ଅର୍ଥ ହେଉଛି କି ପୁଣି ଯାହାକିଛି ଲୋକମାନେ କହୁଛନ୍ତି ତାହା ଭୁଲ୍ ଅଟେ । ହଁ ବେଳେବେଳେ କିଛି ଲୋକ ଏତେ ଭାବବିହୋଳ ହୋଇଯାଇଥାଆନ୍ତି କି ଏତଦ୍ୱାରା ସେମାନେ ନିଜର ଭାବନାକୁ ବ୍ୟକ୍ତ କରିପାରନ୍ତି ନାହିଁ । ବିଶେଷ ରୂପେ ସେହି ଲୋକମାନେ ଯେଉଁମାନେ ପ୍ରଥମଥର ସାକ୍ଷାତ୍ କରିଥାନ୍ତି । ଏହା ସେମାନଙ୍କର ଭାବ ବିହୋଳତା ଯୋଗୁଁ ହୋଇଥାଏ, ଭୟ ଯୋଗୁ ନୁହେଁ । ମୁଁ ମଧ୍ୟ ଜଣେ ମଣିଷ । ଥରେ ଜଣେ ବ୍ୟକ୍ତି ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାକ୍ଷାତ୍ କରିବା ସମୟରେ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.3 Thursday 11 October 2018 Issue No.41

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)


# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ସେପ୍ଟେମ୍ବର ୨୦୧୮)

**୬ ସେପ୍ଟେମ୍ବର ୨୦୧୮ (ଗୁରୁବାର)**

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୫:୪୦ରେ ଆସି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୱର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠିପତ୍ର ଏବଂ ରିପୋର୍ଟ ଇତ୍ୟାଦି ତଦାରଖ କଲେ ଓ ସେଗୁଡ଼ିକରେ ହିଦାୟତ୍ ପ୍ରଦାନ କଲେ । ଏହିପରି ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଠିକ୍ ଦିନ ୨ଟା ସମୟରେ ହଜୁର୍ ଅନୱର୍ ଅ:ବ:ଅ ମସ୍‌ଜିଦ୍‌ରେ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଆଜି ପ୍ରୋଗ୍ରାମ୍ ମୁତାବକ କାସ୍‌ରୋଏ ଜଲ୍‌ସାଗାଃ ପାଇଁ ଗସ୍ତ କରିବାର ଥିଲା । ୫:୧୫ରେ ହଜୁର୍ ଅନୱର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଏବଂ ଦୁଆ କରାଇଲେ । ଏଠାରୁ କାସ୍‌ରୋଏ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ବଇତୁସ୍ ସବୁହ୍ ଫ୍ରାଙ୍କଫର୍ଟରୁ କାସ୍‌ରୋଏ ସହରର ଦୂରତା ୧୬୦କି.ମି । କାସ୍‌ରୋଏ ଠାରେ ଯେଉଁ ସ୍ଥାନରେ ଜଲ୍‌ସା ଅନୁଷ୍ଠିତ ହୁଏ ତାକୁ K.MESSE କୁହାଯାଏ । ଏହାର ସମ୍ପୂର୍ଣ୍ଣ କ୍ଷେତ୍ରଫଳ ହେଉଛି ୧ଲକ୍ଷ ୫୦ ହଜାର୍ ସ୍କୋୟାର୍ ମିଟର୍ ଓ ଢ଼ଙ୍କା ହୋଇଥିବା ଅଂଶର କ୍ଷେତ୍ରଫଳ ହେଉଛି ୭୦ହଜାର୍ ସ୍କୋୟାର୍ ମିଟର୍ । ଏହାଭିତରେ ଚାରିଗୋଟି ବଡ଼ ବଡ଼ ହଲ୍ ଅଛି ଓ ଏହି ଚାରୋଟିଯାକ ହଲ୍ ହେଉଛି ଏୟାର୍ କଣ୍ଡିସନ୍ । ପ୍ରତ୍ୟେକ ହଲ୍‌ର କ୍ଷେତ୍ରଫଳ ହେଉଛି ୧୨୫୦ ସ୍କୋୟାର୍‌ମିଟର୍ ଏବଂ ହଲ୍ ଭିତରେ ଚଉକି ଉପରେ ୧୨ହଜାର୍ ସଦସ୍ୟ ବସିପାରିବେ ଏବଂ ପ୍ରତ୍ୟେକ ହଲ୍‌ରେ ୧୮ ହଜାର୍‌ରୁ ଅଧିକା ଲୋକେ ନମାଜ ପାଠ କରିପାରିବେ । ଏହି ଚାରିଗୋଟି ହଲ୍ ସହିତ ସଂଲଗ୍ନ ମୋଟାମୋଟି ୧୨୮ଟି ପାଇଖାନା ଏବଂ ଅନେକ ଗୁଡ଼ିଏ ଛୋଟଛୋଟ କୋଠରୀ ମଧ୍ୟ ରହିଛି । ଏଠାରେ ୧୦ ହଜାର୍ ଗାଡ଼ି ପାର୍କିଂ କରିବା ପାଇଁ ସ୍ଥାନ ରହିଛି ।

ଦୁଇଘଂଟା ଯାତ୍ରା କରିବା ପରେ ହଜୁର୍ ଅନୱର୍ ଅ:ବ:ଅ ଠିକ୍ ୭:୧୫ରେ ଜଲ୍‌ସାଗାଃରେ ପହଂଚିଲେ । ଜଲ୍‌ସାଗାଃ ପହଂଚିବାର କିଛି କି.ମି ପୂର୍ବେ ପୋଲିସ୍ ଗାଡ଼ି ହଜୁର୍ ଅନୱର୍ ଅ:ବ:ଅଙ୍କ କାଫେଲାକୁ ଏସ୍‌କର୍ଟ କଲା । ହଜୁର୍ ଅନୱର୍ ଅ:ବ:ଅ ଯେଉଁକ୍ଷଣି ଗାଡ଼ିରୁ ବାହାରକୁ ବାହାରିଲେ ଅମୀର୍ ସାହେବ୍ ଜର୍ମାନୀ, ଅଫିସର୍ ଜଲ୍‌ସାସାଲାନା, ମହମ୍ମଦ୍ ଇଲିୟାସ୍ ମଜୁକେ ସାହେବ୍, ଅଫିସର୍ ଜଲ୍‌ସାଗାଃ ହାଫିଜ୍ ମୁଜଫର୍ ଇମ୍‌ରାନ୍ ସାହେବ୍ ଓ ଅଫିସର୍ ଖିଦ୍‌ମତେ ଖଲ୍‌କ ହସ୍‌ନାତ୍ ଅହେମଦ୍ ସାହେବ୍ ହଜୁର୍ ଅନୱର୍‌ଙ୍କୁ ସମ୍ବର୍ଦ୍ଧନା ଜଣାଇ ସ୍ୱାଗତ କଲେ ଏବଂ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ କିଛି ସମୟ ପାଇଁ ହଜୁର୍ ଅନୱର୍ ଅ:ବ:ଅ ନିଜ ପାଇଁ ସଂରକ୍ଷଣ ଥିବା ଆବାସସ୍ଥଳୀ ଭିତରକୁ ଚାଲିଗଲେ ।

**ମୁଆଇନା ଇନ୍‌ତେଜାମାତ୍ (ବ୍ୟବସ୍ଥା ଗୁଡ଼ିକର ନିରୀକ୍ଷଣ)**

୭:୩୫ରେ ଜଲ୍‌ସାସାଲାନାର ଇନ୍‌ତେଜାମାତ୍‌ର ନିରୀକ୍ଷଣ ଆରମ୍ଭ ହେଲା । ଜଲ୍‌ସାସାଲାନାର ନାଏବ୍ ଅଫିସର୍‌ଗଣ ଧାଡ଼ିବାନ୍ଧି ଛିଡ଼ା ହୋଇଥିଲେ । ହଜୁର୍ ଅନୱର୍ ଅ:ବ:ଅ ବହୁତ ସ୍ନେହର ସହିତ ତାଙ୍କ ପାଖ ଦେଇ ଗଲେ ଓ ନିଜର ହାତକୁ ଉପରକୁ ଉଠାଇ ଅସ୍‌ସଲାମୋ ଆଲୈକୁମ୍ କହିଲେ । ସର୍ବପ୍ରଥମେ ହଜୁର୍ ଅନୱର୍ ଅ:ବ:ଅ ସ୍କାନିଂ ସିଷ୍ଟମ୍‌ର ନିରୀକ୍ଷଣ କଲେ । ଏହାପରେ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍‌ର ପ୍ରୋଗ୍ରାମିଙ୍ଗ୍ ବିଭାଗ ଏବଂ ଏଡ଼ିଟିଂ ବିଭାଗରେ ପ୍ରବେଶ କଲେ ଏବଂ ସେଠିକାର ମୁନ୍‌ତଜିମିନ୍ (ବ୍ୟବସ୍ଥାପକ)ଙ୍କ ଠାରୁ ସେ ବିଷୟରେ କିଛି କଥା ପଚାରି ବୁଝିଲେ । ଏହାପରେ ହଜୁର୍ ଅନୱର୍ ଅ:ବ:ଅ ହଲ୍‌ର ବାହାର ଭାଗରେ ସ୍ଥାପନ ହୋଇଥିବା ଟ୍ରାନ୍‌ସଲେସନ୍ ବିଭାଗ ଭିତରକୁ ପ୍ରବେଶ କଲେ ଯେଉଁଠି ବିଭିନ୍ନ ଭାଷାରେ ଜଲ୍‌ସାସାଲାନାର ସମସ୍ତ ପ୍ରୋଗ୍ରାମ୍ ଓ ଭାଷଣ ଗୁଡ଼ିକର ଲାଇଭ୍ ଅନୁବାଦ ଉପସ୍ଥାପନ କରିବାର ବ୍ୟବସ୍ଥା ହୋଇଥିଲା । ଏଠି ଟ୍ରାନ୍‌ସ୍‌ଲେସନ୍ ପାଇଁ ୧୮ଟି କେବିନ୍ ଲଗାଯାଇଥିଲା । ୧୨ ରୁ ୧୩ଟି ଭାଷାରେ ଜଲ୍‌ସାସାଲାନାର ସମସ୍ତ ପ୍ରୋଗ୍ରାମ୍ ଗୁଡ଼ିକ ଅନୁବାଦ କରିବାର ବ୍ୟବସ୍ଥା ହୋଇଥିଲା । ଏତଦ୍‌ବ୍ୟତୀତ ମହିଳାମାନଙ୍କ ଜଲ୍‌ସାଗାଃ ନିମନ୍ତେ ବିଶେଷ ସେଶନ୍ ପାଇଁ ଆଉ ପାଂଚୋଟି ଭାଷାରେ ଅନୁବାଦ କରିବାର ବ୍ୟବସ୍ଥା କରାଯାଇଥିଲା । ଏହିପରି ସର୍ବମୋଟ ୧୮ଟି ଭାଷାରେ ଅନୁବାଦ କରିବାର ବ୍ୟବସ୍ଥା ଏଠାରେ କରାଯାଇଥିଲା ।

ଏହାପରେ ହଜୁର୍ ଅନୱର୍ ଅ:ବ:ଅ ସେହି ଷ୍ଟୋର୍ ନିକଟକୁ ଗଲେ, ଯେଉଁଠି ଖାଇବା ପିଇବା ଓ ବ୍ୟବହାର ଯୋଗ୍ୟ ବିଭିନ୍ନ ବସ୍ତୁଗୁଡ଼ିକୁ ଷ୍ଟୋର୍ କରାଯାଇଥିଲା । ଏହି ଷ୍ଟୋର୍ ରୁମ୍‌ରୁ ଆବଶ୍ୟକ ମୁତାବକ ଏହି ବସ୍ତୁଗୁଡ଼ିକ ବିଭିନ୍ନ ବିଭାଗକୁ ଯୋଗାଇ ଦିଆଯାଇଥାଏ । ଏହାପରେ ହଜୁର୍ ଅନୱର୍ ଅ:ବ:ଅ ଲଙ୍ଗର୍‌ଖାନାର ନିରୀକ୍ଷଣ କଲେ । ସର୍ବପ୍ରଥମେ ହଜୁର୍ ଅନୱର୍ ଅ:ବ:ଅ ମାଂସ କଟାଯାଉଥିବା ସ୍ଥାନର ତଦାରଖ କଲେ । ଏଠାରେ ମାଂସଗୁଡ଼ିକ ମେସିନ୍ ମାଧ୍ୟମରେ କଟା ଯାଇଥାଏ । ହଜୁର୍ ଅନୱର୍‌ଙ୍କ ନିର୍ଦ୍ଦେଶ ମୁତାବକ ସେଠି ନିୟୋଜିତ ଥିବା କର୍ମୀମାନେ ମେସିନ୍ ସାହାଯ୍ୟରେ ମାଂସକାଟି ଦେଖାଇଲେ । ଏହି ମାଂସଗୁଡ଼ିକୁ ଗୋଟିଏ ନିର୍ଦ୍ଧାରିତ ଟେମ୍ପରେଚର୍ ଦେଇ ସଂରକ୍ଷିତ କରିବା ନିମନ୍ତେ ଗୋଟିଏ କଂଟେନର୍ ଆକାରର ଫ୍ରିଜ୍‌ର୍ ହାସଲ କରାଯାଇଛି । ଯେଉଁଥିରେ ଟନ୍‌ଟନ୍ ମାଂସ ରଖାଯାଇପାରିବ

ଏହାପରେ ହଜୁର୍ ଅନୱର୍ ଅ:ବ:ଅ ଲଙ୍ଗର୍‌ଖାନା ଭିତରେ ଖାଦ୍ୟ ପ୍ରସ୍ତୁତି କରାଯାଉଥିବା ବ୍ୟବସ୍ଥାର ନିରୀକ୍ଷଣ କଲେ ଏବଂ ଖାଇବାର ମାନକୁ ପରଖି ଦେଖିଲେ । ଚାଉଳ ବ୍ୟତୀତ ଆଳୁ ମାଂସର ତରକାରୀ ଏବଂ ଡାଲି ରନ୍ଧା ହୋଇସାରିଥିଲା । ତା ସହିତ ଅତିଥିମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ନାନ୍ ମଧ୍ୟ ରଖାଯାଇଥିଲା ।

ହଜୁର୍ ଅନୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଆଳୁ, ମାଂସ ଓ ଡାଲିରୁ ଅଳ୍ପ କିଛିନେଇ ଚାଖିଲେ ଏବଂ ଏକଥା ମଧ୍ୟ ଦେଖିଲେ କି ଦୁଇଟିଯାକ ତରକାରୀ ଠିକ୍ ହୋଇଛି କି ନାହିଁ । ପୁଣି ହଜୁର୍ ଅନୱର୍ ଅ:ବ:ଅ ଖାଦ୍ୟର ମାନ ସମ୍ବନ୍ଧରେ ମୁନ୍‌ତଜମିନ୍‌ଙ୍କ ସହିତ କଥା ହେଲେ ।

ବିଭିନ୍ନ କୌମ୍ ସହିତ ସମ୍ପର୍କ ରଖିଥିବା ଅତିଥିମାନଙ୍କ ନିମନ୍ତେ ସେମାନଙ୍କ ଆବଶ୍ୟକତା ଓ ମିଜାଜ୍ ମୁତାବକ ଅଲଗା ଅଲଗା ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା । ହଜୁର୍ ଅନୱର୍ ଅ:ବ:ଅ ସେହି ଖାଦ୍ୟଗୁଡ଼ିକ ବହୁତ ସ୍ନେହର ସହିତ ତଦାରଖ କଲେ ।

ଲଙ୍ଗର୍‌ଖାନାର କାର୍‌କୁନ୍‌ମାନେ ଗୋଟିଏ ବଡ଼ ସାଇଜ୍‌ର କେକ୍ ପ୍ରସ୍ତୁତ କରିଥିଲେ । ହଜୁର୍ ଅନୱର୍ ବହୁତ ସ୍ନେହର ସହିତ ନିଜ ଖୁଦାମ୍ ମାନଙ୍କ ପାଇଁ କେକ୍‌ଟିକୁ ଖଣ୍ଡ ଖଣ୍ଡ କଲେ ଓ ଗୋଟିଏ ଖଣ୍ଡ ନିଜେ ଖାଇଲେ । ଏହାପରେ ଲଙ୍ଗର୍‌ଖାନାର କର୍ମୀମାନେ ନିଜ ପ୍ରିୟ ଆକାଙ୍କ ସହିତ ଗ୍ରୁପ୍ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଲଙ୍ଗର୍‌ଖାନାର ବାହାରେ ''ଦେଗ୍ ୱାସିଂମେସିନ୍'' ଲଗାଯାଇଥିଲା । ବିଗତ ଦଶବର୍ଷ ହେବ ଏହି ମେସିନ୍ ଏଠାରେ ଲଗାଯାଉଛି ଓ ସମୟ ମୁତାବକ ଏହି ମେସିନ୍‌ର ସୁଧାର କରାଯାଉଛି । ଏହି ମେସିନ୍‌ଟିକୁ ଅହେମଦୀ ଇଞ୍ଜିନିୟର୍‌ମାନେ ମିଶି ନିଜେ ପ୍ରସ୍ତୁତ କରିଛନ୍ତି । ପ୍ରାରମ୍ଭରେ ଏପରି ଅବସ୍ଥା ଥିଲା କି ମେସିନ୍ ଭିତରେ ଦେଗ୍ ରଖିବା ପରେ ଗୋଟିଏ ବଟନ୍‌କୁ ଦବାଇବାକୁ ପଡୁଥିଲା । କିନ୍ତୁ ପଛବର୍ଷ ଠାରୁ ଏଥିରେ ସୁଧାର ଅଣାଯାଇଛି କି ବର୍ତ୍ତମାନ ଏହି ବଟନ୍‌ଟିକୁ ଦବାଇବାକୁ ପଡୁନାହିଁ । ବରଂ ଯେଉଁ କ୍ଷଣ ଦେଗ୍ ଗୁଡ଼ିକୁ ମେସିନ୍ ଭିତରେ ସଫା କରିବା ପାଇଁ ରଖାଯାଉଛି ସ୍ୱତଃପ୍ରୂତ ଭାବେ ଅଟୋମେଟିକ୍ ଫଙ୍କସନ୍ ଆରମ୍ଭ ହୋଇଯାଉଛି । ଏପରି ଗୋଟିଏ ସିଷ୍ଟମ୍ ତା ଭିତରେ ଲଗାଯାଇଛି ଯଦ୍ୱାରା ସ୍ୱତଃପ୍ରୂତ ଭାବେ ଫଙ୍କସନ୍ ଆରମ୍ଭ ହୋଇଯାଉଛି । ଏବଂ ଦେଗ୍‌ଗୁଡ଼ିକ ଧୁଆ ହେବାର ପ୍ରୋସେସ୍ ସମ୍ପୂର୍ଣ୍ଣ ହେବାପରେ ଆପେଆପେ ଦେଗ୍‌ଗୁଡ଼ିକ ବାହାରକୁ ଆସିଯାଉଛନ୍ତି ।

ହଜୁର୍ ଅନୱର୍ ମୁଆଇନା କରିବା ସମୟରେ ସମ୍ବନ୍ଧିତ ଇନ୍‌ଚାର୍ଯ୍‌ମାନଙ୍କଠାରୁ ପଚାରି ବୁଝିଲେ କି ଏହି ମେସିନ୍‌ରେ ଆଉ ଅଧିକା କିଛି କରାଯାଇଛି କି । ଏଥିରେ ଇନ୍‌ଚାର୍ଯ୍ ସାହେବ୍ କହିଲେ କି ଏଥିରେ ଆଉକିଛି ସୁଧାର ଅଣାଯାଇନାହିଁ । ଯେପରି ଥିଲା ସେହିପରି ଅଛି ।

ଏହାପରେ ହଜୁର୍ ଅନୱର୍ ଅ:ବ:ଅ ପ୍ରାଇଭେଟ୍ ଟେଂଟ୍‌ଗୁଡ଼ିକ ଲଗାଯାଇଥିବା ପ୍ରାଙ୍ଗଣ ମଧ୍ୟରେ ପ୍ରବେଶ କଲେ ଓ ଟେଂଟ୍‌ଗୁଡ଼ିକ ମଧ୍ୟ ରାସ୍ତା ଦେଇ ଗଲେ । ରାସ୍ତାର ଦୁଇପଟେ ଜର୍ମାନୀର ବିଭିନ୍ନ ଜମାତ୍ ଓ ଇଲାକାରୁ ଆସିଥିବା ଫ୍ୟାମିଲି ଗୁଡ଼ିକ ନିଜ ନିଜ ଟେଂଟ୍ ନିକଟରେ ଛିଡ଼ା ହୋଇଥିଲେ । ସମସ୍ତେ ନିଜ ହାତକୁ ଉପରକୁ ଟେକି ହଜୁର୍ ଅନୱର୍‌ଙ୍କ ଗୋଚରରେ ସଲାମ୍ ଅର୍ପଣ କଲେ । ହଜୁର୍ ଅନୱର୍ ଅ:ବ:ଅ ବହୁତ ସ୍ନେହର ସହିତ ନିଜ ହାତକୁ ଉପରକୁ ଉଠାଇ ସଲାମ୍‌ର ଉତର ଦେଉଥିଲେ ଏବଂ କେତେକ ଲୋକଙ୍କ ସହିତ ହଜୁର୍ ଅନୱର୍ ସେମାନଙ୍କ ପାଇଁ ଲଗାଯାଇଥିବା ଟେଂଟ୍‌ଗୁଡ଼ିକ ସମ୍ବନ୍ଧରେ କଥା ମଧ୍ୟ ହେଲେ । ବିଭିନ୍ନ କୋଣରୁ ଜମାତ୍‌ର ସଦସ୍ୟମାନେ ଅନବରତ ନାରା ଲଗାଇ ଚାଲିଥିଲେ ।

ପ୍ରାଇଭେଟ୍ ଟେଂଟ୍‌ଗୁଡ଼ିକ ଲଗାଯାଇଥିବା ପ୍ରାଙ୍ଗଣରେ ଗୋଟିଏ ପଟେ ପ୍ରାଇଭେଟ୍ ଯାତ୍ରୀଦଳଙ୍କ ପାଇଁ ଗୋଟିଏ ଭାଗକୁ ସଂରକ୍ଷଣ ରଖାଯାଇଥିଲା । ଏହି ଟେଂଟ୍ ଓ ଯାତ୍ରୀଦଳଙ୍କ ପାଇଁ ନିର୍ଦ୍ଧାରିତ ହୋଇଥିବା ସ୍ଥାନର ଚାରିପଟେ ବାଡ଼ ଲଗାଯାଇଥିଲା ଓ ଗେଟ୍ ମଧ୍ୟ ତିଆରି ହୋଇଥିଲା ଓ ତା ଭିତରେ ରେଜିଷ୍ଟ୍ରେସନ୍, କାର୍ଡ ଚେକିଂ ଓ ସ୍କାନିଂ କରିବା ପରେ ହିଁ ପ୍ରବେଶ କରାଯାଇପାରିବ ।

ଏହାପରେ ହଜୁର୍ ଅନୱର୍ ଅ:ବ:ଅ ଲଜ୍‌ନା ଜଲ୍‌ସାଗାଃର ବ୍ୟବସ୍ଥା ଗୁଡ଼ିକର ନିରୀକ୍ଷଣ ନିମନ୍ତେ ଗଲେ । ଏ ବର୍ଷ ପ୍ରଥମଥର ଲଜ୍‌ନାଙ୍କ ନିମନ୍ତେ ଖାଦ୍ୟ ଖୁଆଇବାର ବ୍ୟବସ୍ଥା ଓ ସେମାନଙ୍କ ବଜାରର ବ୍ୟବସ୍ଥା ଜଲ୍‌ସାଗାଃର ବାହ୍ୟ ପ୍ରାଙ୍ଗଣରେ ଥିବା ଖୋଲା ଏରିଆରେ ଟେଂଟ୍ ଲଗାଇ କରାଯାଇଥିଲା । ଯାହା ଫଳରେ ବର୍ତ୍ତମାନ ତାଙ୍କ ନିମନ୍ତେ ଥିବା ଜଲ୍‌ସାଗାଃ ପାଇଁ ଢ଼େର୍ ସ୍ଥାନ ମିଳିଗଲା । ହଜୁର୍ ଅନୱର୍ ଲଜ୍‌ନାଙ୍କ ବ୍ୟବସ୍ଥା ଗୁଡ଼ିକ ମୁଆଇନା କଲେ ଏବଂ ସେମାନଙ୍କର ସମସ୍ତ

*ଅବଶିଷ୍ଟାଂଶ ପୃଷ୍ଠା-୦୬ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan